R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୪
ତିଥି : ପୂର୍ଣ୍ଣିମା
୧୨ ମେ' ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 214
12 May 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore





# 'ସଜାଗ ରୁହ, ଜବାବ ଦିଅ'



ନୂଆଦିଲ୍ଲୀ,୧୧।୫ : ପାକିସ୍ତାନ ସହିତ ଯୁଦ୍ଧବିରତି ପରେ, ଭାରତୀୟ ବାୟୁସେନା ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି । ସେନା କହିଛି ଯେ ଅପରେସନ ସିନ୍ଦୂର ଏବେବି ଜାରି ରହିଛି । ଆଇଏଏଫ୍ କହିଛି ଯେ ଆମେ ଏହି ଅପରେସନର ଉଦ୍ଦେଶ୍ୟ ପୂରଣ କରିଛୁ ଏବଂ ଏହା ବିଷୟରେ ବିସ୍ତୃତ ସୂଚନା ଦିଆଯିବ ।

ବିବୃତ୍ତିରେ କୁହାଯାଇଛି, ଭାରତୀୟ ବାୟୁସେନା ଅପରେସନ୍ ସିନ୍ଦୂର ଅଧୀନରେ ଦିଆଯାଇଥିବା ସମସ୍ତ କାର୍ଯ୍ୟକୁ ସଠିକତା ଏବଂ ଦାୟିତ୍ୱ ସହିତ ସଫଳତାର ସହିତ ସମାପ୍ତ କରିଛି । ଏହି ଅପରେସନ୍ ସତର୍କତାର ସହିତ କରାଯାଇଥିଲା, ଯାହା ଦେଶର ସ୍ୱାର୍ଥ ଅନୁଯାୟୀ ଥିଲା । ଯେହେତୁ ଏହି ଅପରେସନ୍ ଏବେବି ଜାରି ରହିଛି, ତେଣୁ ଏହାର ସମ୍ପୂର୍ଣ୍ଣ ସୂଚନା ଖୁବ୍ ଶୀଘ୍ର ଦିଆଯିବଛ ଗୁଜବରୁ ଦୂରେଇ ରହିବା ଏବଂ ମିଛ ସୂଚନା ପ୍ରସାର ନ କରିବାକୁ ବାୟୁସେନା ଲୋକଙ୍କୁ ନିବେଦନ କରିଛି ।

ଉଲ୍ଲେଖ ଥାଉ କି ଶନିବାର (୧୦ ମଇ, ୨୦୨୫) ସନ୍ଧ୍ୟାରେ, ବୈଦେଶିକ ମନ୍ତ୍ରଣାଳୟ କହିଥିଲା ଯେ ପାକିସ୍ତାନର ଅପିଲରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଲାଗୁ କରାଯାଇଛି । ତଥାପି, ଏହା ସତ୍ତ୍ୱେ, ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନ କରି ଜମ୍ମୁ-କାଶ୍ମୀର ସମେତ ଅନେକ ସ୍ଥାନରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଭାରତ ମଧ୍ୟ ପାକିସ୍ତାନର ଏହି କାର୍ଯ୍ୟର ଉଚିତ ଜବାବ ଦେଇଥିଲା ଏବଂ ସମସ୍ତ କ୍ଷେପଣାସ୍ତ୍ର ଏବଂ ଡ୍ରୋନକୁ ଖସାଇ ଦେଇଥିଲା । ରାତି ପ୍ରାୟ ୧୦ଟା ପରେ, ପାକିସ୍ତାନ ପକ୍ଷରୁ କୌଣସି ଗତିବିଧି ଦେଖାଯାଇ ନଥିଲା । ଏହି ସମୟରେ, ପାକିସ୍ତାନ ସହିତ ଯୁଦ୍ଧବିରତି (୯ ପୃଷ୍ଠାରେ)



## ସାମରିକ କାର୍ଯ୍ୟାନୁଷ୍ଠାନର ହିସାବ ନିକାସ

- ଆମର ସବୁ ପାଇଲଟ ସୁରକ୍ଷିତ
- ପାକ୍ ସେନାର ୪୦ ବରିଷ୍ଠ ଅଧିକାରୀ ନିହତ
- ୯ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ
- ମୃତ ଆତଙ୍କୀଙ୍କ ମଧ୍ୟରେ ୟୁସୁଫ, ଅବଦୁଲ, ମୁଦାସିର ଅନ୍ତର୍ଭୁକ୍ତ

## କେବଳ ପିଓକେ ଉପରେ ହିଁ ଆଲୋଚନା: ମୋଦି

ନୂଆଦିଲ୍ଲୀ,୧୧।୫ : ଅସ୍ତ୍ରବିରତି ପରେ ଭାରତ ପିଓକେ ସମ୍ପର୍କରେ ଏକ ବଡ଼ ବୟାନ ଦେଇଛି । ସୂତ୍ର ଅନୁସାରେ, ଭାରତ କହିଛି ଯେ କାଶ୍ମୀର ଉପରେ ଦେଶର ସ୍ଥିତି ବହୁତ ସ୍ପଷ୍ଟ । ଏବେ କେବଳ ଗୋଟିଏ ପ୍ରସଙ୍ଗ ବାକି ଅଛି । ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଫେରସ୍ତ । ଏହା ବ୍ୟତୀତ ଆଉ କିଛି ନାହିଁ । ଯଦି ସେମାନେ ଆତଙ୍କବାଦୀମାନଙ୍କୁ ହସ୍ତାନ୍ତର କରିବା (୯ ପୃଷ୍ଠାରେ)

## ୧୦୦ ଆତଙ୍କବାଦୀଙ୍କୁ ନିପାତ କରିଛୁ: ଡିଜିଏମ୍‌ଓ

ନୂଆଦିଲ୍ଲୀ,୧୧।୫ :ଭାରତ ଦ୍ୱାରା ନିକଟରେ କରାଯାଇଥିବା 'ଅପରେସନ୍ ସିନ୍ଦୂର' ଓ ପାକିସ୍ତାନ ସହିତ ଉତ୍ତେଜନା ନେଇ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ସ୍ଥଳ ସେନାର ମହାନିର୍ଦ୍ଦେଶକ ସୈନ୍ୟ ଅଭିଯାନ (ଡିଜିଏମ୍‌ଓ) ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘଇ, ଭାରତୀୟ ବାୟୁସେନାର ମହାନିର୍ଦ୍ଦେଶକ ବାୟୁ ଅଭିଯାନ (ଡିଜି ଏୟାର ଅପରେସନ୍) ଏୟାର ମାର୍ଶାଲ ଅବଧେଶ କୁମାର ଭାରତୀ ଓ ଭାରତୀୟ ନୌସେନା ଅଭିଯାନ (ଡିଜିଏନ୍‌ଓ)ର ଭାଇସ ଆଡମିରାଲ ଏଏନ୍ ପ୍ରମୋଦ ସାମିଲ ଅଛନ୍ତି । ଡିଜିଏମ୍‌ଓ ରାଜୀବ କହିଛନ୍ତି, ଆମେ ୧୦୦ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛୁ । ଏଥି ସହିତ ସେମାନଙ୍କର ଠିକଣାକୁ ଧ୍ୱଂସ କରିଦେଇଛୁ । ଆତଙ୍କବାଦୀମାନଙ୍କୁ ସେନା କଡ଼ା ଜବାବ ଦେଇଛୁ ।

## ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ସହ କଥା ହେଲେ ଡୋଭାଲ



ନୂଆଦିଲ୍ଲୀ,୧୧।୫: ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଶନିବାର ବିଳମ୍ବିତ ରାତିରେ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଡୋଭାଲ କହିଛନ୍ତି ଯେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତକୁ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ । ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଚୀନ୍ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରୁଛି । ଏଥି ସହିତ ସମସ୍ତ ପ୍ରକାରର ଆତଙ୍କବାଦ ଗତିବିଧିକୁ ମଧ୍ୟ ସମର୍ଥନ ଜଣାଉ ନାହିଁ । ବର୍ତ୍ତମାନର ଅନ୍ତର୍ଜାତୀୟ ପରିସ୍ଥିତି ଅଶାନ୍ତ ଏବଂ ପରସ୍ପର ସହିତ ଜଡିତ । ଏସୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ହାସଲ କରିବା କଷ୍ଟକର ଏବଂ ଏହାକୁ ଆଦର କରିବା ଆବଶ୍ୟକ । ଭାରତ ଏବଂ ପାକିସ୍ତାନ ଏପରି ପଡ଼ୋଶୀ ଯାହାକୁ ଅଲଗା କରାଯାଇପାରିବ ନାହିଁ ଏବଂ ଉଭୟ ଚୀନର ପଡ଼ୋଶୀ ।

## ବେସାମରିକ ସୁରକ୍ଷାରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୧।୫ (ସବ୍ୟୁ): ଦେଶର ସାଧାରଣ ଲୋକଙ୍କ ଜନଜୀବନର ସୁରକ୍ଷା ଆମସମସ୍ତଙ୍କ କର୍ତ୍ତବ୍ୟ । ଏଥି ପାଇଁ ଜାତୀୟତାର ମନୋଭାବ ରଖି ବେସାମରିକ ସୁରକ୍ଷା ସଂଗଠନରେ ସ୍ୱେଚ୍ଛାସେବୀ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୁବ ସମାଜକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ଯୁବ ସମାଜ ହିଁ ଆମ ଆଶା, ଭରଷା ଓ ଶକ୍ତିର ପ୍ରତୀକ । ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ । ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ । ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ । ଆବଶ୍ୟକ ହେଲେ ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇ ଦେବେ । ରାଜ୍ୟର ୧୨ଟି ସ୍ଥାନରେ ବେସାମରିକ ସୁରକ୍ଷା ସଂଗଠନ କାର୍ଯ୍ୟ କରୁଛି । ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନ ମାନଙ୍କରେ ନୂଆ ସଂଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେବା ଓ ଜାତୀୟତାର ମନୋଭାବ ରଖି ଅନେକ ବ୍ୟକ୍ତିବିଶେଷ ବିଶେଷ କରି ଯୁବ ବର୍ଗ ଆଗେଇ ଆସିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଛନ୍ତି ।

## ଦୀଘା ମନ୍ଦିର ବିବାଦ

## ଦଇତାପତି ରାମକୃଷ୍ଣ ଦାସମହାପାତ୍ର ନିଲମ୍ବିତ



### ମାସକ ପାଇଁ ମହାପ୍ରଭୁଙ୍କ ସେବା ତଥା ଶ୍ରୀମନ୍ଦିର ପ୍ରବେଶ ମନା

ପୁରୀ,୧୧।୫ (ସବ୍ୟୁ) : ଶ୍ରୀମନ୍ଦିର ପରମ୍ପରାକୁ କ୍ଷୁନ୍ନ କରି ପଶ୍ଚିମବଙ୍ଗ ଦୀଘାରେ ନିର୍ମିତ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପରି ପ୍ରେକ୍ଷିରେ ଶ୍ରୀମନ୍ଦିର ପ୍ରଶାସନ ରବିବାର ବରିଷ୍ଠ ଦଇତା ପତି ରାମକୃଷ୍ଣ ଦାସ ମହାପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଶ୍ରୀମନ୍ଦିରର ପ୍ରଶାସନ ପକ୍ଷରୁ ଶ୍ରୀ ରାମକୃଷ୍ଣଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକ ମାସ ଅର୍ଥାତ୍ ୩୦ (ତିରିଶ) ଦିନ ପାଇଁ ନିଲମ୍ବିତ କରାଯାଇଛି । ଏହି ନିଲମ୍ବନ ଆଦେଶ ପ୍ରଦାନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ କୁମାର ପାଢ଼ୀ । ଏହି ନିଲମ୍ବନ ସମୟ ଭିତରେ, ଶ୍ରୀ ଦାସ ମହାପାତ୍ର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ । ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି । ଏଥି ସହିତ ଶ୍ରୀ ଦାସମହାପାତ୍ରଙ୍କୁ ନିଲମ୍ବନ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଛି ଯେ, ନିଲମ୍ବନ ଅବଧି ସମୟରେ ଦଇତାପତି କିମ୍ବା ଅନ୍ୟ ନିଯୋଗର କୌଣସି ସେବକଙ୍କୁ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ପ୍ରଲୋଭିତ କିମ୍ବା ଧମକଚମକ କରି ଶ୍ରୀମନ୍ଦିରର କୌଣସି ସେବାପୂଜା ବା ନୀତିକାନ୍ତିରେ ବାଧକ ସାଜିବେ ନାହିଁ । ଏପରି କଲେ, ନିଲମ୍ବନ ଅବଧିକୁ ବର୍ଦ୍ଧିତ କରାଯାଇ, ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଶ୍ରୀ ଦାସମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ । ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଶ୍ରୀ ଦାସମହାପାତ୍ରଙ୍କ ବିଶୃଙ୍ଖଳ ଆଚରଣ ପରିଲକ୍ଷିତ ହେଲେ, (୯ ପୃଷ୍ଠାରେ)

## ପଶ୍ଚିମରୁ ଉପକୂଳ ଯାଏ ସିଝୁଛି

### ସମ୍ବଲପୁରରେ ୪୩.୨ ସହ ସବୁଠୁ ଉତ୍ତପ୍ତ

### ୧୯ ସହରରେ ତାପମାତ୍ରା ୪୦° ଉପରେ

### ୧୩-୧୫ ଯାଏ ଭୀଷଣ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର,୧୧।୫ (ସବ୍ୟୁ) : ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସକାଳ ୮ଟାରୁ ଆଜି ଖରା ତାଉ ଦେଖାଇଥିଲା । ଅଧିକାଂଶ ସ୍ଥାନରେ ୩୫ ଡିଗ୍ରୀ ଡେଇଁଥିଲା ପାରଦ । ଏହି ସମୟରେ ଆର୍ଦ୍ରତା ଅଧିକ ଥିବାରୁ ଗୁଳୁଗୁଳି ଅସ୍ତବ୍ୟସ୍ତ କରିଥିଲା । ସମ୍ବଲପୁର ସବୁଠୁ ଉତ୍ତପ୍ତ ସହ ୪୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ତେବେ ୧୩ରୁ ୧୫ ତାରିଖ ଭିତରେ ରାଜ୍ୟରେ ଭୟଙ୍କର ତାତି ଅନୁଭୂତ ହେବାର ସମ୍ଭାବନା ରହିଛି । ଏମିତି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ଏକ୍ସରେ ଲେଖିଛନ୍ତି, ଆଜି(ରବିବାର) ସକାଳ ୮ଟା ୩୦ ସୁଦ୍ଧା ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ, ସମ୍ବଲପୁରରେ ୩୪.୪ ଡିଗ୍ରୀ, ହୀରାକୁଦରେ ୩୪ ଡିଗ୍ରୀ, ବାଲେଶ୍ୱରରେ ୩୩ ଡିଗ୍ରୀ, ପୁରୀରେ ୩୩.୪ ଡିଗ୍ରୀ, ରାଉରକେଲାରେ ୩୨.୮ ଡିଗ୍ରୀ, ଭୁବନେଶ୍ୱରରେ ୩୨.୪ ଡିଗ୍ରୀ, ଚାନ୍ଦବାଲିରେ ୩୨.୨ ଡିଗ୍ରୀ, ପାରାଦୀପରେ ୩୧.୨ ଡିଗ୍ରୀ, ଗୋପାଳପୁରରେ ୩୦.୨ ଡିଗ୍ରୀ ରେକର୍ଡ କରାଯାଇଛି । (୯ ପୃଷ୍ଠାରେ)

DADLS-22

ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା




ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0652/2526

## ସମ୍ବେଦନଶୀଳ ଇଲାକାରେ ଏସ୍‌ଟିଜି ପହଁରା



ଭୁବନେଶ୍ୱର, ୧୧।୫ (ସବ୍ୟୁ) : ଭାରତ -ପାକିସ୍ଥାନ ଆକ୍ରମଣ ପ୍ରତିଆକ୍ରମଣକୁ ନେଇ ଦେଶ ହାଇ ଆଲର୍ଟ ଥିବା ବେଳେ ଓଡିଶାର ରାଜଧାନୀ ସମେତ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ ହୋଇଛି। ଭୁବନେଶ୍ୱର ଓ ରାଜ୍ୟର ସମ୍ବେଦନଶୀଳ ସ୍ଥାନମାନଙ୍କରେ ଅତିରିକ୍ତ କମାଣ୍ଡୋ ସଜାଗ ରହିବା ସାଙ୍ଗକୁ ପୋଲିସ ମଧ୍ୟ ସକ୍ରିୟ ରହିଛି। ଡିଜିପିଙ୍କ ନିର୍ଦ୍ଦେଶରେ ଉପକୂଳଠାରୁ ରାଜ୍ୟର ଉପାନ୍ତ ପର୍ଯ୍ୟନ୍ତ ସୁରକ୍ଷାକର୍ମୀମାନେ ସଜାଗ ରହିଛନ୍ତି। ବହୁ ସ୍ଥାନରେ ସୁରକ୍ଷାକର୍ମୀଙ୍କ ମକ୍‌ଡ୍ରିଲ୍ ସରିଥିବା ବେଳେ ରବିବାର ଭୁବନେଶ୍ୱରର ସମ୍ବେଦନଶୀଳ ସ୍ଥାନରେ ଏସ୍‌ଟିଜି(ସ୍ପେଶାଲ୍ ଟାକ୍‌ଟିସ୍ ଗ୍ରୁପ୍) କମାଣ୍ଡୋମାନେ ଏକେ ୪୭ ବନ୍ଧୁକ ସହ ବୁଲେଟ୍ ପ୍ରୁଫ୍ ଏସ୍‌ୟୁଭିରେ ପଇଁତରା ମାରିବା ସହ ମକ୍‌ଡ୍ରିଲ୍ କରିଛନ୍ତି। ଏସ୍‌ଟିଜିର ୨୭ ଜଣ କମାଣ୍ଡୋ କମିଶନରେଟ୍ ପୋଲିସ ମୁଖ୍ୟାଳୟରେ ପହଞ୍ଚି କାର୍ଯ୍ୟାରମ୍ଭ କରିଛନ୍ତି। ଯେଉଁ ଏସ୍‌ଟିଜି ବୁଲେଟ୍ ପ୍ରୁଫ୍ ଗାଡି ବ୍ୟବହାର କରୁଛନ୍ତି ସେହି ଗାଡି ଭିତରେ ଥାଇ ଏକେ ୪୭ରୁ ଗୁଳି ବାହାରିବା ବ୍ୟବସ୍ଥା ଥିବା ଦେଖିବାକୁ ମିଳିଛି। ଭାରତ -ପାକିସ୍ଥାନ ଆକ୍ରମଣ -ପ୍ରତିଆକ୍ରମଣ ସମୟରେ ଲୋକଙ୍କ ଆତ୍ମବିଶ୍ୱାସ ବଢେଇବା ପାଇଁ କମାଣ୍ଡୋମାନେ ସେମାନଙ୍କ କାର୍ଯ୍ୟକ୍ରମ କରୁଛନ୍ତି।


ରାଜଧାନୀର ଆଭ୍ୟନ୍ତରୀଣ ସୁରକ୍ଷାରେ ପୋଲିସ ମଧ୍ୟ ସକ୍ରୀୟ ରହିଛି। ବାଇକ୍ ପେଟ୍ରୋଲିଂ ସାଙ୍ଗକୁ ସମ୍ବେଦନଶୀଳ ସ୍ଥାନରେ ଅତିରିକ୍ତ ପୋଲିସ ଫୋର୍ସ ନିୟୋଜିତ ବ୍ୟବସ୍ଥା ହୋଇଛି। ଏସ୍‌ଓଜି କମାଣ୍ଡୋମାନେ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



"ମୋର ଏଭଳି ଅନେକ ସାଙ୍ଗ ଅଛନ୍ତି ଯେଉଁମାନେ ଅପରେଶନ ସିନ୍ଦୂରକୁ ନେଇ କୌଣସି ମତ ଦେଉ ନାହାନ୍ତି । ସେମାନଙ୍କର ଡର କାଳେ ତାଙ୍କର ପାକିସ୍ତାନୀ ଫଲୋଅର୍ସ କମିଯିବେ ।

**ଫଲକ ନାଜ, ଅଭିନେତ୍ରୀ**



"ମାହିରା ଦିଦି ଆମକୁ ପାକିସ୍ତାନକୁ ଭୁଲ କହିବାର ଆବଶ୍ୟକତା ନାହିଁ । ଏହାର ପ୍ରମାଣ ସାରା ବିଶ୍ୱ ଦେଖୁଛି । ସେହିଭଳି ଆଗକୁ ସ୍ଥିତି ଠିକ୍ ହେବାପରେ ଆମ ଭାରତକୁ କାମ ମାଗିବାକୁ ଆସିବ ନାହିଁ ।

**ଅଭିନାଶ ମିଶ୍ର, ଅଭିନେତା**



"ଏଭଳି ଅନେକ ବଡବଡ ଅଭିନେତା ଅଛନ୍ତି ଯେଉଁମାନେ ବର୍ତ୍ତମାନ ଅପରେଶନ ସିନ୍ଦୂର ଉପରେ କୌଣସି ମନ୍ତବ୍ୟ ଦେଉ ନାହାନ୍ତି । ହେଲେ ଆଗକୁ ଏହାର ସିନେମା ଆସିଲାବେଳେ ଏହି ଅଭିନେତାମାନେ ଏଥିରେ ଅଭିନୟ କରୁଥିବାର ଦେଖିବାକୁ ମିଳିବ ।

**ଅଭିନବ ଶୁକ୍ଳା, ଅଭିନେତା**

୧୬୬୬ – ପୁରନ୍ଦର ସନ୍ଧି ଅନୁସାରେ ଛତ୍ରପତି ଶିବାଜୀ ମହାରାଜ ଔରଙ୍ଗଜେବଙ୍କୁ ଭେଟ କରିବାକୁ ଆଗରା ଯାଇଥିଲେ ।

୧୭୮୪ – ପ୍ୟାରିସ୍ ବୁଝାମଣାକୁ ପ୍ରଭାବକୁ ଆସିଲା ।

୧୮୪୭ – ୱିଲିୟମ କ୍ଲିଣ୍ଟନ ଓଡୋମିଟରର ଆବିଷ୍କାର କରିଥିଲେ ।

୧୯୧୫ – କ୍ରାନ୍ତିକାରୀ ରାସବିହାରୀ ବୋସ ଜାପାନୀ ନୌକାରେ ବସି ଭାରତ ଛାଡିଥିଲେ ।

୧୯୬୫ – ଇଜରାଇଲ୍ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ରାଜନୈତିକ ସମ୍ବନ୍ଧ ଆରମ୍ଭ କରିବା ପାଇଁ ପତ୍ରର ଆଦାନ ପ୍ରଦାନ କରାଯାଇଥିଲା ।

୧୯୯୩ – ହିନ୍ଦିର ପରିଚିତ କବି ରାମଶେର ବହାଦୂର ସିଂଙ୍କର ନିଧନ ।

୨୦୦୮ – ଚୀନର ସିଚୁଆନ୍‌ରେ ଭୂକମ୍ପ ଫଳରେ ୮୭ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା ।

୨୦୧୦ – ଲିବିୟାର ତ୍ରିପୋଲୀ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦର ନିକଟରେ ଆଫ୍ରିକୀୟ ଏୟାରୱେଜ୍‌ର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦୩ ଲୋକଙ୍କର ମୃତ୍ୟୁ ।

## ବୁଦ୍ଧ ପୂର୍ଣ୍ଣିମା

ବୈଶାଖ ପୂର୍ଣ୍ଣିମାକୁ ବୁଦ୍ଧ ପୂର୍ଣ୍ଣିମା ନାମରେ ପରିଚିତ । ଏହି ଦିନରେ ଭଗବାନ ଗୌତମ ବୁଦ୍ଧ ଜନ୍ମ ନେଇଥିଲେ ଏବଂ ନିର୍ବାଣ ପ୍ରାପ୍ତି କରିଥିଲେ । ଏହି ଦିନ ହିଁ ସେ ବୁଦ୍ଧତ୍ୱ ପ୍ରାପ୍ତି କରିଥିଲେ । ସାରା ବିଶ୍ୱରେ ଏବେ ୫୦ କୋଟିରୁ ଅଧିକ ବୌଦ୍ଧ ଧର୍ମାବଲମ୍ବୀ ରହିଛନ୍ତି । ବୌଦ୍ଧ ଧର୍ମାବଲମ୍ବୀମାନେ ବେଶ୍ ଧୁମଧାମରେ ଏହି ପର୍ବ ପାଳନ କରିଥାନ୍ତି । ସନାତନ ହିନ୍ଦୁ ଧର୍ମରେ ଭଗବାନ ବୁଦ୍ଧଙ୍କୁ ବିଷ୍ଣୁଙ୍କ ନବମ ଅବତାର ଭାବେ ମାନ୍ୟତା ମିଳିଛି । ଏଣୁ ହିନ୍ଦୁଙ୍କ ପାଇଁ ମଧ୍ୟ ଏହି ଦିନ ବିଶେଷ ମହତ୍ତ୍ୱ ରଖିଥାଏ । ବିହାର ବୌଦ୍ଧଗୟାଠାରେ ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀମାନେ ସମ୍ପୂର୍ଣ୍ଣ ଭକ୍ତି ଭାବେ ଭଗବାନ ବୁଦ୍ଧଙ୍କ ପୂଜା କରିଥାନ୍ତି । ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ ହରିଦ୍ୱାରରେ ସ୍ନାନ କରି ପୁଣ୍ୟ ଅର୍ଜନ କରିବାର ପରମ୍ପରା ମଧ୍ୟ ରହିଛି । ଗୃହତ୍ୟାଗ ପରେ ସିଦ୍ଧାର୍ଥ ଲଗାତାର ସାତ ବର୍ଷ ପର୍ଯ୍ୟନ୍ତ ବଣରେ ବୁଲିଥିଲେ । କଠୋର ତପସ୍ୟା କରିବା ପରେ ବୈଶାଖ ପୂର୍ଣ୍ଣିମା ଦିନ ହିଁ ସେ ବୁଦ୍ଧତ୍ୱର ଜ୍ଞାନ ଲାଭ କରିଥିଲେ । ବୁଦ୍ଧଙ୍କ ଜନ୍ମ କପିଳାବସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ (ବର୍ତ୍ତମାନ ନେପାଳରେ ରହିଛି) ଠାରେ ହୋଇଥିଲେ । ସେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦ୍ଧନ ଏବଂ ରାଣୀ ମହାମାୟା ଦେବୀଙ୍କ ପୁତ୍ର ଥିଲେ । ମାଉସୀ ଗୌତମୀଙ୍କ ଦ୍ୱାରା ଲାଳିତପାଳିତ ହୋଇଥିବାରୁ ତାଙ୍କ ନାଁ ଗୌତମ ରହିଥିଲା । ବୁଦ୍ଧଦେବ ଅନେକ ଗୁରୁଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ ମଧ୍ୟ ଗୁରୁ ବିଶ୍ୱାମିତ୍ରଙ୍କ ଠାରୁ ସେ ବେଦ, ଉପନିଷଦ ଏବଂ ଶସ୍ତ୍ର ବିଦ୍ୟା ଶିକ୍ଷା କରିଥିଲେ । ସେ ଯଶୋଧାରାଙ୍କୁ ବିବାହ କରିଥିଲେ ତାଙ୍କର ରାହୁଲ ନାମରେ ଏକ ପୁତ୍ର ଥିଲା । ଦୁହେଁ ପରବର୍ତ୍ତୀ ସମୟରେ ବୌଦ୍ଧ ଭିକ୍ଷୁ ପାଲଟି ଯାଇଥିଲେ । ଭିନ୍ନ ଭିନ୍ନ ଦେଶରେ ଥିବା ବୌଦ୍ଧ ଧର୍ମାବଲମ୍ବୀମାନେ ଭିନ୍ନ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ବୁଦ୍ଧ ପୂର୍ଣ୍ଣିମା ପାଳିଥାନ୍ତି । କୌଣସି ପରିସ୍ଥିତିରେ ବି ସୂର୍ଯ୍ୟ, ଚନ୍ଦ୍ରମା ଏବଂ ସତ୍ୟ ଏହି ତିନୋଟି ଜିନିଷ ଲୁଚି ରହିପାରିବ ନାହିଁ। ଜୀବନରେ କୌଣସି ଉଦ୍ଦେଶ୍ୟ, ଲକ୍ଷ୍ୟ ପାଖରେ ପହଞ୍ଚିବା ଠାରୁ ବେଶି ମହତ୍ତ୍ୱପୂର୍ଣ୍ଣ ହେଉଛି ଯେଉଁ ରାସ୍ତାରେ ଆପଣ ଯାଉଛନ୍ତି ତାହାକୁ ପ୍ରଥମେ ଶେଷ କରନ୍ତୁ । ଏହା ହେଉଛି ବୁଦ୍ଧଙ୍କର ମାର୍ଗ । ସର୍ବଦା କ୍ରୋଧିତ ରହିବା, ଜଳୁଥିବା କୋଇଲାକୁ ଅନ୍ୟ ବ୍ୟକ୍ତି ଉପରେ ଫୋପାଡ଼ିବା ସଦୃଶ । ଏହି କ୍ରୋଧ ସର୍ବପ୍ରଥମେ ନିଜକୁ ହିଁ ଜାଳିଥାଏ । କ୍ରୋଧରେ ହଜାରେ ଭୁଲ ଶବ୍ଦ କହିବା ଅପେକ୍ଷା ମଉନ ରହିଗଲେ ଶାନ୍ତି ମିଳିଥାଏ ।

ଡକ୍ଟର ସୁରେଶ କୁମାର ନାୟକ
ମୋ : ୯୪୩୭୨୨୫୫୯୨



## ଟାଇଟଲ ପାଇଁ ଭିଡ




ଗତ ମେ' ସାତରେ ଭାରତୀୟ ସେନା ପକ୍ଷରୁ ଅପରେଶନ୍ ସିନ୍ଦୂରକୁ କାର୍ଯ୍ୟକାରୀ କରାଯାଇଛି । ଯାହା ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ବିରୋଧରେ ଭାରତର ଖୁବ ବଡ କାର୍ଯ୍ୟାନୁଷ୍ଠାନ ଥିଲା । ତେବେ ସୂଚନା ଅନୁସାରେ ଏହି ଅପରେଶନ ଭଳି ଏହାର ନାଁ ମଧ୍ୟ ଖୁବ ଭାଇରାଲ ହେବାରେ ଲାଗିଛି । ଅପରେସନ୍ ସିନ୍ଦୂରର ନାଁ ନିଜେ ପ୍ରଧାନମନ୍ତ୍ରୀ ବାଛିଥିବା ଜଣା ପଡିଛି । ତେବେ ଏହି ଟାଇଟଲକୁ ରେଜିଷ୍ଟ୍ରେସନ କରିବାକୁ ଫିଲ୍ମ ପ୍ରଯୋଜକଙ୍କ ଆଗ୍ରହ ଦେଖିବାକୁ ମିଳିଛି । ସୂଚନା ଅନୁସାରେ ପାଖାପାଖି ୫୦ ଜଣ ପ୍ରଯୋଜକ ଏହି ଟାଇଟଲକୁ ନିଜ ନାଁରେ କରିବାକୁ ଆବେଦନ କରିଛନ୍ତି । ତେବେ ନିୟମ ଅନୁସାରେ ଯଦି ଗୋଟିଏ ଟାଇଟଲ ପାଇଁ ଏକାଧୀକ ଆବେଦନ ଆସେ ତେବେ ପ୍ରଥମେ ଯିଏ କରିଛନ୍ତି ସେମାନଙ୍କୁ ପ୍ରାଥମିକତା ଦିଆଯାଇଥାଏ । ତେଣୁ ଏହି ଟାଇଟର ଜଣଙ୍କୁ ମିଳିବ ହେଲେ ଅନ୍ୟମାନେ ଏଥିରେ ପରିବର୍ତ୍ତନ କରି ଫିଲ୍ମ ନିର୍ମାଣ କରିପାରିବେ ବୋଲି ଏଫ୍‌ଡବ୍ଲ୍ୟୁଆଇସିଇର (ଫେଡେରସନ୍ ଅଫ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍)ର ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ଗୋଟିଏ ଟାଇଟଲ ପାଇଁ ଏଭଳି ଆବେଦନ ପ୍ରଥମଥର ପାଇଁ ହୋଇଥିବା ସେ ପ୍ରକାଶ କରିଛନ୍ତି । ସେହିଭଳି ଏହି ଟାଇଟଲର ଫିଲ୍ମ ଦେଖିବାକୁ ଲୋକଙ୍କ ଭିତରେ ମଧ୍ୟ ବେଶ ଉତ୍ସୁକତା ରହିବ ବୋଲି ସେ ପ୍ରକାଶ କରିଛନ୍ତି ।

## ନଡିଆ କଦଳୀ ଇଡଲି

**ସାମଗ୍ରୀ–** ଇଡଲି ଆଣ, ଗୁଡ,ଲୁଣ, ଗୁଜୁରାତି ଗୁଣ୍ଡ, ପାଚିଲା କଦଳୀ, ନଡିଆ ରସ, ଗୁଡ ।

**ପ୍ରଣାଳୀ–** ପ୍ରଥମେ ଇଡଲି ଆଣରେ କଦଳୀ ଚକଟା ନହେଲେ ଛୋଟଛୋଟ କାଟି, ଗୁଡ, ଲୁଣ, ଗୁଜୁରାତି ଗୁଣ୍ଡ ପକାଇ ଗୋଳାଇ ନିଅନ୍ତୁ । ଏହାପରେ ଗୋଟିଏ ଇଡଲି ଟ୍ରେରେ ଘିଅ ଲଗାନ୍ତୁ, ଏଥିରେ ସେହି ଆଣକୁ ଦେଇ ସିଝାନ୍ତୁ । ସେହିପରି ଇଡଲି ସସ୍ ପ୍ରସ୍ତୁତ କରିବାପାଇଁ ନଡିଆ ରସକୁ ଗରମ କରନ୍ତୁ ସେଥିରେ ଗୁଣ୍ଡ ଗୁଡ ପକାନ୍ତୁ । ଗୁଡ ଏଥିରେ ମିଳାଇବା ପର୍ଯ୍ୟନ୍ତ ଏହାକୁ ଗୋଳାନ୍ତୁ । ଗୁଡ ମିଳାଇବା ପରେ ଏହାକୁ ପୂର୍ବ ପ୍ରସ୍ତୁତ କଦଳୀ ଇଡଲି ସହିତ ପରଷନ୍ତୁ ।



## ବି ୧୨ ଭିଟାମିନ୍‌ର ଉତ୍ସ




**ଆମ ଶରୀରରେ ବିଭିନ୍ନ ପୋଷଣ ତତ୍ତ୍ୱର ଆବଶ୍ୟକତା ସବୁବେଳେ ରହିଥାଏ । ଏହି ପୋଷଣ ଆମକୁ ଖାଦ୍ୟରୁ ମିଳିଥାଏ । ଏହି ପୋଷକ ତତ୍ତ୍ୱରେ ଭିଟାମିନ୍ ବି ୧୨ ଆମର ଖୁବ ଆବଶ୍ୟକ ଥାଏ । ବି ୧୨ ଆମର ଶିରା ଓ ରକ୍ତ କଣିକା ପାଇଁ ଖୁବ ଉପକାରୀ ହୋଇଥାଏ । ଆସନ୍ତୁ ସେହିଭଳି କିଛି ସାଦା ଖାଇବା ସମ୍ପର୍କରେ ଜାଣିବା ଯେଉଁଗୁଡିକୁ ଆମକୁ ଭିଟାମିନ ବି ୧୨ ମିଳିଥାଏ ।**

**ଦୁଗ୍ଧଜାତୀୟ ଖାଦ୍ୟ–** ଦୁଗ୍ଧ ଜାତୀୟ ଖାଦ୍ୟ ଯେପରି ଖୀର, ଦହି, ଛେନା, ଚିଜ୍ ଆଦିରେ ବି୧୨ର ପରିମାଣ ଖୁବ ଅଧିକ ରହିଥାଏ । ଏଗୁଡିକୁ ଖାଇବା ଦ୍ୱାରା ଆମ ଶରୀରକୁ ଅଧିକ ପରିମାଣରେ ବି୧୨ ମିଳିଥାଏ । ତେଣୁ ଖାଦ୍ୟରେ ଏହି ସବୁ ସାଦା ଖାଦ୍ୟକୁ ସାମିଲ କରନ୍ତୁ ।

**ଉଦ୍ଭିଦଜାତ ଖୀର–** ଯଦି ଆପଣ ଭିଗାନ୍ ତେବେ ଖାଇବାରେ ଉଦ୍ଭିଦଜାତ ଖୀର ଯେପରି ଆଲମଣ୍ଡ ମିଲ୍କ, ସୋୟା ମିଲ୍କ ସାମିଲ କରନ୍ତୁ । ଏଥିରୁ ଆପଣଙ୍କୁ ବି ୧୨ ମିଳିବ ଯାହା ଆପଣଙ୍କ ଶିରା ଓ ରକ୍ତ କଣିକାକୁ ଶକ୍ତିଶାଳୀ କରିବ ।

**ଛତୁ–** ଛତୁର ସ୍ୱାଦ ପାଇଁ ଏହା ସାଦା ଖାଦ୍ୟରେ ଖୁବ ପରିଚିତ । ତେବେ ଏହାର ସ୍ୱାଦ ଭଳି ଏଥିରେ ପୋଷଣ ମଧ୍ୟ ଖୁବ ଅଧିକ ରହିଛି । ପ୍ରତିଦିନ ଛତୁ ଖାଇବା ଦ୍ୱାରା ଭିଟାମିନ୍ ବି୧୨ ଖୁବ ଅଧିକ ପରିମାଣରେ ମିଳିଥାଏ । ତେଣୁ ପ୍ରତିଦିନ ଖାଦ୍ୟରେ ଛତୁ ସାମିଲ କରନ୍ତୁ ।

**ଟୋଫୁ ଓ ସୋୟା–** ଟୋଫୁ ଓ ସୋୟାରେ ଭିଟାମିନ୍ ବି ୧୨ ଭରପୂର ପରିମାଣରେ ରହିଥାଏ । ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଶରୀରରେ ଥିବା ବି ୧୨ର ଅଭାବ ଦୂର ହୋଇଯିବ । ଏହାର ଅନେକ ଖାଦ୍ୟ ରହିଛି ଯାହାକୁ ଆପଣ ନିଜ ଡେଲି ମିଲ୍‌ରେ ସାମିଲ କରିପାରିବେ । ଏହା ଆପଣଙ୍କୁ ଶକ୍ତି ଯୋଗାଇବ ।



## ଚୁପ୍ ରହିବା ପାଇଁ ଟ୍ରୋଲ



ବଲିଉଡ ଷ୍ଟାର ଅମିତାଭ ବଚ୍ଚନ ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରୋଲ ହେବାରେ ଲାଗିଛନ୍ତି । ଭାରତ ପାକିସ୍ତାନ ଭିତରେ ଦେଖାଦେଇଥିବା ସ୍ଥିତିକୁ ନେଇ ସେ କୌଣସି ମନ୍ତବ୍ୟ ଦେଇ ନଥିବାରୁ ଏହି ଟ୍ରୋଲିଂର ସାମନା କରିଥିବା ଜଣା ପଡିଛି । ଅପରେସନ ସିନ୍ଦୂର ଲଞ୍ଚ ହେବାପରେ ସମସ୍ତେ ଏହାର ପ୍ରଶଂସା କରିବା ସହିତ ଭାରତୀୟ ସେନାଙ୍କୁ ନିଜର ସମର୍ଥନ ଜଣାଇଛନ୍ତି । ଏହି ତାଲିକାରେ ବଲିଉଡ କଳାକାରମାନେ ମଧ୍ୟ ସାମିଲ ଅଛନ୍ତି । ତେବେ ଏଥିରୁ କିନ୍ତୁ ନିଜକୁ ବାଦ ଦେଇଛନ୍ତି ଅମିତାଭ ବଚ୍ଚନ । ଅମିତାଭ ଏନେଇ କୌଣସି ମତ ଦେଇ ନଥିବାରୁ ୟୁଜର୍ସ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ଅମିତାଭଙ୍କ ଏକ୍ସ ଆକାଉଣ୍ଟରେ ଗତ କିଛିଦିନ ହେବ କେବଳ ଏକ ନମ୍ବର ପୋଷ୍ଟ ହେଉଛି, ଯାହାର ଅର୍ଥ ୟୁଜର୍ସଙ୍କୁ ବୁଝା ପଡୁନି । ହେଲେ ସେନାଙ୍କ ଅପରେସନ୍‌କୁ ନେଇ କୌଣସି ପୋଷ୍ଟ ସେ କରି ନଥିବାରୁ ଏହି ଟ୍ରୋଲିଂ ଆରମ୍ଭ ହୋଇଛି । ସେହିଭଳି ଅମିତାଭ ପ୍ରତି ରବିବାର ନିଜ ଘର ଜଲସା ଆଗରେ ଫ୍ୟାନଙ୍କୁ ଦେଖା ହେବାକୁ ଆସିଥାଆନ୍ତି । ହେଲେ ଏହି ରବିବାର ସେ ସେହି ଫ୍ୟାନ ମିଟ୍ ମଧ୍ୟ କରି ନାହାନ୍ତି । ସେହିଭଳି ୱେଭ୍ସ ୨୦୨୫ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିନଥିଲା । ଯାହାକୁ ନେଇ ଫ୍ୟାନମାନେ ଚିନ୍ତା ମଧ୍ୟ ପ୍ରକଟ କରୁଛନ୍ତି ।

## ଭାରତୀୟଙ୍କ ସର୍ଚ୍ଚ ଲିଷ୍ଟ



ଦେଶରେ ବର୍ତ୍ତମାନ ଯୁଦ୍ଧକୁ ନେଇ ଅନେକ କଥା ସାମନାକୁ ଆସୁଛି । ଏହାରି ଭିତରେ ଏକ ସର୍ଚ୍ଚ ଲିଷ୍ଟ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଭାରତୀୟମାନେ ବର୍ତ୍ତମାନ କଣ ସବୁ ସର୍ଚ୍ଚ କରୁଛନ୍ତି ତାହାର ସୂଚନା ରହିଛି । ଏହି ତାଲିକାରେ ଯୁଦ୍ଧ ସମ୍ବନ୍ଧୀତ ଅନେକ କଥା ରହିଛି । ଏଥିରେ କେବଳ ଯୁଦ୍ଧ ସମ୍ବନ୍ଧୀତ ସର୍ଚ୍ଚ ହିଁ ରହିଛି । ଏଥିରେ ଦେଶବାସୀ ବିମାନ ବନ୍ଦର ବନ୍ଦ କି ଖୋଲା, ଆପିଏଲ୍ ଆଉ ଖେଳାଯିବ କି ନାହିଁ, ସେନା ପକ୍ଷରୁ କରାଯାଉଥିବା ଅପରେସନ୍ କଣକଣ, କେତେବେଳେ ଭାରତ ଓ ପାକିସ୍ତାନ ଯୁଦ୍ଧ ସରିବ, ସେହିଭଳି ପାକିସ୍ତାନକୁ ଯୁଦ୍ଧ ଲଢିବାକୁ ଅର୍ଥ କେଉଁଠୁ ମିଳିବ ଭଳି ବିଷୟ ରହିଛି । କେବଳ ଯୁଦ୍ଧ ବିଷୟରେ ସମସ୍ତ ସର୍ଚ୍ଚ କରାଯାଇଥିବା ଦେଖିବାକୁ ମିଳିଛି, ଯାହା ଲୋକଙ୍କର ଉତ୍କଣ୍ଠା ସମ୍ପର୍କରେ କତଥ୍ୟ ଦେଉଛି ।

## ଚୀନର ଶ୍ରବଣ କୁମାର

ସୋସିଆଲ ମିଡିଆରେ ଜଣେ ଯୁବକଙ୍କର ଫଟୋ ଓ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଯୁବକଙ୍କୁ ଭାରତୀୟ ସୋସିଆଲ ମିଡିଆ ୟୁଜର୍ସ ଚୀନର ଶ୍ରବଣ କୁମାରର ଆଖ୍ୟା ଦେଇଛନ୍ତି । ଚୀନର ଗଣମାଧ୍ୟମରେ ଏନେଇ ଖବର ପ୍ରସାରିତ ହେବାପରେ ଏହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୫୧ ବର୍ଷୀୟ ଚାଇ ବାନବିନ୍ ନିଜ ମା'ଙ୍କୁ ପିଠିରେ ଲଦି ବିଭିନ୍ନ ଧର୍ମୀୟ ସ୍ଥାନ ବୁଲୁଛନ୍ତି । ତାଙ୍କର ୮୮ ବର୍ଷୀୟା ମାଆଙ୍କର ପକ୍ଷାଘାତ ସମସ୍ୟା ରହିଛି । ସେ ସବୁସମୟରେ ହୁଇଲ ଚେୟାରରେ ବସିଥାଆନ୍ତି । ତେବେ କେଉଁଆଡେ ବୁଲିବାକୁ ଯିବା ସମୟରେ ଚାଇ ଛୋଟ ପିଲାଙ୍କ ଭଳି ତାଙ୍କୁ ପିଠିରେ ଧରି ଯାଇଥାଆନ୍ତି । ତେବେ ପୁଅଙ୍କର ଏଭଳି ଭଲପାଇବାକୁ ସମସ୍ତେ ଖୁବ ପ୍ରଶଂସା କରୁଥିବାର ଦେଖିବାକୁ ମିଳୁଛି । ସମସ୍ତେ ତାଙ୍କୁ ଭାରତର ଶ୍ରବଣ କୁମାରଙ୍କ ସହିତ ତୁଳନା କରୁଛନ୍ତି ।



## ବିଡିଏ ଆଲଟମେଣ୍ଟରେ କେଳେଙ୍କାରୀ
# ଫାଇଲ ପିଛା ୪୦ ହଜାର ନେଉଥିବା ଅଭିଯୋଗ

ଭୁବନେଶ୍ୱର(ସବ୍ୟୁ): ପୁଳାପୁଳା ଟଙ୍କା ନଦେଲେ ଫାଇଲ ଘୁଞ୍ଚୁନି । ଟଙ୍କା ଦେବା ପରେ ବି ଫାଇଲ କାମ ହେଉନି । ଦିନେ କି ଦୁଇଦିନ ନୁହେଁ ମାସ ମାସ ଧରି ଫାଇଲ ପଡ଼ିରହୁଛି । ବିଡିଏର ଜଣେ ଆଲଟମେଣ୍ଟ ଅଫିସର ଓ ଜଣେ ବଦଳି କର୍ମଚାରୀ ମିଳିମିଶି ହାତ ଚିକ୍କଣ କରୁଛନ୍ତି । ଫାଇଲ ପିଛା ପାଞ୍ଚ ଶହ କି ହଜାରେ ନୁହେଁ ପୂରା ୪୦,୦୦୦ ଟଙ୍କା ନେଉଛନ୍ତି । ଏମିତି ଅଭିଯୋଗ କରିଛନ୍ତି ଜଣେ ଆବେଦନକାରୀ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ରେ ସ୍ୱଚ୍ଛତା ଆସିପାରୁନାହିଁ । ବିଡିଏର ଆଲଟମେଣ୍ଟ ସେକ୍ସନରେ ଅନିୟମିତତା ହୋଇଥିବା ଉପାଧ୍ୟକ୍ଷ ଜାଣିବାକୁ ପାଇଥିବା ବେଳେ ସମସ୍ତ କର୍ମଚାରୀଙ୍କ ଦରମା ବନ୍ଦ କରିଦେଇଛନ୍ତି । ହେଲେ ଯେଉଁ ଆଲଟମେଣ୍ଟ ଅଫିସର ପୁଳାପୁଳା ଅର୍ଥ ଖାଉଛନ୍ତି, ତାଙ୍କର ଦରମା ବନ୍ଦ ହୋଇନାହିଁ କି ପ୍ରମୋସନ ପାଇ ପ୍ଲାନିଂକୁ ବଦଳି ହୋଇଥିବା ଜଣେ ସେକ୍ସନ ଅଫିସର ଏବେ ବି ଅଲଟମେଣ୍ଟରେ କାର୍ଯ୍ୟ କରିବା ସହିତ ଫାଇଲରେ କିପରି ଦସ୍ତଖସ୍ତ କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି । ଏହି ଦୁଇ ଜଣ



ମିଳିମିଶି ଲୋକଙ୍କଠୁ ଲୁଟୁଥିବା ଅଭିଯୋଗ ହେଉଛି ।

ଆଲଟମେଣ୍ଟକୁ ଏବେ ବଦଳି ହୋଇ ଆସିଥିବା କର୍ମଚାରୀଙ୍କ ସହିତ ପୁରୁଣା କର୍ମଚାରୀଙ୍କ ଦୁଇମାସ ଦରମା ବନ୍ଦ ହୋଇଛି । ଆଲଟମେଣ୍ଟ ଦାୟିତ୍ୱରେ ଥିବା ଜଣେ ଓଏଏସ ଅଧିକାରୀ ଏହି କେଳେଙ୍କାରୀରେ ସମ୍ପୃକ୍ତି ରହିଛି । ସେହି ଅଧିକାରୀ ଜଣଙ୍କ ବଦଳି ହୋଇଥିବା କର୍ମଚାରୀଙ୍କ ଦ୍ୱାରା ମୋଟା ଅଙ୍କର ଅର୍ଥ ନେଉଥିବା ଅଭିଯୋଗ ହେଉଛି । ଜମି କିମ୍ବା ଘରର ମାଲିକାନା ସତ୍ତ୍ୱ ପରିବର୍ତ୍ତନ

**ଆଲଟ୍‌ମେଣ୍ଟ ଅଫସିର-ବଦଳି କର୍ମଚାରୀଙ୍କ ମଧୁଚନ୍ଦ୍ରିକା**

**ଅଫିସରଙ୍କ ବଦଳରେ ତଳିଆ କର୍ମଚାରୀଙ୍କ ଦରମା ବନ୍ଦ**

**ପ୍ରମୋସନ ହୋଇ ରିଲିଫ ପରେ ବି ଗାଦି ଛାଡୁନାହାନ୍ତି କର୍ମଚାରୀ**

**ପ୍ଲାନିଂ ବଦଳି ପରେ ବି ଆଲଟମେଣ୍ଟ ଫାଇଲରେ ଦସ୍ତଖସ୍ତ କରୁଛନ୍ତି**

ପାଇଁ ଟଙ୍କା ନଦେଲେ ଫାଇଲ ଆଗକୁ ବଢୁନି । ଜଣେ ମଧ୍ୟବିତ ଶ୍ରେଣୀର ବ୍ୟକ୍ତି କରଜ କରି ଘର କି ଜମି ବିଡିଏ ଠାରୁ କିଣିଥିବ, ପୁଣି ମାଲିକାନା ସତ୍ତ୍ୱ ପରିବର୍ତ୍ତନ ପାଇଁ ହଜାର ହଜାର ଟଙ୍କା କେଉଁଠି ଆଣିବ ବୋଲି ନିଜ ନାଁ ଗୋପନ ରଖି ଏଭଳି କୋହଭରା କଣ୍ଠରେ କହିଛନ୍ତି । ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଆଲଟମେଣ୍ଟ ଅଫିସର ଓ ପ୍ଲାନିଂକୁ ବଦଳି ହୋଇଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ଦ୍ଦୋଶ କର୍ମଚାରୀଙ୍କ ଦରମା ବନ୍ଦ ନକରି ଦେବାକୁ କର୍ମଚାରୀଙ୍କ ମହଲରେ ଦାବି ହେଉଛି ।

## ହାଇକୋର୍ଟ ବିଚାରପତିଙ୍କ ଉତ୍କଳ ବାଳାଶ୍ରମ ପରିଦର୍ଶନ

କଟକ, (ସବ୍ୟୁ): ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଙ୍ଗମ କୁମାର ସାହି ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମକୁ ପରିଦର୍ଶନ କରିଛନ୍ତି । ବିଚାରପତି ଶ୍ରୀ ସାହୁ ବାଳାଶ୍ରମର ପରାମର୍ଶ କକ୍ଷ, ନୃତ୍ୟଗୀତ କକ୍ଷ, ଭୋଜନାଳୟ, ଅସୁସ୍ଥତାଜନିତ ବିଶ୍ରାମାଗାର, ବୁଝାମଣା ଏବଂ ସଭା କକ୍ଷକୁ ବୁଲି ଦେଖିଥିଲେ । ବିଦ୍ୟାଳୟର ଅଧୀକ୍ଷକ ପ୍ରଜ୍ଞା ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ବିଚାରପତି ଶ୍ରୀ ସାହୁ ଆଲୋଚନା କରିଥିଲେ । ରାଜ୍ୟ ଆଇନ ସେବା ପ୍ରାଧିକରଣର ସଚିବ ଏବଂ ଜିଲା ଆଇନସେବା ପ୍ରାଧିକରଣର ସଚିବ ଉପସ୍ଥିତ ଥିଲେ ।

## ସିଭିଲ ଡିଫେନ୍ସ ସଙ୍ଗଠନରେ
# ଯୋଗ ଦେବାକୁ ଯୁବ ସମାଜ ଆଗେଇ ଆସନ୍ତୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତ । ଏନେଇ ସେ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ଦେଲେ ଦେଶର ସାଧାରଣ ଲୋକଙ୍କ ଧନ, ଜୀବନର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ । ଏଥିପାଇଁ ଜାତୀୟତାର ମନୋଭାବ ନେଇ ବେସାମରିକ ସୁରକ୍ଷା ବା ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେବାକୁ ଯୁବ ସମାଜ ଆଗେଇ ଆସନ୍ତୁ । ସେବା ଓ ଜାତୀୟତାର ମନୋଭାବକୁ ଆହୁରି ଦୃଢ଼ କରନ୍ତୁ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲାସ୍ତରରେ ଜିଲାପାଳଙ୍କୁ ଆବେଦନ କରିପାରିବେ । ଜିଲ୍ଲାପାଳ ହେଉଛନ୍ତି ଜିଲ୍ଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ । ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ଆବଶ୍ୟକ ହେଲେ ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ । ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି । ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନଗୁଡ଼ିକରେ ନୂଆ ସଙ୍ଗଠନ ଗଢ଼ିବାକୁ ମୁଁ ନିର୍ଦ୍ଦେଶ ଦେଇଛି । ମୋର ଆଶା ଓ ବିଶ୍ୱାସ ବ୍ୟକ୍ତିବିଶେଷ ବିଶେଷ କରି ଯୁବବର୍ଗ ଆଗେଇ ଆସିବେ ।

## ବାରଙ୍ଗ କେନାଲ୍ ରୋଡ୍ ବୀଭତ୍ସ ହତ୍ୟାକାଣ୍ଡ ଘଟଣା
# ୫ ହତ୍ୟାକାରୀଙ୍କୁ ଗିରଫ କଲା ପୁଲିସ

କଟକ,(ସବ୍ୟୁ): କମିଶନରେଟ୍ ପୁଲିସ ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ଅନ୍ତର୍ଗତ ନୂଆଗାଁ ପୁରୀ କେନାଲ୍ ରୋଡ୍ରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାସ କରିଛି । ଲାଲବାଗ ଥାନା ଅଧିନ ଦେୱାନ ବଜାରରେ ଭଡା ରହୁଥିବା ଜଗତସିଂହପୁର ଜିଲ୍ଲାର ସେକ୍ ରାହୀଲ୍ ଅଲ୍ଲୀ(୨୫)ଙ୍କୁ ଗତ ୯ ତାରିଖରେ ଦୁର୍ବୃତ୍ତମାନେ ଲୁହା ରଡ୍‌ରେ ବାଡେଇ ହତ୍ୟା କରିଥିଲେ । ଏହି ଘଟଣାରେ ମୃତକଙ୍କ ଭାଇ ସେକ୍ ସାହିଲ୍ ଅଲ୍ଲୀ ବାରଙ୍ଗ ଥାନାରେ ୮ଜଣ ଦୁର୍ବୃତ୍ତଙ୍କ ନାଁରେ ଏତଲା ଦେଇଥିଲେ । ଏହି ସମସ୍ତ ଅଭିଯୁକ୍ତ ଗୋଚାଲଣକାରୀ ହୋଇଥିବା ଏତଲାରେ ଦର୍ଶାଇଥିଲେ । ତେବେ କମିଶନରେଟ୍ ପୁଲିସ, ସାଇବର ସେଲ୍ ଓ ଗୁଇନ୍ଦା ବିଭାଗର ମିଳିତ ତଦନ୍ତକ୍ରମେ ଆଜି ୫ଜଣ ହତ୍ୟାକାରୀଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ଗୋଡିସାହିର ବାବୁପ୍ରସାଦ ସାହୁ ଓରଫ୍ ବାବୁ(୨୭), ସୁନିଲ୍ ଯାଦବ ଓରଫ୍ ସୋନୁ(୨୩), ସୁଜିତ୍ ବେହେରା ଓରଫ୍ ଟିଟୁଲ୍(୨୦), ଜଗତପୁର ମୁଣ୍ଡାସାହିର ଗଗନକୁମାର ଦାସ ଓରଫ୍



ଲିପୁ(୨୬) ଏବଂ ବ୍ରଜବିହାରୀପୁରର ସୌମ୍ୟରଞ୍ଜନ ଦାସ ଓରଫ୍ ସୋମୁ(୨୫) । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ଏହି ଗ୍ୟାଙ୍ଗ ବିଭିନ୍ନ ସମୟରେ ଆଠଗଡ଼, ବଡ଼ମ୍ବା ଏବଂ ବାଙ୍କି ଭଳି ବିଭିନ୍ନ ସ୍ଥାନରୁ କଟକ ଆସୁଥିବା ଲୋକମାନଙ୍କୁ ରାସ୍ତାରେ ଅଟକାଇ ଦାଦାବଟି ଆଦାୟ କରନ୍ତି । ବଳପୂର୍ବକ ଲୁଟପାଟ୍ କରନ୍ତି । ହତ୍ୟାକାଣ୍ଡ ଦିନ ଏହି

**ଦାଦାବଟି ନଦେବାରୁ ଦୁର୍ବୃତ୍ତ ଘଟାଇଥିଲେ ହତ୍ୟାକାଣ୍ଡ**

**ଡକାୟତି କରିବା ସହିତ ପୋଡି ଦେଇଥିଲେ ଟ୍ରାଭେରା**

ଗ୍ୟାଙ୍ଗ ରାସ୍ତାରେ ଛକି ରହି ପଥଚାରୀଙ୍କ ଠାରୁ ଦାଦାବଟି ଆଦାୟ କରୁଥିଲେ । ଘଟଣା ଦିନ ସେମାନେ ସେକ୍ ରାହୀଲ୍ ଅଲ୍ଲୀଙ୍କ ଗାଡ଼ି ଆସିବାକୁ ଅପେକ୍ଷା କରିଥିଲେ । ଅଭିଯୁକ୍ତ ଲିପୁ ଏବଂ ଅନ୍ୟ ଜଣେ ସହଯୋଗୀ ଲକ୍ଷ୍ୟ କରାଯାଇଥିବା ଗାଡ଼ିକୁ ଦେଖି ଗ୍ୟାଙ୍ଗକୁ ସୂଚନା ଦେବା ପାଇଁ ଘଟଣାସ୍ଥଳରୁ କିଛି ବାଟ ଦୂରରେ ଛିଡା ହୋଇଥିଲେ । ୯ତାରିଖ ଭୋର ୪ଟାରେ, ଏକ ଟ୍ରାଭେରା ଗାଡ଼ି ସେହି ବାଟ ଦେଇ ଯାଉଥିଲା । ଏହା ପୂର୍ବରୁ, ଅଭିଯୁକ୍ତ ଲିପୁ ଗାଡ଼ି ଆସୁଥିବା ବିଷୟରେ ଲୁଟେରା ଗ୍ୟାଙ୍ଗକୁ ସୂଚନା ଦେଇସାରିଥିଲା । ଅଭିଯୁକ୍ତମାନେ ଉପରୋକ୍ତ କାଣ୍ଡ ଘଟାଇଥିବା ପୋଲିସ ପ୍ରକାଶ କରିଛି । ତଦନ୍ତକ୍ରମେ କମିଶନରେଟ୍ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ପୁଲିସ ପକ୍ଷରୁ ଟ୍ରାକ୍ କରାଯାଉଛି । ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି ଶ୍ରୀ ଦ୍ୟାନ୍ଦେଓ ସୂଚନା ଦେଇଛନ୍ତି ।

# ପାର୍କିଂରେ ଗାଡ଼ି ଭଙ୍ଗାରୁଜା, ମାରପିଟ୍ : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ସବ୍ୟୁ): ପାର୍କିଂରେ ଗାଡି ଭଙ୍ଗାରୁଜା କରି ପରିବାର ସଦସ୍ୟଙ୍କୁ ମାରପିଟ୍ କରିବା ଅଭିଯୋଗରେ ଅଭିଯୁକ୍ତ ଲିଙ୍ଗରାଜ ଭୋଇକୁ ବଡଗଡ ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ।



ବାସୁଦେବ ନରେନ୍ଦ୍ର ବଡଗଡ ମଝିସାହି ଦୋଳମଣ୍ଡପ ପଡିଆ ନିକଟରେ ରୁହନ୍ତି । ସ୍ଥାନୀୟ ବାସୀନ୍ଦା ତଥା ଦୋଳମଣ୍ଡପ ପାଖରେ ଭଡାରେ ରହୁଥିବା ଲୋକମାନେ ନିକଟସ୍ଥ ପଡିଆରେ ଗାଡି ଗୁଡ଼ିକ ପାର୍କିଂ କରନ୍ତି । ଏହି ପାର୍କିଂକୁ ଗିରଫ ଅଭିଯୁକ୍ତ ଓ ତାଙ୍କ ସହଯୋଗୀମାନେ ବିରୋଧ କରି ଆସୁଥିଲେ । ସେମାନଙ୍କ କଥା ଗାଡି ପାର୍କିଂ କରୁଥିବା ମାଲିକମାନେ ନଶୁଣିବାରୁ ଲିଙ୍ଗରାଜ ଓ ତାଙ୍କ ସହଯୋଗୀମାନେ ମିଶି କାର୍ ଗୁଡ଼ିକୁ ଭଙ୍ଗାରୁଜା କରିଥିଲେ । ଗାଡି ଭଙ୍ଗାରୁଜା କରିବା ବେଳେ ଅଭିଯୋଗକାରୀ ବିରୋଧ କରିବାରୁ ତାଙ୍କୁ ଅଭିଯୁକ୍ତମାନେ ମାଡ ମାରିଥିଲେ । ସେମାନଙ୍କ କବଳରୁ ପତ୍ନୀ ଓ ବୋହୂ ଅଭିଯୋଗକାରୀଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଟଣାଓଟରା କରି ଗାଳିଗୁଲଜ କରିଥିବା ବାସୁଦେବ ବଡଗଡ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ଲିଙ୍ଗରାଜକୁ ଗିରଫ କରାଯିବା ପରେ ରବିବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ

କଟକ, (ସବ୍ୟୁ): ଗଣ୍ଡରପୁରସ୍ଥିତ ଲକ୍ଷ୍ମତ ରାୟ ଡିଏଭି ପବ୍ଲିକ ସ୍କୁଲରେ ଡିଏଭି ଆଞ୍ଚଳିକ ତାଲିମ କେନ୍ଦ୍ର ଦ୍ୱାରା ଲାଇବ୍ରେରୀ ସାଇନ୍ସର ତିନି ଦିନିଆ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛିଛ ଆଞ୍ଚଳିକ ନିର୍ଦ୍ଦେଶକ ଡ.କେଶବଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ୪୩ ଡିଏଭିର ୪୯ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଡିଏଭି ଏମଏମ୍ ପବ୍ଲିକ୍ ସ୍କୁଲ ଭଦ୍ରକର ପ୍ରଧାନ ଶିକ୍ଷକ ଋତୁପର୍ଣ୍ଣ ସାହୁ ଏବଂ ଲକ୍ଷ୍ମତରାୟ ଡିଏଭି ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ନୀହାରିକା ଗନ୍ତାୟତ ଆକଳକ ଭାବରେ ଯୋଗ ଦେଇଥିଲେ ।




## ସମାବେଶୀ ଅଭିବୃଦ୍ଧି, ପରିବେଶଗତ ସ୍ଥିରତା
# ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟା ଉପଯୋଗ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର, (ସବ୍ୟୁ): ସମାବେଶୀ ଅଭିବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି । ଚଳିତ ମଇ ୧୧ ତାରିଖ ଦିନ ଭୁବନେଶ୍ୱରଠାରେ 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ (ଭାରତ)ର ୬୪ତମ ବୈଷୟିକ ଅଧିବେଶନକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆମ ଜାତୀୟ କ୍ୟାଲେଣ୍ଡରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଦିନଟି ଭାରତର ଉଲ୍ଲେଖନୀୟ ଯାତ୍ରାର ଗର୍ବର ସ୍ମରଣକାରୀ ଭାବେ ପରିଚିତ ହୋଇଛି । ଯାହା ସାହସ, ନବସୃଜନ ଏବଂ ଉତ୍କର୍ଷତାର ଏକ ନିରନ୍ତର ପ୍ରୟାସ । ୧୯୯୮ ମସିହାର ଏହି ଦିନ, ୧୧ ମଇରେ ଭାରତ ରାଜସ୍ଥାନର ପୋଖରାଣରେ ଅପରେସନ ଶକ୍ତି ନାମରେ ସଫଳ ପରମାଣୁ ପରୀକ୍ଷଣ କରିଥିଲା । ଏହା ଭାରତକୁ ପରମାଣୁ-ସଶସ୍ତ୍ର ରାଷ୍ଟ୍ରଗୁଡ଼ିକର ଆଭିଜାତ୍ୟ ଗୋଷ୍ଠୀ ମଧ୍ୟରେ ସ୍ଥାନିତ କରିଥିଲା। ଏହି ସଫଳତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଐତିହାସିକ ଘଟଣା ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବରେ ପାଳନ କରାଯାଏ। ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ କେବଳ ଆମର ବୈଜ୍ଞାନିକ ସଫଳତା ପ୍ରତି ସମ୍ମାନ ନୁହେଁ – ଏହା ସ୍ୱପ୍ନ ଦେଖିବା, ନବସୃଜନ, ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବା ଏବଂ ନେତୃତ୍ୱ ନେବା ପାଇଁ ଆମର ସାମୂହିକ ଭାବନାର ପୁନର୍ନିର୍ମାଣ । ଆଜି ଯେତେବେଳେ ଆମେ ଏକ ପରିବର୍ତ୍ତନଶୀଳ ଯୁଗର ଦ୍ୱାରଦେଶରେ ଛିଡ଼ା ହୋଇଛୁ, ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଆହୁରି ବଢ଼ି ଯାଇଛି । ଏହା ଏକ ନୂତନ ଭାରତର ଆକାଂକ୍ଷା ପଛରେ ପ୍ରେରଣାଦାୟକ ଶକ୍ତି ହୋଇ ରହିଛି। ଭାରତ ଏକ ନୂତନ ପୁନର୍ଜାଗରଣର ପାର୍ଶ୍ୱରେ ଠିଆ ହୋଇଛି। ଏପରି ଏକ ଯୁଗରେ ଯେଉଁଠାରେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଜୀବନର ପ୍ରତ୍ୟେକ ଦିଗକୁ ପୁନଃ ଆକୃତି ଦେଉଛି, ନବସୃଜନ ଏବଂ ଗବେଷଣା ଆମ ବିକାଶ ଯାତ୍ରାର ମୂଳରେ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ ।

ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ହେଉଛି ଆଶା, ପ୍ରଗତି ଏବଂ ସମ୍ଭାବନାର ଭାଷା। ଆମର ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟାବିତ୍ ଏବଂ ଉଦ୍ଭାବକମାନେ ଏହି ନୂତନ ଯୁଗର ସ୍ଥପତି । ଆଜି ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ – ଇଞ୍ଜିନିୟର, ପ୍ରଯୁକ୍ତିବିଦ୍ୟାବିତ୍‌ମାନେ ସୀମା ବାହାରକୁ ଯାଇ ସ୍ୱପ୍ନ ଦେଖିବା, ଉଦ୍ଦେଶ୍ୟ ସହିତ ନବସୃଜନ କରିବାକୁ ଏବଂ ସଚ୍ଚୋଟତାର ସହିତ ନେତୃତ୍ୱ ନେବାକୁ ଆହ୍ୱାନ କରୁଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଜ୍ଞାନ ଓ କାରିଗରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ । ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଂଜିନିୟରସ୍‌ର ପ୍ରେସିଡେଂଟ୍ ଭି ବି ସିଂହ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଚେୟାରମ୍ୟାନ୍ ପ୍ରଫେସର ଡ. ସୁଧାଂଶୁ ଶେଖର ଦାସ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଏବଂ ଶେଷରେ ଅନରାରୀ ସେକ୍ରେଟାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

# ପୁରୀ ପୋଲିସ ପକ୍ଷରୁ ପୁରୀ ବିଚ୍ରେ ଲାଇଫଗାର୍ଡ ବ୍ରିଫିଂ



ପୁରୀ, (ସବ୍ୟୁ): ବାହାରୁ ଆସୁଥିବା ପର୍ଯ୍ୟଟକ ଓ ଦର୍ଶନାର୍ଥୀଙ୍କ ସୁରକ୍ଷା ନିମନ୍ତେ ବ୍ୟବସ୍ଥାଗତ ସୁଧାର ଓ ଲାଇଫଗାର୍ଡମାନଙ୍କ ସହ ବ୍ୟବହାରିକ ସମନ୍ୱୟ ବଢ଼ାଇବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ରବିବାର ଅପରାହ୍ନରେ ପୁରୀ ବେଳାଭୂମିରେ ବ୍ରିଫିଂ ଅନୁଷ୍ଠିତ ହୋଇଛି । ଜିଲ୍ଲା ଏସପି ବିନୀତ କୁମାର ଅଗ୍ରୱାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ଏହି ବ୍ରିଫିଙ୍ଗର ଉଦ୍ଦେଶ୍ୟ ହେଉଛି ବିଚ୍ ସୁରକ୍ଷା ବଢ଼ାଇବା, ଲାଇଫଗାର୍ଡଙ୍କ କ୍ଷମତା ବିକାଶ କରିବା ଓ ଆପାତକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଦେବା ପାଇଁ ସଚେତନ କରିବା। ଅତିରିକ୍ତ ଏସ୍ପି ସୁଶୀଲ ମିଶ୍ର ଲାଇଫଗାର୍ଡମାନଙ୍କ ଭୂମିକାକୁ ପ୍ରଶଂସା କରି କହିଛନ୍ତି ଯେ ସମୁଦ୍ର କୂଳରେ ସୁରକ୍ଷା ବ୍ୟବସ୍ଥା ରଖିବାରେ ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରୁଛନ୍ତି । ଆଜିର ଏହି କାର୍ଯ୍ୟ କ୍ରମରେ ଅତିରିକ୍ତ ଏସ୍ପି ସୁଶିଲ ମିଶ୍ର, ଅତିରିକ୍ତ ଏସ୍ପି ସଚିନ ପଟେଲ, ଅତିରିକ୍ତ ଏସ୍ପି ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସପି (ସିଟି) ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୂଳ ଥାନା ଅଧିକାରୀ ମାନସ ଚକ୍ର ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ।

# ସେଣ୍ଟ ଜାଭିୟର୍ସ ସ୍ମାର୍ଟ ସ୍କୁଲରେ ଗ୍ରୀଷ୍ମ ଶିବିର




କଟକ,(ସବ୍ୟୁ) :ଟାଙ୍ଗୀସ୍ଥିତ ସେଣ୍ଟ ଜାଭିୟର୍ସ ସ୍ମାର୍ଟ ସ୍କୁଲରେ ଏକ ନିଆରା ଗ୍ରୀଷ୍ମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଯୋଗ, କଳା, ଆତ୍ମରକ୍ଷା, ଲକ୍ଷ୍ୟ ପୂରଣ, ଅଗ୍ନି ବିହୀନ ରୋଷେଇ, ନୃତ୍ୟ, ସଙ୍ଗୀତ, ଜଳକ୍ରୀଡା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସ୍କୁଲ୍ ଟ୍ରଷ୍ଟର ମୁଖ୍ୟା ଶ୍ରୀମତୀ ମଧୁସ୍ମିତା ମଲ୍ଲିକ ଓ ଶୁଭଚିନ୍ତକ ଶ୍ରୀମତୀ ପ୍ରଣତି ମିଶ୍ର ଶିବିରକୁ ଉଦଘାଟନ କରିଥିଲେ । ସ୍କୁଲର ସଭାପତି ତାପସ ରଞ୍ଜନ ମଲ୍ଲିକ, ଅନ୍ୟତମ ଟ୍ରଷ୍ଟି ଶୁଭମ ମଲ୍ଲିକ, ପ୍ରତିଷ୍ଠାତା ଭକ୍ତ ବଲ୍ଲଭ ଦାସ, ଡାକ୍ତର ଅନଙ୍ଗ ଦ୍ୱିବେଦୀ, ନିର୍ଦ୍ଦେଶକ ଡଃ ଜନାର୍ଦ୍ଦନ ମିଶ୍ର ପ୍ରମୁଖଙ୍କ ମାର୍ଗଦର୍ଶନରେ ଏହି ଗ୍ରୀଷ୍ମ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲାଛ ଏହି ଶିବିରରେ ୧୫୧ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶିବିରକୁ ଅଧିକ ମନୋରଞ୍ଜକ କରିବା ପାଇଁ ଟ୍ରାମ୍ପୋଲିନ୍, ବୈଦ୍ୟୁତିକ ମୋଟର ଗାଡ଼ି, ବଲୁନ୍ ସୁଟିଂ, ବାଉଁସି କ୍ୟାସିଲ୍ ଓ ୩୬୦ ଡିଗ୍ରୀ ସେଲ୍ଫି କ୍ୟାମେରା ଇତ୍ୟାଦି ଆଧୁନିକ ଉପକାରଣର ବ୍ୟବହାର କରାଯାଇଥିଲା । ଏହି ଶିବିରର ଅନ୍ୟ ଏକ ଆକର୍ଷଣ ଥିଲା ସଫାସ୍ଥିତ ଏମ୍‌୮ ଇକୋ ରିସର୍ଟ ପରିଦର୍ଶନ । ଏହି ଅବସରରେ ଛାତ୍ରଛାତ୍ରୀମାନେ ଜଳକ୍ରୀଡା କରିଥିଲେ । ସ୍କୁଲର ପରିଚାଳିକା ସୁଶ୍ରୀ ପୂର୍ଣ୍ଣିମା ମହାନ୍ତି ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଗ୍ରୀଷ୍ମପ୍ରବାହ ପାଇଁ ସ୍କୁଲ୍ ଛୁଟି ଥିବାରୁ ପିଲାମାନଙ୍କ ମନୋରଞ୍ଜନ ଭିତ୍ତିକ ଶିକ୍ଷା ନିମନ୍ତେ ଏହି ଶିବିରର ଆୟୋଜନ କରାଯାଇଥିଲା ବୋଲି ଅଧକ୍ଷା ଶ୍ରୀମତୀ ନିବେଦିତା ସାହୁ ସୂଚନା ଦେଇଛନ୍ତି ।

## କିଆ ଇଣ୍ଡିଆର କାରେନ୍ସ କ୍ଲାଭିସ୍ ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ପ୍ରିମିୟମ କାର୍ ନିର୍ମାତା କିଆ ଇଣ୍ଡିଆ ଏହାର କରେନ୍ସସ୍ୱୋଟପୋଲିଓ-କାରେନ୍ସ କ୍ଲାଭିସରର ନୂତନ ମଡେଲ୍‌କୁ ଉନ୍ମୋଚନ କରିଛି । ଏକ ବଡ, ବୋଲ୍ଡ ଏବଂ ବିସ୍ତୃତ ତିନି ଧାରୀ ଯାନ ଭାବରେ ସ୍ଥାନିତ କ୍ଲାରେନ୍ସ କ୍ଲାଭିସ୍ । ଆଜିର ବଡ ଓ ଆଧୁନିକ ପରିବାର ପାଇଁ ନିର୍ମିତ ହୋଇଛି ଯାହା ଏମପିଭି ଏବଂ ଏସ୍‌ୟୁଭି ମଧ୍ୟରେ ବ୍ୟବଧାନକୁ ଦୂର କରିଥାଏ । ଏହା ଉନ୍ନତ ଜ୍ଞାନକୌଶଳ, ନିରାପତ୍ତା ଏବଂ ଭବିଷ୍ୟତକୁ ଆଗକୁ ନେତା ସହିତ ଆରାମ୍, ସ୍ଥାନ ଏବଂ ବୋଲ୍ଡ ଡିଜାଇନ୍‌ର ମିଶ୍ରଣ କରେ । ଏହି କାର ନୂତନ ଯୁଗର ପରିବାର ଆକାଂକ୍ଷାକୁ ପ୍ରତିଫଳିତ କରିଥାଏ । ଅନ୍ତର୍ନିହିତ ପର୍ଯ୍ୟବେକ୍ଷକ, ଚିନ୍ତାମୁକ୍ତ ଡିଜାଇନ୍ ଏବଂ ସର୍ବୋତ୍ତମ ପ୍ରଯୁକ୍ତି ବିଦ୍ୟାକୁ ଏକତ୍ରିତ କରିଥାଏ । ଆରମ୍ଭରୁ କିଆ କାରେନ୍ସ ଭାରତରେ ଫ୍ୟାମିଲ କାର୍ ସେଗ୍‌ମେଣ୍ଟରେ ୩ବର୍ଷ ମଧ୍ୟରେ ୨ଲକ୍ଷରୁ ଅଧିକ ପରିବାରର ବିଶ୍ୱାସ ହାସଲ କରିଛି ।

# କସ୍‌ମୋସ୍ ବାର ଗୁଳିମାଡ ମାମଲା : ବାର୍ ସିଲ୍, ୧୧ ଗିରଫ

## ଗୁଳି, ଖୋକା ଜବତ




ଭୁବନେଶ୍ୱର, (ସବ୍ୟୁ) : ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଡମଣା ଛକ ନିକଟରେ ଥିବା କସ୍‌ମୋସ୍ ବାର ଗୁଳି ମାଡ ମାମଲାରେ ପୋଲିସ ୧୧ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଗୁଳି, ୩ ଖୋକା, ୨ଟି ବାଇକ୍ ଜବତ ହୋଇଥିବା ପୋଲିସ କହିଛି। ରବିବାର ସକାଳେ ଅବକାରୀ ଓ ପୋଲିସ ଟିମ୍ ପହଞ୍ଚି ବାରକୁ ସିଲ୍ କରିଥିବା ସୂଚନା ମିଳିଛି।

ଗୁଳିମାଡରେ ଆହତ ହୋଇଥିବା ବାଉନ୍ସର ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ଟିମ୍‌ମାନ ଗଠନ କରି ପୁରୀ, ଢେଙ୍କାନାଳ, ଅନୁଗୂଳ, କଟକ, ଖୋର୍ଦ୍ଧା ପ୍ରଭୃତି ଅଞ୍ଚଳରେ ଚଢାଉ କରି ୧୧ ଜଣଙ୍କୁ ଗିରଫ କରିବାରେ ସମର୍ଥ ହେଲା। ୧୦ ତାରିଖ ବିଳମ୍ବିତ ରାତିରେ ବାରକୁ ଆସି ଅଭିଯୁକ୍ତମାନେ ମଦ ପିଇବାକୁ ବାଧ କରିଥିଲେ। ବାର ବନ୍ଦ ହୋଇଗଲାଣି ବୋଲି ବାଉନ୍ସର ସୂର୍ଯ୍ୟକାନ୍ତ କହିବାରୁ ସେମାନଙ୍କ ମଧ୍ୟରେ କଳିଝଗଡା ହୋଇଥିଲା।

ସେମାନେ ଘଟଣା ସ୍ଥଳରୁ କିଛି ସମୟ ପାଇଁ ଖସିଯିବା ପରେ ପୁଣି ଆସିଥିଲେ। ବାଉନ୍ସର ପ୍ରତିବାଦ କରିବାରୁ ତାଙ୍କୁ ଗୁଳିମାଡ କରିବା ସହ ବୋମା ମାଡ କରିଥିଲେ। ବୋମା କୌଣସି କାରଣରୁ ନଫୁଟିବାରୁ ସେମାନେ ସଂଘବଦ୍ଧ ହୋଇ ବାର ଉପରକୁ ଢେଲାମାଡ କରିଥିଲେ। ଯାହା ଫଳରେ ବାର୍‌ର କାଚ ଓ ଅନ୍ୟାନ୍ୟ ଜିନିଷ ଭାଙ୍ଗି ଯାଇଛି। ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ବାଦଲ ସ୍ୱାଇଁ (୨୧), ଚିନ୍ମୟ କୁମାର ଦେ( ୨୧) , ସାହିଲ୍ ଦାସ(୨୩), ଓମ୍‌କାର ପାତ୍ର(୨୯), ରଞ୍ଜିତ୍ କୁମାର ସାହୁ(୩୧), ଆଲୋକ କୁମାର ସାହୁ(୨୯), ଅଚ୍ୟୁତାନନ୍ଦ ଲେଙ୍କା(୨୫),ଜାଗ୍ରତ ପଣ୍ଡା(୩୨), ବବ୍‌ଲୁ ପ୍ରଧାନ(୨୫), ଅସିଦ୍ ପାତ୍ର(୩୨) ଓ ରାଜେଶ ନାୟକ(୨୪)। ଅଭିଯୁକ୍ତମାନେ ବ୍ୟବହାର କରିଥିବା ବନ୍ଧୁକ ଜବତ ହୋଇନଥିବାରୁ ତଦନ୍ତ ଜାରି ରହିଥିବା ପୋଲିସ କମିଶନର ଏସ୍‌ଦେବଦତ୍ତ ସ୍ୱାଇଁ ଓ ଡିସିପି ଜଗମୋହନ ମିନା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଖୋଲା ରହୁଥିବା ସାମ୍ବାଦିକମାନେ ପଚାରିବାରୁ ତଦନ୍ତ ଜାରି ରହିଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ କମିଶନର କହିଥିଲେ।

# ପଞ୍ଚାୟତ ଅଫିସରୁ ବାଇକ ଚୋରି

ବାରଙ୍ଗ ,(ସବ୍ୟୁ) : ବଲଗଛିଆ ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶନିବାର ରାତିରେ ଗ୍ରାମରେ ଘୋଡାନାଚ ହେଉଥିବା ବେଳେ ଗୋଟିଏ ବାଇକ୍ ଚୋରି ହୋଇଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ,ଶନିବାର ରାତିରେ ବେଲଗଛିଆ ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗ୍ରାମରେ ଘୋଡା ନାଚ ହେଉଥିଲା। ଘୋଡାନାଚ କରିବା ପାଇଁ ସାଇଲୋ ଗୋବିନ୍ଦପୁର ଅଂଚଳରୁ ଆସିଥିବା ଧିରେନ୍ଦ୍ର ବେହେରା ଏକ ବାଇକ୍ ନେଇ ଆସିଥିଲେ।ବାଇକଟିକୁ ବେଲଗଛିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରଖି ଘୋଡାନାଚ କରିବା ପାଇଁ ଯାଇଥିଲେ।ରବିବାର ସକାଳୁ ତାଙ୍କ ବାଇକ୍‌କୁ କେହି ଦୃବୃର୍ତ୍ତ ନେଇଯାଇଥିବାର ଜାଣିବାକୁ ପାଇଲେ। ଏ ସଂକ୍ରାନ୍ତରେ ଧିରେନ୍ଦ୍ର ବେଲଗଛିଆ ଗ୍ରାମରେ କିଛି ମୁରବିମାନଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ହୋଇନଥିଲା। ଶେଷରେ ସମ୍ପର୍କୀୟ ଭାଇଙ୍କୁ ସାଙ୍ଗରେ ଆଣି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଉପକୂଳ ଥାନା, କର୍ମଚାରୀ ମରୁଡି

ଭୁବନେଶ୍ୱର,(ତଥ୍ୟ): ଭାରତ-ପାକିସ୍ତାନ ବିବାଦ ସମୟରେ ଜଳପଥ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଥିବାବେଳେ ଓଡିଶାର ଉପକୂଳ ଥାନାଗୁଡିକରେ କିନ୍ତୁ କର୍ମଚାରୀ ମରୁଡି । ୧୮ଟି ସାମୁଦ୍ରିକ ଥାନା ପାଇଁ ୧୦୦୮ ଟି ବିଭିନ୍ନ ବର୍ଗର ମଞ୍ଜୁରୀପ୍ରାପ୍ତ ପୁଲିସ କର୍ମଚାରୀ ଥିବାବେଳେ ଏହିସବୁ ପଦବୀରେ ଅଛନ୍ତି ମାତ୍ର ୩୧୨ ଜଣ । ରାଜ୍ୟର ୪୮୦ କିଲୋମିଟର ସମୁଦ୍ର ଉପକୂଳକୁ ଜଗିବାପାଇଁ ସରକାର ୧୮ଟି ସାମୁଦ୍ରିକ ଥାନା ପ୍ରତିଷ୍ଠା କରିଛନ୍ତି । ଏଗୁଡିକ ମଧ୍ୟର ବାଲେଶ୍ୱରରେ ୩ଟି ଥାନା ଥିବାବେଳେ ଭଦ୍ରକରେ ୪ଟି, କେନ୍ଦ୍ରାପଡାରେ ୩ଟି, ଜଗତସିଂହପୁରରେ ୩ଟି, ପୁରୀରେ ୪ଟି, ଗଞ୍ଜାମ ଓ ବ୍ରହ୍ମପୁରରେ ଗୋଟିଏ କରି ରହିଛି । ଏହିସବୁ ଥାନା ପାଇଁ ଥିବା ମୋଟ ୧୦୦୮ ଟି ପଦବୀ ମଧ୍ୟରୁ ୧୮ଟି ଇନ୍ସପେକ୍ଟର ପାହ୍ୟାର ପଦବୀ ଥିବାବେଳେ ଏଥିରେ ୧୫ଜଣ ଇନ୍ସପେକ୍ଟର କାର୍ଯ୍ୟରତ ଅଛନ୍ତି । ବାଲେଶ୍ୱରର କଷାଫଳ,ଭଦ୍ରକର ଧାମରା ଓବ୍ରହ୍ମପୁରର ସୋନାପୁର ସାମୁଦ୍ରିକ ଥାନାରେ ଇନ୍ସପେକ୍ଟର ନାହାନ୍ତି । ସେହିଭଳି ୫୪ଟି ଏସଆଇ ପଦବୀରେ ୯ଜଣ ଥିବାବେଳେ ୫୪ଟି ଏଏସଆଇ ପଦବୀରେ ୨୬ଜଣ ଅଛନ୍ତି । ୧୪୪ଟି ହାବିଲଦାର ପଦବୀରେ ମାତ୍ର ୧୬ଜଣ କାର୍ଯ୍ୟ କରୁଥିବାବେଳେ ୪୩୨ କନେଷ୍ଟବଳ ପଦବୀରେ ୧୧୩ଜଣ ରହିଛନ୍ତି । ଏହିସବୁ ଥାନା ପାଇଁ ୩୬ଟି ଡ୍ରାଇଭର ପଦବୀ ଥିବାବେଳେ ସେଥିରେ ମାତ୍ର ୫ଜଣ କାର୍ଯ୍ୟରତ ଅଛନ୍ତି ।

ସେହିଭଳି ଥାନାଗୁଡିକ ପାଇଁ ୨୭୦ଟି ଗୃହରକ୍ଷୀ ପଦବୀ ଥିବାବେଳେ ଏଥିରେ ୧୨୮ଜଣ କାର୍ଯ୍ୟ କରୁଛନ୍ତି । ସାମୁଦ୍ରିକଥାନାରେ ଏଠାରେ ୨୮୦ଟି ବୈଷୟିକ ପଦ ପଦବୀ ରହିଛି । ହେଲେ ଏହିସବୁ ପଦବୀରେ କାର୍ଯ୍ୟରତ ଅଛନ୍ତି ମାତ୍ର ୯୦ ଜଣ । ସମୁଦ୍ରତଟର ସୁରକ୍ଷା ପାଇଁ ସରକାର ଏହିସବୁ ସାମୁଦ୍ରିକ ଥାନାକୁ ୧୮ଟି ଚାରିଚକିଆ, ୩୬ଟି ଦୁଇଚକିଆ ଯାନ ସମେତ ୧୨ଟନ କ୍ଷମତା ବିଶିଷ୍ଟ ୧୦ଟି ବୋଟ ଓ ୫ଟନ କ୍ଷମତା ବିଶିଷ୍ଟ ୫ଟି ବୋଟଦ୍ୱ ଯୋଗାଇଛନ୍ତି । ଏଥି ସହିତ ସାମୁଦ୍ରିକ ଥାନାଗୁଡିକୁ ନାଇଟ ଭିଜନ ଡିଭାଇସ , ଡିଜିଟାଲ କ୍ୟାମେରା, ଏଲଇଡି ସର୍ଚ୍ଚ ଲାଇଟ , ଡିଜିଟାଲ ଫଟୋ କପିୟର, କମ୍ପାସ, ଭଏସ ରେକର୍ଡର, ଏଲଇଡି ଟର୍ଚ୍ଚ ଲାଇଟ , ବୋଟ ପାଇଁ ଏଚଏମଏମ ସହିତ ଦୂରବୀକ୍ଷଣ ଯନ୍ତ୍ର ଆଦି ଯୋଗାଇ ଦିଆଯାଇଛି ।

ତେବେ କର୍ମଚାରୀ ସଙ୍କଟ ଯୋଗୁଁ ତଟ ସୁରକ୍ଷା ପାଇଁ ଯେଭଳି ପଇଁତରା ମାରିବା ସହିତ ଅନ୍ୟାନ୍ୟ ପଦକ୍ଷେପ ନିଆଯିବା କଥା ତାହା ହୋଇପାରୁ ନାହିଁ । ଗାଡି ଓ ବୋଟ ଚଳାଇବାକୁ ଚାଳକ ନଥିବାବେଳେ ଅନ୍ୟାନ୍ୟ ସାମଜ ସରଞ୍ଜାମ ବ୍ୟବହାର ବି ହୋଇପାରୁ ନାହିଁ । ତେଣୁ ଯେଉଁ ଉଦ୍ଦେଶ୍ୟ ନେଇ ଉପକୂଳଥାନା ଗଠନ ହୋଇଥିଲା ତାହା ଏବେ ଧିରେ ଧିରେ ଦୂରେଇ ଯାଉଛି । ବର୍ତ୍ତମାନ ଭାରତ-ପାକିସ୍ତାନ ବିବାଦ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତଟସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ହେଲେ ତଟ ସୁରକ୍ଷା ପାଇଁ ଥିବା ଥାନାରେ ପଦ ପଦବୀ ପୂରଣ ହେଉନଥିବାରୁ ଓଡିଶାର ଉପକୂଳ ଏକ ପ୍ରକାର ମୁକୁଳା ପଡିଛି ।

## ଜମିବାଡ଼ିକୁ କେନ୍ଦ୍ର କରି ଆକ୍ରମଣ: ବାପ, ପୁଅ ଗିରଫ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଥାନା ଅଧିନ ଶାନ୍ତିନଗର ନୂଆ ଜେଟି ଠାରେ ରହୁଥିବା ଗୋଟିଏ ପରିବାରର ଦୁଇ ଭାଇ ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ମାରପିଟ ଘଟିଛି ।ଏଥିରେ ସାନଭାଇ ଆହତ ହୋଇଥିବା ବେଳେ ଅଭିଯୋଗକୁ ଭିତ୍ତି କରି ବାଲୁଗାଁ ପୋଲିସ କେସ ନଂ ୧୩୪/୨୫ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ଅଭିଯୁକ୍ତ ବାପପୁଅକୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଜାନକୀ ବେହେରା ଏବଂ ପୁଅ ଦୀପକ ବେହେରା । ପୋଲିସ ସୂଚନା ମୁତାବକ, ପରିବାରର ବଡଭାଇ ଜାନକୀ ବେହେରା ଏବଂ ସାନଭାଇ ରାଜକିଶୋର ବେହେରାଙ୍କ ମଧ୍ୟରେ ଘର ଡିହ ଏବଂ ଜମିବାଡ଼ିକୁ କେନ୍ଦ୍ର କରି ପୂର୍ବରୁ ବିବାଦ ରହିଥିଲା। ଗୁରୁବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ ।ବଡଭାଇ ଜାନକୀ ଏବଂ ପୁଅ ଦୀପକ ଏକ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ରାଜକିଶୋର ଗୁରୁତର ଆହତ ହୋଇଥିଲେ। ଚିକିତ୍ସିତ ହୋଇ ଆସିବା ପରେ ସେ ଏ ନେଇ ଶୁକ୍ରବାର ପୋଲିସରେ ଅଭିଯୋଗ କରିଥିଲେ ।

## ଅପହୃତା ନାବାଳିକା ଉଦ୍ଧାର

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଚାରିଛକ ଥାନା ଅଂଚଳରୁ ନିଖୋଜ ହୋଇଥିବା ଜଣେ ନାବାଳିକାକୁ ଚାରିଛକ ପୁଲିସ ରାଉରକେଲା ରେଳ ଷ୍ଟେସନରୁ ଉଦ୍ଧାର କରିଛି । ଖବରରୁ ପ୍ରକାଶ ଯେ ନାବାଳିକା ଜଣକ କୌଣସି କାରଣରୁ ଘରୁ ପଳାଇ ଯାଇଥିଲେ । ଏସଂପର୍କରେ ପରିବାର ଲୋକ ଖୋଜାଖୋଜି କରି ନପାଇବାରୁ ଚାରିଛକ ଥାନାରେ ଅଭିଯୋଗ କରିଥିଲେ । ନାବାଳିକା ଜଣକ ରାଉରକେଲା ଷ୍ଟେସନରେ ବସିଥିବା ନେଇ କୌଣସି ସୁତ୍ରରୁ ଖବର ପାଇଁ ଚାରିଛକ ପୁଲିସ ସେଠାରେ ପହଂଚି ଉକ୍ତ ନାବାଳିକାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ବର୍ତ୍ତମାନ ନାବଳିକା ଜଣକ ପୁରୀ ସିଡବ୍ଲୁସିରେ ଥିବା ଜଣାପଡିଛି ।

# ମହିଳା ଗିରଫ, ଲୁଟ୍ ସୁନା ଖଡୁ ଜବତ



ଭୁବନେଶ୍ୱର, (ସବ୍ୟୁ) : ଜଣେ ମହିଳା ଲୁଟେରାକୁ କ୍ୟାପିଟାଲ୍ ଥାନା ପୋଲିସ ଗିରଫ କରିବା ସହ ତା ନିକଟରୁ ଲୁଟ୍ ସୁନା ଖଡୁ ଜବତ କରିଛି। ଗିରଫ ମହିଳା ଶୁଭଦ୍ରା ଦାସ (୪୯) କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

ସୁନିତା ମଲ୍ଲିକଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ମହିଳାଙ୍କୁ ଗିରଫ କରିବା ପରେ ସେ ଲୁଟ୍ ସମ୍ପର୍କରେ ସତ ମାନିଥିବା ପୋଲିସ କହିଛି। ଅଭିଯୋଗକାରିଣୀ ପରିବାର ସହ ପାତ୍ରପଡା ଅଞ୍ଚଳରେ ରୁହନ୍ତି। ଶନିବାର ଦିନ ସନ୍ଧ୍ୟାରେ ଅଭିଯୋଗକାରିଣୀ ନିଜ ମା ଓ ଛୋଟ ପୁଅ ସହ ମିଶି ମାର୍କେଟ ବିଲ୍ଡିଂ ଯାଇଥିଲେ। ସେଠାରେ କିଣାକିଣି କରିବାରେ ବ୍ୟସ୍ତ ଥିବା ବେଳେ ଲୁଟେରା ମହିଳା ମୁହଁକୁ ଓଢଣିରେ ଢାଙ୍କି ପାଖକୁ ଆସିବା ସହ ସମସ୍ତଙ୍କ ନଜର ଆଢୁଆଳରେ ତାଙ୍କ ଛୋଟ ପୁଅ ପିନ୍ଧିଥିବା ସୁନା ଖଡୁକୁ ଜୋର୍ ଜବରଦସ୍ତ ହାତରୁ କାଢି ନେଇଥିଲା।

ଏ ସମ୍ପର୍କରେ ସୁନିତା କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କଠାରୁ ଲୁଟେରା ମହିଳାଙ୍କ ଚେହେରା ସମ୍ପର୍କରେ ବୁଝି ଥିଲା। ମାର୍କେଟ ବିଲ୍ଡିଂରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌କୁ ଆଧାର କରି ତାକୁ ଅବିଳମ୍ବେ ଗିରଫ କରାଯାଇଥିଲା। ମହିଳାକୁ ରାଜମହଲ ବସ୍‌ଷ୍ଟପ୍ ପଛ ପାଖରୁ ଗିରଫ କରାଯାଇଥିବା ପୋଲିସ କହିଛି। ରବିବାର କୋର୍ଟ ଚାଲାଣ କରାଯିବା ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ୫ ଦଫା ଦାବି
# ପୂରଣ ନହେଲେ ବଡ଼ ଆନ୍ଦୋଳନ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୫ଦଫା ପ୍ରମୁଖ ଦାବି ନେଇ ରବିବାର ୟୁନିଟ-୨ ସ୍ଥିତ କର୍ମଚାରୀ ଭବନରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ସମସ୍ତ ନାଗରିକଙ୍କ ଅମର ଆତ୍ମାର ସଦଗତି କାମନା ସହ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିରେ ଭାରତୀୟ ଯବାନମାନଙ୍କ ସାହସିକ ପଦକ୍ଷେପ ପାଇଁ ନିଜକୁ ଗର୍ବ ମନେକରିବା ଓ ଏହି କଠିନ ସମୟରେ ଆମେ ରାଜ୍ୟର ପାଞ୍ଚ ଲକ୍ଷ ସରକାରୀ କର୍ମଚାରୀ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରିବ ବୋଲି ସମିତି ତରଫରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଥିଲା ।

ଦାବି ଗୁଡ଼ିକ ହେଉଛି, ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ, ୧୯୯୦ ମସିହାର ପୁରୁଣା ଥଇଥାନ ନୀତି ପ୍ରଚଳନ, ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦରମା ନିର୍ଦ୍ଧାରଣ, ପୁରୁଣା ପେନସନ୍ ଲାଗୁ ଓ ସମସ୍ତ ଠିକା କର୍ମଚାରୀମାନଙ୍କୁ ନିୟମିତ କରିବା ପ୍ରମୁଖ । ୫ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ରାଜ୍ୟର ଏହି ସର୍ବବୃହତ ଓ ପୁରାତନ କର୍ମଚାରୀ ସଂଗଠନ ଦାବି ଜଣାଇଛି । ସମନ୍ୱୟ ସମିତିର ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ ଦାବି ଉପସ୍ଥାପନ କରି କହିଛନ୍ତି ଯେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି । ଯାହାଦ୍ୱାରା ଓଡ଼ିଶାର ୩.୪୬ କୋଟି ଲୋକ ସ୍ୱାସ୍ଥ୍ୟବୀମା ପାଇଁ ବିଶେଷ ଉପକୃତ ହେବେ । କିନ୍ତୁ ଓଡ଼ିଶା ସରକାରଙ୍କ ଅଧୀନରେ କାର୍ଯ୍ୟରତ ପାଞ୍ଚ ଲକ୍ଷ ସରକାରୀ କର୍ମଚାରୀମାନେ ଦୁରାରୋଗ୍ୟର ଶିକାର ହୋଇ ଅର୍ଥାଭାବରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅଣ ଗେଜେଟେଡ୍ କର୍ମଚାରୀମାନଙ୍କ ଉପରୋକ୍ତ ପ୍ରମୁଖ ଦାବି ପୂରଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସମନ୍ୱୟ ସମିତିର କର୍ମଚାରୀମାନେ ଦୃଢ଼ ଆଶାପୋଷଣ କରିଛନ୍ତି । ଦାବି ପୂରଣ ନହେଲେ ଏକ ବଡ଼ ଆନ୍ଦୋଳନର ସମ୍ଭାବନାକୁ ଏଡ଼େଇ ହେବ ନାହିଁ ବୋଲି କର୍ମଚାରୀ ନେତାମାନେ ଚେତାବନୀ ଦେଇଛନ୍ତ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ପାତ୍ର, ମାର୍ଗଦର୍ଶକ ପ୍ରସନ୍ନ କୁମାର ତ୍ରିପାଠୀ, ଅଧକ୍ଷ ସୁନନ୍ଦ କାନୁନଗୋ, ସଭାପତି ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଦାସ, ସାଧାରଣ ସମ୍ପାଦକ ରବିନ୍ଦ୍ରନାଥ ପ୍ରଧାନ, ବରିଷ୍ଠ ଉପସଭାପତି ତଥା ଓଡ଼ିଶା ଫାର୍ମାସିଷ୍ଟ ସଂଘର ସଭାପତି ଚିନ୍ମୟ ଚିହ୍ନା, ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ମାଳି ସଂଘର ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଦାସ, ଉପସଭାପତି ଶଶିଭୂଷଣ ଦାସ, ସଦର ମହକୁମାର ସମ୍ପାଦକ ପ୍ରଶାନ୍ତ ସାମନ୍ତରାୟ, ମିଡ଼ିଆ ସମ୍ପାଦକ ସୁଶାନ୍ତ କୁମାର କଣ୍ଡୁ, କୋଷାଧ୍ୟକ୍ଷ କିରଣ କୁମାର ପାଢ଼ୀ, ସଂଗଠନ ସମ୍ପାଦକ ଏମ୍. ପର୍ଶୁରାମ ପାତ୍ର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଜିଲ୍ଲାଗସ୍ତ ପୂର୍ବରୁ 'ମାରିସା'ର ନିବେଦନ

ବାରିପଦା, (ସବ୍ୟୁ) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଇରଙ୍ଗପୁର ସ୍ଥିତ ମହୁଲଡିହା ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ସାନ୍ତାଳୀ ଅଲଚିକି ଲିପିର ଶତବାର୍ଷିକୀ ଉଦ୍ଘାଟନ ସମାରୋହରେ ଯୋଗ ଦେବାପାଇଁ ଆସୁଛନ୍ତି। ସାନ୍ତାଳୀ ଭାଷା ୨୦୦୩-୦୪ ମସିହାରେ ତତ୍କାଳିନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଭାରତୀୟ ସମ୍ବିଧାନର ୮ମ ଅନୁସୂଚିରେ ସାମିଲ ହୋଇଥିଲା। ପରବର୍ତ୍ତୀ ସମୟରେ ୨୦୦୫ ମସିହାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧିନରେ ଥିବା ସ୍ୱୟଂଶାସିତ ସାହିତ୍ୟିକ ସଂସ୍ଥା କେନ୍ଦ୍ର ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀ ମଧ ସ୍ୱୀକୃତି ପ୍ରଦାନ କରିଛନ୍ତି। ସଂପ୍ରତି ସାହିତ୍ୟ ଏକାଡେମୀରେ ସର୍ବମୋଟ ୨୪ଟି ସ୍ୱୀକୃତିପ୍ରାପ୍ତ ଭାଷା ରହିଛି ଓ ସମ୍ବିଧାନର ୮ମ ଅନୁସୂଚିରେ ୨୨ଟି ଭାରତୀୟ ଭାଷା ରହିଛି। ସାହିତ୍ୟ ଏକାଡେମୀ ସାନ୍ତାଳୀ ଭାଷାପାଇଁ ଅଲଚିକି ଲିପିକୁ ହିଁ ସ୍ୱୀକୃତି ପ୍ରଦାନ କରିଛି। ସାନ୍ତାଳୀଭାଷା ଭାରତର ୧୭ତମ ସର୍ବବୃହତ ଭାଷା ଓ ବିଶ୍ୱର ୧୮୩ତମ ସର୍ବବୃହତ ଭାଷା। ସାନ୍ତାଳୀ ଭାଷାଭାଷୀଙ୍କ ସଂଖ୍ୟା ଭାରତରେ ପ୍ରାୟ ୧କୋଟି। ସାନ୍ତାଳୀ ସଂପ୍ରଦାୟ ହେଉଛନ୍ତି ଭିଲ୍ ଓ ଗଣ୍ଡପରେ ତୃତୀୟ ସର୍ବବୃହତ୍ ଆଦିବାସୀ ଗୋଷ୍ଠୀ। ଅନ୍ୟପକ୍ଷରେ ଓକିପିଡ଼ିଆରେ ମଧ ସାନ୍ତାଳୀ ଯାହାକି ଅଲଚିକି ଲିପିରେ ଲେଖାଯାଇଛି - ୩୦୧ଟମ ଭାଷାଭାବରେ ସ୍ୱୀକୃତି ଲାଭ କରିସାରିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସାନ୍ତାଳୀ ସମ୍ପ୍ରଦାୟ ତଥା ଆଦିବାସୀମାନଙ୍କ ଅସ୍ମିତାକୁ ଦୃଷ୍ଟିରେ ରଖି ମାଝି ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ଦୀର୍ଘଦିନର ଦାବୀ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିବେଦନ କରାଯାଇଛି। ଦାବୀଗୁଡିକ ମଧ୍ୟରୁ ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନ ସୁନିଶ୍ଚିତ, ମୟୂରଭଞ୍ଜରେ ସାନ୍ତାଳୀ ଶିକ୍ଷା ପରିଷଦ ବା ସାନ୍ତାଳୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ଭାଷାପାଇଁ ନିୟମିତ ଅଧ୍ୟାପକ ପଦବୀ ସୃଷ୍ଟି କରିବା, ୫୦୦୦ରୁ ଉର୍ଦ୍ଧ ସାନ୍ତାଳୀ ଡିଏଲ୍‌ଇଡି ଡିଗ୍ରୀଧାରୀଙ୍କୁ ନିଯୁକ୍ତି ପ୍ରଦାନ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ନାମ ଫଳକରେ ଉଭୟ ଓଡିଆ, ଇଂରାଜୀ ସହିତ ଅଲଚିକିରେ ଲେଖାଯିବା, ସାନ୍ତାଳୀ ସାହିତ୍ୟ ଏକାଡେମୀ ଖୋଲିବା, ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ଟ୍ରାଇବାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା, ସାନ୍ତାଳୀ ସଙ୍ଗୀତ ନାଟକ ଏକାଡେମୀ, ଗୁନାରାମ ସୋରେନ ସାନ୍ତାଳୀ ପାଠାଗାର ପ୍ରତିଷ୍ଠା କରାଯିବା, ଓଡିଶାରେ ସାନ୍ତାଳୀ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ବା ସଂଖ୍ୟାଲଘୁ ଭାଷାର ମାନ୍ୟତା ପ୍ରଦାନ ଆଦି ଦାବୀମାନ ରହିଛି। ଓଡ଼ିଶା ସରକାର ବାସ୍ତବରେ ସାନ୍ତାଳୀ ସମ୍ପ୍ରଦାୟ ତଥା ଆଦିବାସୀମାନଙ୍କ ବିକାଶ ପାଇଁ ବ୍ୟାକୁଳ ତେବେ ଉପରୋକ୍ତ ଦାବୀ ପ୍ରତି ଧ୍ୟାନ ଦେବାକୁ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବୀ କରିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାନ୍ତାଳୀ ସମ୍ପ୍ରଦାୟ ତଥା ଆଦିବାସୀ ସମାଜ ପ୍ରତି ବୈମାତୃକ ମନୋଭାବ ନଦେଖାଇ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଆଶା ପୋଷଣ କରିବା ସହିତ ଯଦି ସାନ୍ତାଳୀ ଭାଷା ଏହାର ଲିପି ଅଲଚିକି ପ୍ରତି ଅବହେଳା ହୁଏ ତେବେ ଆଗାମୀ ଦିନରେ ମାରିସା, ଆଦିବାସୀ ମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆନ୍ଦୋଳନକୁ ଓହ୍ଲାଇବ ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ବିଦାୟ ସମ୍ବର୍ଦ୍ଧନା ଏବଂ ପୁସ୍ତକର ଲୋକାର୍ପଣ ଉତ୍ସବ

## କାଳଜୟୀ ସୃଷ୍ଟି ସ୍ରଷ୍ଟାଙ୍କୁ ଅମରତ୍ୱ ପ୍ରଦାନ କରିଥାଏ

ବାରିପଦା, (ସବ୍ୟୁ) : ଲେଖକ ଟିଏ ସୃଜନୀ ଶକ୍ତିର ଭଣ୍ଡାର । ନିତିଦିନିଆ ସଂସାର ଭିତରେ ସବୁ ମଣିଷ ଘାଣ୍ଟି ହେଉଥିବା ବେଳେ, ସାହିତ୍ୟିକଟିର ମନ ଏବଂ ମସ୍ତିଷ୍କ ସବୁବେଳେ ନୂତନତ୍ୱର ସନ୍ଧାନରେ ନିମଗ୍ନ ରହିଥାଏ । ସମାଜକୁ ଜ୍ଞାନ ବାଣ୍ଟିବା ପାଇଁ ନିଜ କଲମ ମୁନରେ ଯେଉଁ କାଳଜୟୀ ସାହିତ୍ୟକୁ ସୃଷ୍ଟି କରିଥାଏ,



ସେହି କାଳଜୟୀ ସୃଷ୍ଟି ସ୍ରଷ୍ଟାଙ୍କୁ ଆମରତ୍ୱ ପ୍ରଦାନ କରିଥାଏ ବୋଲି ସମ୍ବଲପୁର ବରଗଡ଼ ଓଡ଼ିଆ ଗବେଷଣା ପରିଷଦ ଏବଂ ଓଡ଼ିଆ ଜାଗରଣ ମଞ୍ଚ ମୟୂରଭଞ୍ଜ ଆନୁକୂଲ୍ୟରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଅବସର ପ୍ରାପ୍ତ ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କ ବିଦ୍ୟାୟ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଶିଷ୍ଟ ଅତିଥି ଭାବରେ ବାରିପଦା ଉପଜିଲ୍ଲାପାଳ ବିଶିଷ୍ଟ ସାହିତ୍ୟିକ ଡଃ ଦୟାସିନ୍ଧୁ ପରିଡା, ବିଶିଷ୍ଟ ବକ୍ତା ପଦ୍ମଶ୍ରୀ ଡଃ ଦମୟନ୍ତୀ ବେଶ୍ରା, ଓଡ଼ିଆ ଜାଗରଣ ମଞ୍ଚ ଏବଂ କଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡଃ ଜଗବନ୍ଧୁ ଆଚାର୍ଯ୍ୟ, ସମ୍ବଲପୁର ବରଗଡ଼ ଓଡ଼ିଆ ଗବେଷଣା ପରିଷଦର ସମ୍ପାଦକ ଡଃ ଦିନେଶ ଅଗ୍ରୱାଲା ପ୍ରମୁଖ ମତବ୍ୟକ୍ତ କରିଛନ୍ତି । ସମାରୋହରେ ବିଶିଷ୍ଟ ପରିବେଶବିତ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ ପୌରୋହିତ୍ୟ କରିଥିବାବେଳେ, ଏହି ଅବସରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡଃ ବବ୍ରୁବାହାନ ମହାପାତ୍ର ଚାକିରିରୁ ଅବସର ନେଇଥିବାରୁ ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ତରଫରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ, ବନ୍ଧୁ ସାରସ୍ୱତ ପ୍ରତିଭାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ବିଦାୟ କାଳୀନ ସ୍ମୃତିଗୁଚ୍ଛ ସହିତ ପ୍ରଫେସର ମହାପାତ୍ରଙ୍କ ୪ଟି ଉପାଦେୟ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପ୍ରଫେସର ଡଃ ବବ୍ରୁବାହାନ ମହାପାତ୍ର ମୟୂରଭଞ୍ଜରେ ତାଙ୍କର କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରି ଭଞ୍ଜ ମାଟିର ମୋହକୁ ଭୁଲିବା ଏତେ ସହଜ ନୁହେଁ ବୋଲି କହିଥିଲେ । କୃତି ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ, ଅଧାପକ ସ୍ୱାଧୀନ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ମୟୂରଭଞ୍ଜ, ସମ୍ବଲପୁର, କେନ୍ଦୁଝର, ଭୁବନେଶ୍ୱର ତଥା ଅନ୍ୟାନ୍ୟ ଜିଲ୍ଲାରୁ ଶତାଧିକ ସାହିତ୍ୟିକ ଗବେଷକ ଏବଂ ବୁଦ୍ଧିଜୀବୀ ମାନେ ଯୋଗଦେଇ ଥିଲେ ।

# ଉଗ୍ରରୂପ ନେଉଛି ପାତି ସୋନପୁର ଗୌରା ଆମ୍ମା ଯାତ୍ରା ବିବାଦ

ଚିକିଟି,(ସବ୍ୟୁ) :ଚିକିଟିର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ସାମୁଦ୍ରିକ ତଟରେ ଅବସ୍ଥିତ ପାତି ସୁନାପୁର ଗ୍ରାମ। ଗ୍ରାମ ର ପ୍ରାୟ ଅଧିକାଂଶ ପରିବାର ସମୁଦ୍ରକୁ ଯାଇ ମାଛ ମାରି ଜୀବିକା ର୍ନିବାହ କରନ୍ତି ।ଏହା ସହ ଉକ୍ତ ଗ୍ରାମ ଟି ବହୁତ ଶାନ୍ତ, ସରଳ ଗ୍ରାମ ରୂପେ ସାରା ର୍ନିବାଚନ ମଣ୍ଡଳୀ ରେ ପରିଚିତ। ମାତ୍ର ପରିତାପର ବିଷୟ ଏହା ଯେ, ଗ୍ରାମ ରେ ହେବାକୁ ଥିବା ଗୌରା ଆମ୍ମା ଯାତ୍ରାକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ର ହେବାରେ ଲାଗିଛି।ଘଟଣା ସୂତ୍ରରୁ ପ୍ରକାଶ ଯେ,ଗ୍ରାମ ର ପରମ୍ପରା ଅନୁଯାଇ ଗୋଟିଏ ଗୋଷ୍ଠୀଙ୍କ ସହ ପୂଜକ ବା ଯାନୀ ଯାତ୍ରା ପାଇଁ ଦାବୀ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଗ୍ରାମର ପରମ୍ପରା କୁ ନ ମାନି ନିଜ ଇଚ୍ଛାରେ ଯାତ୍ରା କରିବାକୁ ଅଡ଼ି ବସିଛନ୍ତ।ଏଥି ନିମନ୍ତେ ଗୋଟିଏ ଗୋଷ୍ଠୀ ଜିଲ୍ଲା ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇ ସର୍ବ ସମ୍ମତି କ୍ରମେ ଏବଂ ଗ୍ରାମର ପରମ୍ପରା ଅନୁଯାଇ ଯାତ୍ରା କରାଯାଉ ବୋଲି ଦାବୀ କରିଛନ୍ତି।ଶନିବାର ଦିନ ସୋନପୁର ସ୍ଥିତ ମେରାଇନ ଥାନା ରେ ଉଭୟ ଗୋଷ୍ଠୀର ୬ ଜଣ ଲେଖାଏଁ ବ୍ୟକ୍ତି ଉପସ୍ଥିତ ରହିବାକୁ କୁହାଯାଇଥିଲା।ମାତ୍ର ଗ୍ରାମର ପରମ୍ପରା ଅନୁସାରେ ଯାତ୍ରାଦାବୀ କରୁଥିବା ଗୋଷ୍ଠୀଙ୍କ ସହ ଶତାଧିକ ସ୍ତ୍ରୀ ଏବଂ ପୁରୁଷ ଥାନାରେ ପହଂଚିଥିଲେ।ଶେଷରେ କିଛି ସମାଧାନ ନ ହେବାରୁ ଯାତ୍ରା ବିପକ୍ଷ ଗୋଷ୍ଠୀର କିଛି ବ୍ୟକ୍ତି ତହସିଲଦାର, ସଦର ଏସ, ଡ଼ି, ପି, ଓ ଏବଂ ମେରାଇନ ଥାନା ଅଧିକାରୀଙ୍କୁ ଲିଖିତ ଆକାରରେ ନିଜ ଗ୍ରାମ ଛାଡି ଯାତ୍ରା ପର୍ଯ୍ୟନ୍ତ କୌଣସି ବନ୍ଧୁ ଘରେ ରହିବୁ ବୋଲି ଜଣାଇଥିଲେ। ଯଦି କୌଣସି ଅପ୍ରିତିକାର ପରିସ୍ଥିତି ସୃଷ୍ଟି ହୁଏ ଆମେ ଦାୟୀ ରହିବୁ ନାହିଁ ବୋଲି ଜଣାଇଥିଲେ। ଉକ୍ତ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀମାନଙ୍କ ମତରେ ଯାତ୍ରା ଯଦି କିଛି ଦିନ ବିଳମ୍ବରେ କରା ଯାଇଥାନ୍ତା, ତା ହେଲେ ଉଭୟ ଗୋଷ୍ଟି ମଧ୍ୟରେ ଉତେଜନା କମିଥାନ୍ତା ଏବଂ ପରିସ୍ଥିତି ସ୍ୱାଭାବିକ ହୁଅନ୍ତା।ବର୍ତମାନ ଅଞ୍ଚଳ ରେ ର୍ଚ୍ଚା ଯେ, ଚିକିଟି ବିଧାୟକ କରୁଛନ୍ତି କଣ ? ସେ ଜଣେ ଜନପ୍ରିୟ ନେତା ହିସାବରେ ଉଭୟ ଗୋଷ୍ଟି ଙ୍କୁ ଡାକି କୌଣସି ସମାଧାନ ର ସୂତ୍ର କାହିଁକି ବାହାର କରୁନାହାନ୍ତି? ବୋଧେ ବିଧାୟକ ଙ୍କ ଇଙ୍ଗିତ ରେ ଏହା ସବୁ ହେଉଥିବା ବି ସାଧାରଣ ରେ ର୍ଚ୍ଚା ହେବାରେ ଲାଗିଛି, ଯାହା ଜଳ ଜଳ ହୋଇ ଦେଖା ଗଲାଣି।ବେଳ ଥାଉ ଥାଉ ସମାଧାନ ର ବାଟ ବାହାର କରିବାକୁ ଅଞ୍ଚଳବାସୀ ଗଞ୍ଜାମ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ବିଧାୟକ ଙ୍କୁ ନିବେଦନ କରିଛନ୍ତି।

# ଅବକାରୀ ବିଭାଗର ମିଳିତ ଚଢ଼ାଉ : ୩ ଗିରଫ

ସୋର, (ସବ୍ୟୁ): ସୋର ଅବକାରୀ ବିଭାଗ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ାଉ କରି ଗୁଡପୋଚ ନଷ୍ଟ କରିଥିବା ବେଳେ ଦେଶୀମଦ ଜବତ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ଜିଲ୍ଲା ଅବକାରୀ ଅଧିକ୍ଷକ ମନୋଜ ସେଠୀଙ୍କ ନିର୍ଦ୍ଦେଶରେ ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଏସଆଇ ଭକ୍ତଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ବାଉଁଶପାଳ, ଜାତପଦା ଏବଂ ବାଘଆମ୍ବୁଡା ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୫୬୦୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୭୪୦ ଲିଟର ଦେଶୀମଦ ଜବତ କରି ଉପରଗଡ଼ ଗ୍ରାମର ରବି ସିଂକୁ ଗିରଫ କରିଥିବା ବେଳେ ଅନ୍ୟ ମାନେ ଫେରାର ହୋଇଯାଇଥିଲେ।ସେହିପରି ଏହି ଟିମ ଯୋଡାମ୍ବ ଗ୍ରାମର ଗୁରୁବାରୀ ସିଂ ନିକଟରୁ ୨୦ ଲିଟର ଦେଶୀମଦ ଏବଂ ମାଟିଆପଲ୍ଲା ଗ୍ରାମର ସବିତା ନାୟକ ନିକଟରୁ ୨୦ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ଶଶୀକାନ୍ତ ସାହୁ, ସୁନାରାମ ସରେନ, କାଜଲ ପ୍ରିୟଦର୍ଶିନୀ ଏବଂ ମିନତୀ ପରିଡା ସାମିଲ ହୋଇଥିଲେ।

# ରେଣ୍ଡେଇ ବାଲି ଘାଟରୁ ଡଙ୍ଗାରେ ବାଲି ଉଠାଣ

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଏରେଣ୍ଡେଇ ପଞ୍ଚାୟତ ଏରେଣ୍ଡେଇ ବାଲି ଘାଟରେ ଡଙ୍ଗା ଲଗାଇ ମେସିନ ସାହାଯ୍ୟରେ ଅଭିନବ ଉପାୟରେ ବାଲି ଉଠାଣ କରାଯାଉଥିବା ଦେଖିବାକୁ ମିଳୁଛି।ଏହି ବାଲି ଘାଟକୁ ପାଟଣା ବ୍ଲକର ତୁରୁମୁଙ୍ଗା ଅଞ୍ଚଳର ପ୍ରଭାତ କୁମାର ସାହୁଙ୍କ ନାମରେ ୫ ବର୍ଷ ପାଇଁ ଲିଜି ହୋଇଥିବା ବେଳେ ଏହା ୨୦୨୦ ସେପ୍ଟେମ୍ବର ରୁ ୨୦୨୫ ସେପ୍ଟେମ୍ବର ୩ ତାରିଖ ଯାଏ ରହିଛି।ଏହି ବାଲି ଘାଟରୁ ବାଲି ଉଠାଇବାକୁ ହେଲେ ସରକାରଙ୍କର ନୀତି ନିୟମକୁ ମାନିବାକୁ ପଡିଥାଏ। କିନ୍ତୁ ସରକାରଙ୍କ ନୀତି ନିୟମକୁ ନମାନି ମାତ୍ରାଧିକ ବାଲି ଉତ୍ତୋଳନ କରି ହାଇୱା ସାହାଯ୍ୟରେ ବାହାର ଅଞ୍ଚଳକୁ ପଠାଇ ଦିଆଯାଉଛି। ସେହି ଏରେଣ୍ଡେଇ ଗ୍ରାମରେ ହଜାର ହଜାର ଟନ ବାଲି ବେଆଇନ ଭାବେ ଗଛିତ ରଖିଥିବାର ଦେଖିବାକୁ ମିଳିଛି।ବାଲି ଘାଟ ଲିଜି ହୋଇଥିବା ଖାତା ନଂ ୩୫୬ ଓ ପ୍ଲଟ ନଂ ୧୫୧୩ଡ଼୧ ରେ ଏହା କ୍ଷେତ୍ରଫଳ ମାତ୍ର ୨ ଏକର ୯୦ ଡିସିମିଲି ହୋଇଥିବା ବେଳେ ସେହି ସ୍ଥାନରୁ ବାଲି ନ ଉଠାଇ ଅନ୍ୟ ସ୍ଥାନରୁ ବାଲି ଉଠାଉ ଥିବା ଦେଖିବାକୁ ମିଳିଛି। ଖଣି ଓ ରାଜସ୍ୱ ବିଭାଗ ଦ୍ୱାରା ତଦନ୍ତ କରାଯିବା ପାଇଁ ବୃଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଶିମିଳିପାଳ ସୁରକ୍ଷା ସ୍କ୍ୱାର୍ଡରେ ତାଲିମପ୍ରାପ୍ତ କୁକୁର ନାନ୍ତା ଓ ଅନିକା



ବାରିପଦା, (ସବ୍ୟୁ) : ନୂଆ ସବୁଜ ସୈନିକମାନେ ତେଲେଙ୍ଗାନାର ସିକନ୍ଦରାବାଦରେ ସେମାନଙ୍କର ତାଲିମ ସମାପ୍ତ କରିବା ପରେ ୨ଟି ନୂତନ ଉଚ୍ଚ ତାଲିମପ୍ରାପ୍ତ ଡିଟେକ୍ଟର କୁକୁର (ନାନ୍ତା-ପୁରୁଷ ଏବଂ ଆନିକା-ମହିଳା) ନିକଟରେ ଆମର ସୁରକ୍ଷା ସ୍କ୍ୱାର୍ଡରେ ଯୋଗ ଦେଇଛନ୍ତି। ଉଭୟ କୁକୁର ମାଲିନୋଇଜ୍ ବେଲଜିୟନ୍ ପ୍ରଜାତିର ହୋଇଥିବା ବେଳେ ପ୍ରଥମଟି ବନ୍ୟଜନ୍ତୁଙ୍କ ଟ୍ରାକିଂରେ ତାଲିମପ୍ରାପ୍ତ ଏବଂ ଦ୍ୱିତୀୟଟି ଦକ୍ଷତାର ସହ ଚିହ୍ନଟରେ। ଏହା ଶିମିଳିପାଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆମର ସୁରକ୍ଷା ରଣକୌଶଳକୁ ଆହୁରି ସୁଦୃଢ଼ କରିବ ବୋଲି ଜଣାଯାଇଛି ।



ବାଲେଶ୍ୱର : ରାଷ୍ଟ୍ରପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ


# ଗୋ ସେବାରେ ବ୍ରତୀ ଭିନ୍ନକ୍ଷମ ପ୍ରମୋଦ

ଆଗରପଡ଼ା,(ସବ୍ୟୁ):ଗୋ ସେବା କରିବା ତାଙ୍କର ପେଶା ଥିଲା ମାତ୍ର ଏହି ସେବା କରୁକରୁ ସେ ଭିନ୍ନକ୍ଷମ ପାଲଟି ଗଲେ। ଏହି ସେବା ଆଉ ତାଙ୍କର ପେଶା ହୋଇ ରହିନାହିଁ,ଏହା ପାଲଟିଛି ତାଙ୍କର ନିଶା। ସେ ହେଉଛନ୍ତି ଆଗରପଡ଼ାସ୍ଥିତ ପୁରୁଷଣ୍ଡ ଗ୍ରାମର ଘନଶ୍ୟାମ ବିଶ୍ୱାଳଙ୍କ ପୁଅ ବୁଦ୍ଧିଆ ଓରଫ ପ୍ରମୋଦ ବିଶ୍ୱାଳ। ସେ ୨୦୦୫ ମସିହାରେ ପୁରୁଷଣ୍ଡରେ ଗୋ ମିତ୍ର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ମାତ୍ର ଭାଗ୍ୟର ବିଡମ୍ବନା ଘଟିଲା ତାଙ୍କ ଜୀବନରେ। ଆର୍ଟିଫିସିଆଲ ଇନସେମିନେସନ(ଏ-ଓ୍ୱାନ) କରୁଥିବାବେଳେ ଗାଈ ଠାରୁ ଆଘାତପ୍ରାପ୍ତ ହୋଇ ବାମ ଗୋଡ଼ ଓ ହାତ ଅଚଳ ହୋଇ ପଡ଼ିଲା। ସେ ବର୍ତ୍ତମାନ ପକ୍ଷାଘାତ ରୋଗୀ ପାଲଟି ଯାଇଛନ୍ତି ସତ ତାଙ୍କ ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ଏହି ରୋଗ ହାର ମାନିଛି। ଠିକଭାବେ ଚାଲିପାରୁ ନଥିଲେ ମଧ ସେ ଗୋ ସେବା ଜାରୀ ରଖିଛନ୍ତି। ଆଗରପଡ଼ା,ଆଡ଼ିଆ, କାଦବରାଙ୍ଗ, ଅଣିଜୋ,ଓଡ଼ଙ୍ଗ,ସରମରା ଆଦି ସ୍ଥାନକୁ ଯାଇ ଗୋ ସେବା କରୁଥିବାର ଦେଖିବାକୁ ମିଳୁଛି। ଗୋରୁଗାଈ ଅସୁସ୍ଥ ହେବାର କୌଣସି ଖବର ପାଇଲେ ସେ ନିଜକୁ ଆଉ ଆୟତ୍ତ କରି ପାରନ୍ତିନାହିଁ। ସେଠାରେ କିପରୀ ପହଁଚି ଚିକିତ୍ସା କରିବେ ସେହି ଚିନ୍ତାରେ ରହିଥାନ୍ତି। ନିଜେ ବାଇକ୍ ଚଲାଇ ପାରୁ ନଥିବାରୁ ଅନ୍ୟର ସାହାଯ୍ୟ ଲୋଡ଼ିଥାନ୍ତି। ଗୋ ଚିକିତ୍ସା ତାଙ୍କୁ ଅପାର ଶାନ୍ତି ଦେଇଥାଏ ବୋଲି ସେ କୁହନ୍ତି। ବିଜ୍ଞାପନ ଅନୁଯାୟୀ ପ୍ରାଣୀଧନ ବିଭାଗରେ ପରୀକ୍ଷା ଦେଇ ଆଟେଡାଣ୍ଟ ପଦବୀ ପାଇଁ ମନୋନୀତ ହୋଇଥିଲେ ସୁଦ୍ଧା ସାଇକେଲ ଚଲାଇ ପାରୁ ନଥିବାରୁ ତାଙ୍କୁ ନିଯୁକ୍ତି ମିଳିପାରିନାହିଁ। ଯାହାକି ତାଙ୍କ ଜୀବନରେ ବଡ଼ ଦୁଃଖ,ଅବଶୋଷ ହୋଇ ରହିଯାଇଛି।

# ନୋଳିଆ ନୂଆଗାଁରେ ନୃସିଂହ ଉତ୍ସବ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ବ୍ଲକ ଅନ୍ତର୍ଗତ ସାନ ନୋଳିଆ ନୂଆଗାଁ ଠାରେ ଶ୍ରୀ ଶ୍ରୀ ବରାହା ଲକ୍ଷ୍ମୀ ନୃସିଂହ ସ୍ୱାମୀ କାମିନୀ ଦାସୁଲୁ ବୃନ୍ଦ ନୃତ୍ୟ କଳା ସେବାୟତ ଅନୁଷ୍ଠାନ ପକ୍ଷରୁ ନୃସିଂହ ଉତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି, ବଡ଼ ଦାସୁଲୁ ପୁକାଲ କାଲେୟା ସ୍ୱାମୀ ଓ ବଡ଼ ଦାସୁଲୁ ଅର୍ଦ୍ଧୁ ଶ୍ରୀରାମୁଲୁ ସ୍ୱାମୀ ଙ୍କ ନେତୃତ୍ୱ ରେ ଅନୁଷ୍ଠାନର ସେବାୟତ ମାନେ ଗ୍ରାମ ରେ କୋହଲା ନୃତ୍ୟ, ନୃତ୍ୟ କଳା ଓ ତାଳ ନୃତ୍ୟ ପରିବେଷଣ କରିଥିଲେ, ଗ୍ରାମ ରେ ଏକ ପ୍ରକାର ଆଧାତ୍ମିକ ବାତାରଣ ବରଣ ସୃଷ୍ଟି ହୋଇଥିଲା, ଏହି ଉତ୍ସବ ଦେଖିବା ନିମନ୍ତେ ଗ୍ରାମ ଏବଂ ଆଖ ପାଖ ଗ୍ରାମ ର ବହୁ ଭକ୍ତଙ୍କ ସମାବେଶ ହୋଇଥିଲା

# ଅଯୋଧା ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ



ନୀଳଗିରି,(ସବ୍ୟୁ): ନୀଳଗିରି ଉପଖଣ୍ଡ ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଓଡିଶା ସରକାରଙ୍କର ଇଡ଼କୋ ମହାପ୍ରବନ୍ଧକ ସରୋଜ କୁମାର ସେଠୀଙ୍କ ଆବାହକତ୍ୱ ରେ ୧୯୮୨ମସିହା ବେଚ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବା ବେଳେ ଚଳିତ ବର୍ଷ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇଜଣ ଛାତ୍ର ଜୟପ୍ରକାଶ ବେହେରା ଓ ଶାନ୍ତନୁ ବେହେରା, ମାରିଚି ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୀର୍ଥ ସାଧନ ବେହେରା, ଉକ୍ତ ବିଦ୍ୟାଳୟର ସର୍ବୋଚ ନମ୍ବର ରଖିଥିବା ଦୁଇ ଛାତ୍ରୀ, ଭାଗ୍ୟଜ୍ୟୋତି ବାରିକ ଓ ବିଶ୍ୱବିଜୟିନୀ ଦାସ ମଧ ଯୋଗ ଦେଇଥିଲେ । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଗଗନ ବିହାରୀ ଦାସ, ପୁରାତନ ଛାତ୍ର ସାଂସଦ ସଭାପତି ବାମନ ଚନ୍ଦ୍ର ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସୁଶାନ୍ତ ପରିଡ଼ା, ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ପଡିଆରୀ ଯୋଗ ଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ଏବଂ ପ୍ରତିଭା ପ୍ରଶଂସା ପାତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୮୨ ମସିହା ବେଚ ପୁରାତନ ଛାତ୍ର ଜୟନ୍ତ କୁମାର ଚୌଧୁରୀ ସଭାପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନାମୟୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି

ଭଦ୍ରକ,(ସବ୍ୟୁ):ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ଦିନ ରକ୍ତଦାନ ଶିବିର ଓ ପରିବର୍ଦ୍ଧିତ କମିଟି ବୈଠକ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦଘାଟକ ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟ ସଭାପତି ବିଭୁତି ଭୂଷଣ କର,ବରିଷ୍ଠ ଅତିଥି ଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର,ସମ୍ମାନିତ ଅତିଥି ଭାବେ ଖୋଲାଫର୍ଦ୍ଦ ସମ୍ପାଦକ ବିମଳ ଭଞ୍ଜଦେଓ,ଜିଲ୍ଲା ଚିକିତ୍ସାଧିକାରୀ ଡା ସୁଧାଂଶୁ ବଳ,କୋଷାଧକ୍ଷ ରାଜେନ ଚୌଧୁରୀ,ବରିଷ୍ଠ ସାମ୍ବାଦିକ ନିହାର ଦାସ,ଅତିଶ ବେହେରା,ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଉତ୍କଳ ସାମ୍ବାଦିକ ସଂଘର ଏଭଳି ଦେଶର ଘଡି ସନ୍ଧି ବେଳେ ରକ୍ତଦାନ ଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ,ଉପସଭାପତି ଦୀପ୍ତିରଞ୍ଜନ ନାୟକ,ସୁଧାକର ଦାଶ,ରାଜେନ୍ଦ୍ର ଶତପଥ,ସଂଗଠନ ସମ୍ପାଦକ ଅଶ୍ୱିନୀ ପାଢ଼ୀ,ସନ୍ତୋଷ ଦାସ,କୋଷାଧକ୍ଷ ଆଶିଷ ମହାନ୍ତି, ରତିକାନ୍ତ ନାୟକ,ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଗଳ,ସୁଜୟ ପାକଳ,ଭଣ୍ଡାରିପୋଖରୀ ସଭାପତି ଦୁର୍ଯ୍ୟୋଧନ ଲେଙ୍କା,ଧାମନଗର ସଭାପତି ସୁଶାନ୍ତ ରାଉତ,ସମ୍ପାଦକ ବିବେକାନନ୍ଦ ପଣ୍ଡା,ଅକ୍ଷୟ ନାୟକ,ସେକ ଜାଫର ଅଲି,ସରୋଜ ସେଠି,ଅଭୟ ସାହୁ ଜଗନ୍ନାଥ ବେହେରା,ଦେବାଶିଷ ଦ୍ୱିବେଦୀ,ସୀତାକାନ୍ତ ବିଶ୍ୱାଳ,ଅଜୟ ମଲିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଅପୂର୍ବ ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁଶ୍ରୀ ଅଞ୍ଜନା ମିଶ୍ର,ନିରଞ୍ଜନ ନାୟକ,ଗୀତାଞ୍ଜଳି ଅଗସ୍ତି,ରଶ୍ମିରଞ୍ଜନ ସାହୁ,ବାବୁ ସାହୁ,ସୀତାକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଡା.ଶରତ ଆଚାର୍ଯ୍ୟ,କାଳନ୍ଦୀ ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। ୪୦ରୁ ଉର୍ଦ୍ଧ ରକ୍ତ ସଂଗ୍ରହ କରାଯାଇଥିଲା।

# ବାସ୍ତବ ସଂଗଠନ ପକ୍ଷରୁ ମୟୂରଭଞ୍ଜର ଚଳିତ ମାଟ୍ରିକ ପରୀକ୍ଷାରେ ଯୁଗ୍ମ ଟପ୍ପର ହିମାଂଶୁ ଓ ଭୂମିକାଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ବାସ୍ତବ ସଂଗଠନର ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଙ୍ଗତ ପୁତ୍ରର ସ୍ମୃତି ଉଦ୍ଦେଶ୍ୟରେ ସୁନନ୍ଦନ ମେଧାବୃତ୍ତି ଯୋଜନା ଆରମ୍ଭ କରାଯାଇଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଯୁଗ୍ମ ଟପ୍ପର ଭାବେ ଟିକରପଡା ହାଇସ୍କୁଲର ହିମାଂଶୁ ହିରଣ୍ମୟ ଧୀର ଏବଂ ବାରିପଦାର ତୁଳସୀଚଉରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକା ପ୍ରୀୟଦର୍ଶନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହି ଯୋଜନା ମାଧ୍ୟମରେ ପ୍ରତ୍ୟେକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଟ୍ରଫି ସହିତ ଉପଢୌକନ ଏବଂ ନଗଦ ଦଶ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଉକ୍ତ ସଭାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୭୫ ମସିହାରେ ମ୍ୟାଟ୍ରିକ ପାସ କରିଥିବା ୬୫ବର୍ଷରୁ ଉଦ୍ଧର୍ବ ସଦସ୍ୟ ମାନଙ୍କ ଦ୍ୱାରା ଗଠିତ ବାସ୍ତବ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଯଥା ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେଉ ଅବା ନାଟକ ମାଧ୍ୟମରେ ସମାଜକୁ ଗଠନମୂଳକ ବାର୍ତ୍ତା ଦେଉଥିବାରୁ ତାର ଉଚ୍ଚ ପ୍ରଶଂସା କରିବା ସହିତ ପୌରପରିଷଦକୁ ବିଭିନ୍ନ କ୍ଷେତ୍ରରେ ନିଜ ନିଜ ଜୀବନର ଦୀର୍ଘ




ବର୍ଷର ଅଭିଜ୍ଞତା ଆଧାରରେ ପରାମର୍ଶ ଦେଉଥିବାରୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ତଥା ସମ୍ମାନୀତ ଅତୀଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ବାସ୍ତବ ସଂଗଠନ ଦ୍ୱାରା ଏହି ଉତ୍ସବ ଏକ ସବୁଜ ବନାନୀ ଘେରା ମଧ୍ୟରେ ଆୟୋଜନ ଗୋଟେ ନିଆରା ଓ ସୁନ୍ଦର ପରିକଳ୍ପନା ବୋଲି ଉଚ୍ଚ ପ୍ରଶଂସା କରି ତାଙ୍କ ଜୀବନରେ ଏହା ପ୍ରଥମ ଥର ବୋଲି ଉଲ୍ଲେଖ କରିଥିଲେ। ତାଙ୍କ ଅଭିଭାଷଣରେ ସେ ବିଭିନ୍ନ ଗଳ୍ପ ମାଧ୍ୟମରେ ପିଲାମାନଙ୍କୁ ବାପା ମାଆଙ୍କ ଆଶିର୍ବାଦ ଲାଭ କରି ସଫଳତା ହାସଲ କରିବା ପାଇଁ ଉଦବୋଧନ ଦେବା ସହିତ ଜୀବନରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ପିଲାମାନଙ୍କର ଅଭିଭାବକ ମାନେ ଯୋଗଦେଇ ଏପରି ଏକ ଉତ୍ସବ ସୁନ୍ଦର ପରିବେଶ ମଧ୍ୟରେ ଆୟୋଜନ କରି ପିଲାମାନଙ୍କୁ ଉତ୍ସାହିତ କରିଥିବାରୁ ସଂଗଠନର କର୍ମକର୍ତ୍ତା ମାନଙ୍କ ଉଦ୍ୟମର ଭୂରି ଭୂରି ପ୍ରଶଂସା କରିଥିଲେ। ଏହା ପରବର୍ତ୍ତୀ ସମୟରେ ପିଲାମାନଙ୍କୁ ପାଠପଢି ଆଗକୁ ଅଗ୍ରସର ହେବାରେ ଅଧିକ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି ଯୋଜନା ପ୍ରତ୍ୟେକ ବର୍ଷ ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏବଂ ବିଶିଷ୍ଟ ସମାଜସେବୀ କାଶୀନାଥ ରଣା ଯୋଗଦେଇ ପ୍ରତିବର୍ଷ ଆବଶ୍ୟକ ଅର୍ଥ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ। ଏହି ସଭାରେ ସଂଗଠନର ମହିଳା ଶାଖାର ବନାନୀ ମହାନ୍ତି, ବିଶିଷ୍ଟ ଗାୟୀକା ଅଞ୍ଜଳି ମିଶ୍ର, ମୀନାକ୍ଷୀ ପଣ୍ଡା, କୁମୁଦିନୀ ମିଶ୍ର, ଜ୍ୟୋତ୍ସ୍ନା ଦାଶଙ୍କ ସହିତ ପିଲା ମାନଙ୍କ ଅଭିଭାବକମାନେ ଯୋଗଦେଇଥିଲେ। ସଂପାଦକ ପ୍ରଦୀପ କିଶୋର ମହାନ୍ତି, ସହସମ୍ପାଦକ ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିବାବେଳେ ସଦସ୍ୟ କଲ୍ୟାଣ ସିହ୍ନା, ସୈଞ୍ଚାର ବିହାରୀ ଦାସ, ଚାରୁଚନ୍ଦ୍ର ଦାସ, ଅନନ୍ତ ଦାଶ, ଜୟନ୍ତ ସେନାପତି, ଶାନ୍ତନୁ ଦାସ, ବିନୋଦ ସାହୁ, ଅଶ୍ୱିନୀ ବ୍ରହ୍ମା, ସୁକୁମାର ଆଢ୍ୟ, ଶାନ୍ତନୁ ପାଢ଼ୀ, ସର୍ବତୋଷ ଦାଶ, ସୁକାନ୍ତ ଜୀଉ, ମନୋରଞ୍ଜନ ପଟ୍ଟନାୟକ ଓ ନନ୍ଦଲାଲ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ସଭାକୁ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ, ଗୀତିକାର ତଥା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଏକ ସୁନ୍ଦର ସାବଳୀଳ ଢଙ୍ଗରେ ପରିଚାଳନା କରିଥିଲେ।

# ବିଶ୍ୱମାତୃ ଦିବସ ପାଳିତ

ବେତନଟୀ ,(ସବ୍ୟୁ) : ବୈଶିଙ୍ଗା ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ରର ପରିସରରେ ରବିବାର ଅପରାହ୍ନରେ ବିଶ୍ ମାତୃ ଦିବସ ପାଳିତ ହୋଇଯାଇଛି। ବୈଶିଙ୍ଗା ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମା କୁମାରୀ ଅନୁପମା ଭଉଣୀ ଏହି କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାକୁମାର ସୁଧୀର କୁମାର ସାହୁ ଯୋଗ ଦେଇଥିଲେ ।ଭଗବାନଙ୍କ ସୃଷ୍ଟିରେ ମାଆ ଏବଂ କନ୍ୟା ମାନଙ୍କ ଦ୍ୱାରା ହିଁ ଏ ସମ୍ପୂର୍ଣ୍ଣ ବିଶ୍ୱର ପରିବର୍ତ୍ତନ ହୋଇ ପବିତ୍ରତା ଯୁକ୍ତ ଦୁନିଆର ସ୍ଥାପନ ହେବ ବୋଲି ବ୍ରହ୍ମା କୁମାରୀ ଅନୁପମା ଭଉଣୀ ମତ ବ୍ୟକ୍ତ କରିଥିଲେ। ମା ଏବଂ ମାର ମମତା ଏବଂ ସଂସ୍କାରକୁ ବର୍ତ୍ତମାନର ପିଢି ସମ୍ପୂର୍ଣ୍ଣ ଭୁଲି ଯାଇ ଆଧୁନିକତାକୁ ଆପଣାଇ ବିପଥଗାମୀ ହେଉଥିବା ନେଇ ମତ ପ୍ରକାଶ ପାଇଥିଲା। ମୁଖ୍ୟ ଅତିଥି ସୁଧୀର କୁମାର ସାହୁ ଏହି ଦିବସର ମହତ ବିଷୟରେ ଗଭୀର ଆଲୋକପାତ କରିଥିଲେ। ଏହା ସହ ବର୍ତ୍ତମାନ ସମୟରେ ବିଶ୍ୱର ଶାନ୍ତିର ବାତାବରଣ ନିମନ୍ତେ ରାଜଯୋଗ ଭଳି କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଯୁଦ୍ଧରେ ମୃତାହତ ସମସ୍ତ ନାଗରିକ ପାଇଁ ନିରବ ପ୍ରାର୍ଥନା କରାଯାଇ ଶାନ୍ତି ଏବଂ ଶକ୍ତି ର ଯୋଗଦାନ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ସେବା କେନ୍ଦ୍ରର ସମସ୍ତ ଗୀତା ପାଠଶାଳା ମାନଙ୍କରୁ ସମସ୍ତ ମାତା , କନ୍ୟା, ଭ୍ରାତା ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ମନୋଜ, ବ୍ରହ୍ମାକୁମାର ସତ୍ୟପ୍ରକାଶ , ବ୍ରହ୍ମାକୁମାର ଭଗବାନ , ବ୍ରହ୍ମାକୁମାର ଦିବ୍ୟରଞ୍ଜନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଦମ୍ପତି ଗିରଫ

ସୋର, (ସବ୍ୟୁ) :: ସୋର ଥାନା ଅଇଁରୀ ନାଥସାହି ଗ୍ରାମରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଦମ୍ପତ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ସୋର ପୁଲିସ। ଅଭିଯୋଗ ଅନୁସାରେ ଏହି ଗ୍ରାମର ସୁରେଶ ନାଥ (୨୩) ଏବଂ ତାଙ୍କ ସ୍ତ୍ରୀ ଝରଣା ଦାସ (୨୨) କୌଣସି କାରଣକୁ ନେଇ ଝଗଡା ଲାଗିଥିଲେ। ଝଗଡା ଉଗ୍ରରୂପ ନେବାରୁ ସୁରେଶଙ୍କ ମାଆ ପଡୋଶୀ କାହ୍ନୁ ନାଥଙ୍କୁ ବୁଝାସୁଝା କରିବା ପାଇଁ ଡାକିଥିଲେ।କାହ୍ନୁ ଆସି ଉଭୟଙ୍କୁ ବୁଝାସୁଝା କରୁଥିବା ବେଳେ ସୁରେଶ ଏବଂ ଝରଣା ଉଭୟ ଦୁଇଟି ଦାଆରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ କାହ୍ନୁଙ୍କ ମୁଣ୍ଡ ଏବଂ ପେଟରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ କାହ୍ନୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୬୯/୨୫ ରେ ଏକ ମାମଲା ରୁଜୁ କରି ଗତକାଲି ବିଳମ୍ବିତ ରାତିରେ ଉଭୟଙ୍କୁ ଗିରଫ କରିଥିଲେ। ରବିବାର ଅପରାହ୍ନରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପଟ୍ଟାଜମି ନଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ କୁମାରୀ ଗ୍ରାମବାସୀ

ଧର୍ମଶାଳା,(ସବ୍ୟୁ) :,ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ପଂଚାୟତରେ ଥିବା ୧୪ଟି ୱାର୍ଡରେ ୫ହାଜାରରୁ ଉର୍ଦ୍ଧ ଲୋକେ ବସବାସ କରୁଥିବା ବେଳେ ସେମାନଙ୍କୁ ଅଦ୍ୟାବଧି ପଟ୍ଟାଜମି ମିଳିନଥିବାରୁ ସେମାନେ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି। ଏଠାରେ ବସବାସ କରୁଥିବା ପରିବାର ଗୁଡ଼ିକୁ ତୁରନ୍ତ ଜମି ପଟ୍ଟା ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଦୀର୍ଘବର୍ଷ ହେଲା କୁମାରୀ ଗ୍ରାମରେ ବହୁ ପରିବାର ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ସରକାରୀ ଜମିପଟ୍ଟା ଅଦ୍ୟାବଧି ମିଳିପାରି ନାହିଁ। ବିଗତ ସରକାରରେ ସେମାନଙ୍କୁ ପଟ୍ଟା ଦେବାପାଇଁ ପ୍ରତିଶ୍ରୁତି ମିଳିଥିଲା । ହେଲେ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସରକାର ପରିବର୍ତନ ହେବା ପରେ ସେମାନଙ୍କ ଦୀର୍ଘଦିନର ସମସ୍ୟା ସମାଧାନ ହେବ ବୋଲି ସେମାନେ ଆଶା ବାନ୍ଧିଛନ୍ତି ଓ ପୂର୍ବରୁ ଏହି ପଂଚାୟତରେ ବସବାସ କରୁଥିବା କିଛି ଲୋକଙ୍କୁ ୪ ଡିସମିଲ ଲେଖାଏଁ ଜମିପଟ୍ଟା ମିଳିଥିବା ବେଳେ ପରବର୍ତୀ ସମୟରେ ସେମାନଙ୍କୁ ଆଉ ୬ ଡିସମିଲ ଜମି ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ସେମାନେ ବହୁବର୍ଷ ଧରି ରହି ଆସିଥିଲେ ମଧ୍ୟ ସରକାରଙ୍କ ଅବହେଳାରୁ ସେମାନେ ତାଙ୍କ ମୌଳିକ ସୁବିଧା ସହିତ ଜମିପଟ୍ଟା ପାଇ ପାରି ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ , ୧୯୭୫ ମସିହା ବନ୍ୟାରେ ଭାଲୁଖାଇ ଠାରେ ଘାଇ ହେବା ଫଳରେ ବହୁ ଧନ ଜୀବନ ନଷ୍ଟ ହୋଇଥିଲା। ଏହି ବନ୍ୟା ବିଭୀଷିକାରୁ ସରକାର ଉଦ୍ଧାର କରି ଉଚ୍ଚ ସ୍ଥାନ ତଥା କୁମାରୀ ଠାରେ ଟାଇଲି ଛପର ଘର କରି ଭାଲୁଖାଇ, ଚହଟା, ଦୁର୍ଗାପୁର ଆଦି ଗ୍ରାମରୁ ଆସିଥିବା ଅନେକ ଲୋକମାନଙ୍କୁ ଥଇଥାନ କରିଥିଲେ। ପ୍ରତ୍ୟେକ ପରିବାରକୁ ନକ୍ସା ତିଆରି କରି ୧୦ ଡିସମିଲ ଲେଖାଏଁ ଜମି ଦେଇଥିଲେ। ପରେ ୧୯୯୩-୯୪ମସିହାରେ କିଛି ପରିବାରକୁ ୪ଡିସମିଲ ଲେଖାଏଁ ଘରବାରୀ ପଟ୍ଟା ପ୍ରଦାନ କରାଯାଇଥିଲେ ସୁଦ୍ଧା ବହୁ ପରିବାର ଏହି ସମୟରେ ପଟ୍ଟା ପାଇବାରୁ ବଂଚିତ ହେଲେ। ଏପର୍ଯ୍ୟନ୍ତ ରହିଯାଇଥିବା ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇନାହିଁ। ଯେଉଁମାନେ ୪ ଡିସମିଲ ଜମି ପଟ୍ଟା ପାଇଥିଲେ। ସେମାନଙ୍କୁ ଅବଶିଷ୍ଟ ୬ ଡିସମିଲ ପଟ୍ଟା ଦିଆଯାଇନାହିଁ। ବିଶେଷ କରି କୁମାରୀ ପଂଚାୟତର ଦେଉଳି, ଦେଉଳିପାଳ, କୁମାରୀ, ଜାଲଶୁଖା, ଜାମୁବଣିଆ ଗ୍ରାମରେ ରହିଥିବା ଲୋକେ ଜମି ପଟ୍ଟା ପାଇବାରୁ ବଂଚିତ ହୋଇଛନ୍ତି । ଜମିପଟ୍ଟା ନଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସରକାରଙ୍କ ବିଭିନ୍ନ ଆବାସ ଯୋଜନାରୁ ବଂଚିତ ହେଉଛନ୍ତି । ଏପରିକି ସେମାନଙ୍କୁ ବ୍ୟାଙ୍କରୁ ଋଣ ମଧ୍ୟ ମିଳୁନାହିଁ । ଅଭାବ ଅସୁବିଧାରେ କେହି ଜମି ବିକ୍ରି କରିବାକୁ ଚାହିଁଲେ ମଧ୍ୟ ତହସିଲରେ ଦାଖଲ ଖାରଜ ହୋଇପାରୁନାହିଁ ଓ ଦୀର୍ଘବର୍ଷ ଜମି ଦଖଲରେ ଥାଇ ନିଜର ବୋଲି କହିବାର କ୍ଷମତା ତାଙ୍କର ନାହିଁ। ଜିଲାପାଳ ଦ୍ୱାରସ୍ଥ ହୋଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆସି ଜମି ଓ ମିଳିଥିବା କାଗଜ ପତ୍ର ଦେଖି ସର୍ଭେ କରିଯାଉଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ପଂଚାୟତବାସୀ ଉଦବେଗ ପ୍ରକାଶ କରିଛନ୍ତି । ସରକାର ଯଥାଶିଘ୍ର ଏମାନଙ୍କୁ ଜମି ପଟ୍ଟା ଯୋଗାଇ ଦେବାକୁ ଦାବି ହୋଇଛି ।

# ନୃସିଂହ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ



କେନ୍ଦ୍ରାପଡା,(ସବ୍ୟୁ) :, ଆଜି ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ରେ ମହାପ୍ରଭୁ ନୃସିଂହ ଅବତାର ବେଶ ରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟା ସମୟ ପହୁଡ଼ ଖୋଲାଯାଇ ଉଠାଣୀ ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ବେଶ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଶୁକ୍ଳ ମଉଳି ପିନ୍ଧା ଯାଇ ମଣ୍ଡଳ ଲଗା ଯାଇଥିଲା ବଳ ଦେବ ଜୀଉଙ୍କୁ । ଶ୍ରୀ ଭୁଜପୟର ପାଟ ହସ୍ତରେ ହଳ ମୁଷଳରେ ସଜ୍ଜିତ କରାଯାଇଥିଲା । ଦେବୀ ସୁଭଦ୍ରାଙ୍କୁ ପାଟ ମଉଳି ଘେରା ସଜ୍ଜିତ କରାଯାଇ ଥିଲା । ପରେ ଜଗନ୍ନାଥଙ୍କୁ ଶ୍ରିଭୂଜ ଶଙ୍ଖ ଚକ୍ର ପଦ୍ମ ଆସନରେ ସଜ୍ଜିତ ଚରଣ ଉପରେ ଦାନବ ଅସୁର ହିରନ୍ୟ କଶ୍ୟପ ବିଦାର ଦୃଶ୍ୟ ,ଭକ୍ତ ପ୍ରହଲ୍ଲାଦଙ୍କ ଯୋଡ ହସ୍ତ ରେ ପ୍ରାଥନା ବେଶ ଭକ୍ତମାନଙ୍କୁ ବିମୋହିତ କରିଥିଲା । ଆଜି ନୃସିଂହ ଉପାସନା ବ୍ରତ ଥିବାରୁ ଭକ୍ତଙ୍କ ଗହଳି ଥିଲା । ପରେ ଶ୍ରଜୀଉମାନଙ୍କର ମହାସ୍ନାନ କରାଯାଇ ଅନ୍ୟ ନୀତକାର୍ଯ୍ୟ ଆରମ୍ଭ ହୋଇଥିଲା । ପୁରାଣ ବର୍ଣ୍ଣିତ ଅନୁଯାଇ ସତ୍ୟ ଯୁଗରେ ଦାନବ ଅସୁର ହୀରନ୍ୟ କଶ୍ୟପ ବ୍ରହ୍ମାଙ୍କ ବର ପାଇ ପୃଥିବୀ ପୃଷ୍ଠରେ ଅନ୍ୟାୟ ଅତ୍ୟାଚାର ବଢିଚାଲିଲା । ବିଷ୍ଣୁ ଭକ୍ତ ଉପରେ ବେଶୀ ଅତ୍ୟାଚାର କରିଥିଲା । ତାହାର ପୁତ୍ର ପ୍ରହଲ୍ଲାଦ ବିଷ୍ଣୁ ଭକ୍ତ ଥିବାରୁ ତା ଅତ୍ୟାଚାର ଶିକାର ହୋଇଥିଲା । ଭଗବାନ ବିଷ୍ଣୁ ନରସିଂହ ଅବତାର ନେଇଥିଲେ । ଦଶ ଅବତାର ଭିତରୁ ଚତୁର୍ଥ ଅବତାର ନରସିଂହ ଭୟଙ୍କର ଅବତାର ନେଇ ହିରନ୍ୟ କଶ୍ୟପକୁ ନିଜ ନଖରେ ବିଦାର କରିଥିଲେ । ସେଇ ଯୁଗର ପ୍ରଥାକୁ ତୁଳସୀ କ୍ଷେତ୍ରରେ ବୈଶାଖ ମାସର ଶୁକ୍ଳ ଚତୃଦଶି ତିଥିରେ ପାଳନ କରାଯାଇଥାଏ ।

# ବଟ ଶ୍ରୀ କ୍ଷେତ୍ରରେ ଆଧ୍ୟାତ୍ମିକ ସାହିତ୍ୟ ଆସର



ଜଗତସିଂହପୁର,(ସବ୍ୟୁ) :,ପାଟେଣୀ ଗାଁ ସ୍ଥିତ ବଟ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଚନ୍ଦନ ଉତ୍ସବ ଅବସରରେ ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଆଧ୍ୟାତ୍ମିକ କବିତା ପାଠ, କବିସମିଳନୀ ତଥା ସାମ୍ପ୍ରତିକ ସମାଜ ପାଇଁ ଆଧ୍ୟାତ୍ମିକ ସାହିତ୍ୟର ଆବଶ୍ୟକତା ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଇଂ କଥାଶିଳ୍ପୀ ବିଷ୍ଣୁ ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚକ ଡ. ଦୀନବନ୍ଧୁ ଦାଶ, ଔପନ୍ୟାସିକ ଭାଗୀରଥି ଦାସ କବି ଅଜୟ କୁମାର ବେହେରା ପୀତାମ୍ବର ମହାପାତ୍ର, ଅଧ୍ୟାପିକା ବିଷ୍ଣୁ ପ୍ରିୟା ଦାସ, ନୀଳକଣ୍ଠ ମିଶ୍ର, ପତିତପାବନ ଜେନା,ଅଳକାବତୀ ରଥ, ସତ୍ୟବତୀ ସ୍ୱାଇଁ, ଜୟଶ୍ରୀ ମିଶ୍ର,କୃଷ୍ଣ ଚନ୍ଦ୍ର ନନ୍ଦ, ଶାନ୍ତିଲତା ଜେନା, ଅନଙ୍ଗ ମଞ୍ଜରୀ ସ୍ୱାଇଁ, ଆଧ୍ୟାତ୍ମିକତା ହିଁ ସାହିତ୍ୟ ର ଭିତିଭୂମି ବୋଲି କହିଥିଲେ । ସମାଜ ଗଠନ, ସମାଜର ହିତ ସାଧନ ଓ ମଣିଷ ମନରେ ଉତ୍ତରଣ ସୃଷ୍ଟି କରିବା ସାହିତ୍ୟର ଧର୍ମ । ଏହାଦ୍ୱାରା ସମାଜ ସଂଗଠିତ ହୁଏ, ହିତ ସାଧନ କାର୍ଯ୍ୟ ବେଗଗାମୀ ହୁଏ ,ପ୍ରାଣୀମାନଙ୍କ ମଧ୍ୟରେ ମନୁଷ୍ୟକୁ ଈଶ୍ୱର ଦେଇଥିବା ବିବେକର ସଦୁପଯୋଗ କରିବା ସହଜ ହୁଏ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ମହାସ୍ମିତା ଓଝା ଓ ଝରଣା ଦାଶଙ୍କ ସଂଯୋଜନାରେ ପଣ୍ଡିତ ବୈଷ୍ଣବ ଚରଣ ଗ୍ରହଚାର୍ଯ୍ୟ, କୈଳାସ ମଲିକ, ପୂର୍ଣ୍ଣ ମିଶ୍ର, ତିଲୋତ୍ତମା ଦାଶ, ଲୋଚନା ଦେଇ ,ବିଥିକା ରାଣୀ ମହାନ୍ତି ଓ ରବୀନ୍ଦ୍ର ନାଥ ଦାଶ କବି ନିଜର କବିତା ଆବୃତ୍ତି କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବଟ ଶ୍ରୀକ୍ଷେତ୍ର ସଭାପତି ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସଂହାରରେ ଧନ୍ୟବାଦ ଅର୍ପଣ କରିଥିଲେ ନିର୍ମାଲ୍ୟ ପତ୍ରିକାର ସମ୍ପାଦକ ରବୀନ୍ଦ୍ର ନାଥ ନାୟକ ।କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜଗତସିଂହପୁର ସାହିତ୍ୟ ପରିଷଦ ର ସମ୍ପାଦକ ଉମାକାନ୍ତ ନାୟକ ।

## ସମସ୍ୟା ଘେରରେ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ମାହାଙ୍ଗା, (ସବ୍ୟୁ): ମାହାଙ୍ଗା ଅଂଚଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଚଳାବସ୍ଥା ସୃଷ୍ଟି ହୋଇଥିଲା ବେଳେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିରହିଥିବା ଅବ୍ୟବସ୍ଥାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଯୋରଦାର ହୋଇଛି । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ ରହିଥିଲେ ମଧ୍ୟ ଏହି ମେସିନ ଚଳାଇବା ପାଇଁ ଜଣେ ଡାକ୍ତରଙ୍କୁ ଛଅ ମାସ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ । ସିଡିଏମ୍ଓ ଚୁପ୍ ହୋଇ ବସିଛନ୍ତି । ସେହିପରି ଲକ୍ଷ ଲକ୍ଷ ଟଙ୍କାର ଦନ୍ତ ବିଭାଗର ମେସିନ କିଣାଯାଇଥିଲେ ମଧ୍ୟ ଓପିଡି କକ୍ଷରେ ମେସିନ ଖତ ଖାଉଛି । ଦନ୍ତ ବିଭାଗର ଡାକ୍ତର ରହିଥିଲେ ମଧ୍ୟ ଉକ୍ତ ମେସିନକୁ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହେଉଛି । ଅପରପକ୍ଷରେ କ'ଣ ପାଇଁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାୟୋମେଟ୍ରିକ ଯନ୍ତ୍ର ଲଗାଯାଉନାହିଁ ତାହା ବୁଝା ପଡୁନାହିଁ। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ସୁଲଭ ଶୌଚାଳୟ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବଜାର ଡେ଼ଲି ମାର୍କେଟରେ ନିର୍ମାଣ କରାଯାଇଥିବା ସୁଲଭ ଶୌଚାଳୟ ଓ ସ୍ନାନାଗାର ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି । ଦୀର୍ଘ ବର୍ଷ ହେବ ରାଜନେତା, ଜନପ୍ରତିନିଧି ଓ ପ୍ରଶାସନଙ୍କ ଜ୍ଞାତସାରରେ ଏହି ଜବରଦଖଲକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏହି ସୁଲଭ ଶୌଚାଳୟରୁ କେବେ ଜବରଦଖଲ ଉଚ୍ଛେଦ କରାଯିବ ସେ ନେଇ ପ୍ରଶ୍ନ ଉଠିଛି । ନିଶ୍ଚିନ୍ତକୋଇଲି ବଜାର ଓ ସାପ୍ତାହିକ ହାଟ ଆଖପାଖ ତିନିଗୋଟି ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ମାନଙ୍କର ଏକ ବ୍ୟବସାୟ ପେଣ୍ଠସ୍ଥଳୀ ଅଟେ । ଏହାଛଡ଼ା ଏହି ବଜାରରେ ମଧ୍ୟ ଏକ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ପ୍ରତ୍ୟେକ ଦିନ ନିଶ୍ଚିନ୍ତକୋଇଲି ବଜାର ବସଷ୍ଟାଣ୍ଡରୁ ଶହ ଶହ ସଂଖ୍ୟାରେ ଯାତ୍ରୀମାନେ ବସଯୋଗେ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ତତ୍କାଳୀନ ମାହାଙ୍ଗା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସେକ୍ ମତଲୁବ୍ ଅଲ୍ଲୀଙ୍କ ପ୍ରଚେଷ୍ଟାରେ ୧୯୯୭ ମସିହାରେ ସରକାରଙ୍କ ଜାଗାରେ ସରକାରୀ ଅନୁଦାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଉନ୍ନତମାନର ସ୍ନାନାଗାର ସହ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା । ଏହି ଶୌଚାଳୟଟି କିଛି ବର୍ଷ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବା ପରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ବନ୍ଦ ହୋଇପଡ଼ିଥିଲା । ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଉକ୍ତ ଶୌଚାଳୟକୁ ଜବରଦଖଲ କରି ରଖିଛନ୍ତି । ଜବରଦଖଲକାରୀ ଏଥିରେ ସାଇକେଲ ଷ୍ଟାଣ୍ଡ କରିବା ସହିତ ଏହାର ଦୁଇ ପାର୍ଶ୍ୱରେ ଆଜେବେଷ୍ଟସ ଛପର କରି କେତେକ ବ୍ୟବସାୟଙ୍କୁ ଭଡ଼ା ସୂତ୍ରରେ ଦେଇ ଅର୍ଥ ମଧ୍ୟ ଉପାର୍ଜନ କରୁଛନ୍ତି । ଜବରଦଖଲକାରୀ ଉକ୍ତ ଶୌଚାଳୟଟିକୁ ନିଜ ଅକ୍ତିଆରରେ ରଖିଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବିଗତ ୮ବର୍ଷ ତଳେ ନିଶ୍ଚନ୍ତକୋଇଲି ବ୍ୟବସାୟୀ ସଂଘର ଅଭିଯୋଗ କ୍ରମେ ଏହାର ଜବରଦଖଲ ଉଠାଯିବା ପାଇଁ ତହସିଲଦାରଙ୍କ ପକ୍ଷରୁ ତତକାଳୀନ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇନଥିଲା । ବର୍ତ୍ତମାନ ନିଶ୍ଚିନ୍ତକୋଇଲି ବଜାରରେ ହଜାର ହଜାର ଲୋକ ଚଳପ୍ରଚଳ ହେଉଥିବା ବେଳେ ଶୌଚାଳୟ ଟିଏ ନଥିବାରୁ ମହିଳା, ପୁରୁଷ ଓ ପିଲାମାନେ ପରିସ୍ରା କରିବା ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି । ବ୍ୟବସାୟୀ ମାନେ ମଧ୍ୟ ପରିସା କରିବା ଓ ଶୌଚ ହେବା ପାଇଁ ଦୋକାନ ବନ୍ଦ କରି ଅନ୍ୟ ସ୍ଥାନକୁ ଯାଉଥିବା ଦେଖାଯାଉଛି । ତୁରନ୍ତ ଉକ୍ତ ଶୌଚାଳୟକୁ ଜବରଦଖଲକାରୀଙ୍କ କବଜାରୁ ମୁକ୍ତ କରାଇ ଏହାର ମରାମତି କରି ପୁର୍ନଃଦ୍ଧାର କରିବା ସହିତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି ।

# କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବରୀ,(ସବ୍ୟୁ) :, ବରୀ ନିର୍ବାଚନ ମଣ୍ଡଳୀରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ବରୀ ବ୍ଲକ ଅନ୍ତର୍ଗତ ଇଶାଣପୁରସ୍ଥିତ ହାପି କ୍ଲାସେସ ତରଫରୁ ଇଶାବରି ଗ୍ରାମୀଣ ପାର୍କ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ ରଞ୍ଜନ ମଲିକ ଯୋଗଦେଇ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଜିଜ୍ଞାସା ବିଶ୍ୱାଳ ,ଅଙ୍କିତ ଅନୁରାଗ ପଣ୍ଡା, ଜୟଶ୍ରି ଦାସ, ସୌମ୍ୟଜିତ ଦାସ, ନିବେଦିତା ଦାସ, ଲକ୍ଷ୍ମୀପ୍ରିୟା ମଲିକ, ସାଗର ମୁଦୁଲିଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ନଗଦ ଦୁଇ ହଜାର ହଜାର ଟଙ୍କା ପୁରସ୍କାର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଏଥି ସହିତ ପିଲାମାନେ ପିତା ମାତା ଓ ଗୁରୁଙ୍କ କଥା ମାନି ପାଠ ପଢିଲେ ନିଶ୍ଚିତ ଭାବରେ ସଫଳତା ପାଇପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାକିସ୍ତାନ ସୀମାରେ ଯୁଦ୍ଧ ଲଢୁଥିବା ଯବାନ ମାନଙ୍କ ମନୋବଳ ବଢ଼ାଇବା ଉଦ୍ଦେଶ୍ୟରେ ଭାରତ ମାତା କି ଜୟ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା । ବିଦସ୍ମାର ନିର୍ଦ୍ଦେଶକ ଶରତ କୁମାର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମକର ଚରଣ ଘଡାଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରୀ ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡି, ଉପାଧକ୍ଷା ଅର୍ଚ୍ଚନା ମଲିକ, ସମାଜସେବୀ କେଦାର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ପୁର୍ବତନ ବ୍ଲକ ଅଧକ୍ଷା ଅଯୋଧ୍ୟା ଜେନା, ସରପଞ୍ଚ ରେବତୀ ଜେନା, କୁନା ମଲିକ, ସଞ୍ଜୟ ସେଠି, ସମିତି ସଭ୍ୟ ଶ୍ରୀଧର ସେଠି, ପୁର୍ବତନ ସରପଞ୍ଚ ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଜେନା, ଇଶାଣପୁର ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଟବର ଜେନା, ଭାଗବତ ଜେନା, ଅର୍ଜୁନ ଚରଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଚିନ୍ତାମଣି ଜେନା ଧନ୍ୟବାଦ ଦେଇଥିଲେ ।

# ସୂଚନା ଫଳକ ନାହିଁ, ଅବଧିର ଚାରିମାସ ପରେ ବି କାମ ସରୁନି

ମଙ୍ଗଳପୁର,(ସବ୍ୟୁ) : ସରକାର କେତେକ କ୍ଷେତ୍ରରେ ବିକାଶ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ଭିତ୍ତିଭୂମିରେ ଉନ୍ନତି ନିମନ୍ତେ କୋଟି କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ କେତେକ କ୍ଷେତ୍ରରେ ସରକାରୀ ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁଁ ସରକାରୀ ଯୋଜନାରେ ମିଳୁଥିବା ଅନୁଦାନରେ ବ୍ୟାପକ ହରିଲୁଟ ହେଉଥିବାର ଅଭିଯୋଗ ହେଉଅଛି । ଯାହାର ଉଦାହରଣ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକସ୍ଥ ବିଭାଜନ ଯାଜପୁର-୧ ର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଦଶରଥପୁର ଡାକବଙ୍ଗଳା ଠାରୁ ଶୁଶୁଆ ଶିବତାଣ୍ଡବ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଏବଂ ବିଭାଜନ ମଙ୍ଗଳପୁର ଅଧିନସ୍ଥ ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ଏବଂ ଡାକବଙ୍ଗଳା ଥାଲକୁଡି ପରିସରରେ ହେଉଥିବା କାର୍ଯ୍ୟର କୌଣସି ସୂଚନା ଫଳକ ମରାନଯାଇ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଛି । ସୂଚନା ଥାଉକି ବିଭାଜନ ମଙ୍ଗଳପୁର ପୂର୍ତ୍ତ ବିଭାଗ ଅଧିନସ୍ଥ ମଙ୍ଗଳପୁର ସନ୍ନିକଟ ଜାତୀୟ ରାଜପଥ ୨୦ ପାର୍ଶ୍ୱ ଥାଲକୁଡ଼ି ଠାରେ ଅବସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଏବଂ ପୂର୍ତ୍ତ ବିଭାଗର କାର୍ଯ୍ୟାଳୟ ସମୁଖରେ ଥିବା ପୁରାତନ ଗାଡ଼ିଆଟିକୁ ବାଲି ପକାଇ ପୋତିବା ଓ ଚାରି କଡରେ ସୁରକ୍ଷା ପାଚେରୀ ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଖୁବ୍ ତତ୍ପରତାର ସହ ଚାଲୁରହିଥିବା ପରିଲକ୍ଷିତ ହୋଇଛି । ପୂର୍ତ୍ତ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଉକ୍ତ କାର୍ଯ୍ୟର ବିବରଣୀ ବ୍ୟୟ ଅଟକଳ ଇତ୍ୟାଦି ସମ୍ପର୍କରେ କୌଣସି ସୂଚନା ଫଳକ ମାଧ୍ୟମରେ ଉଲ୍ଲିଖିତ ହୋଇନଥିବା ବେଳେ ସର୍ବସାଧାରଣ କାର୍ଯ୍ୟର କୌଣସି ତଥ୍ୟ ସାର୍ବଜନୀନ ହୋଇପାରୁନାହିଁ । ସେହିପରି ବିଭାଜନ ଯାଜପୁର-୧ ର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଦଶରଥପୁର ଡାକବଙ୍ଗଳା ଠାରୁ ଶୁଶୁଆ ଶିବତାଣ୍ଡବ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ନିମ୍ନମାନର କାର୍ଯ୍ୟ ହେଉଥିବାର ଅଭିଯୋଗ ହୋଇଛି ବିଭାଗ ପକ୍ଷରୁ ଏହି ୧୫ କିଲୋମିଟର ରାସ୍ତା ପାଇଁ ୨୪ କୋଟି ୪୫ ଲକ୍ଷ ୭୬ ହଜାର ୨୩୭ ଟଙ୍କା ବ୍ୟୟ ବରାଦ କରାଯାଇଛି । କାର୍ଯ୍ୟଟି ବିଭୁତି ମହାପାତ୍ରଙ୍କୁ ଠିକା କାର୍ଯ୍ୟ ଦିଆଯାଇଥିବାବେଳେ ୨୫ ଜାନୁୟାରୀ ୨୦୨୪ ଠାରୁ କାର୍ଯ୍ୟ ଆରମ୍ଭ ହୋଇ ଜାନୁୟାରୀ ୨୦୨୫ ରେ ଶେଷ ହେବା କଥା, ଅବଧିର ୪ ମାସ ପରେ ମଧରେ କାର୍ଯ୍ୟ ୩୦ ଭାଗ ସରିନାହିଁ, ସୂଚନା ଫଳକ ଏଯାବତ ଲଗାଯାଇନାହିଁ । ଚାଷୀଙ୍କ ପାଣି କେନାଲ ପୂର୍ବ ସମ୍ପ୍ରସାରଣ ଅନୁସାରେ ତାକୁ ସଂକୁଚିତ କରି କାର୍ଯ୍ୟ କରାଯାଉଛି । ଫଳରେ ଅଂଚଳରେ ହେଉଥିବା ଧାନ, ପରିବା ଏବଂ ମୁଗ ଚାଷ ପାଇଁ ପାଣି ବାଧକ ସାଜିବ ବୋଲି ଜୟନ୍ତରା ପଂଚାୟତ କୁନିଦା ଗ୍ରାମର ଚାଷୀ ମାନେ ଅଭିଯୋଗ କରିଛନ୍ତି । କେନଲା ରାସ୍ତା ଉପରେ ଡଷ୍ଟ ସହିତ ୪୦ ମେଟାଲ ମିଶାଯାଇ ପକାଯାଇ ନିର୍ମାଣ କରାଯିବା କଥା ମାତ୍ର ଆବଶ୍ୟକତା ଠାରୁ ଖୁବ କମ ମେଟାଲ ବ୍ୟବହାର କରାଯାଇଛି । ସେହିପରି ରାସ୍ତାର ଚଉଡା ସାଢେ ୭ ମିଟର ରହିବା ଜାଗାରେ ସାଢେ ୫ ମିଟର କରି ଠିକା ସଂସ୍ଥା ଖସିଯିବାକୁ ବସିଛି। ଏଭଳି ନିମ୍ନମାନର କାର୍ଯ୍ୟ ହେଉଛି ବୋଲି ଗ୍ରାମ ବାସୀ ଅଭିଯୋଗ କରିଛନ୍ତି । ଏହାଛଡା ନିକଟସ୍ଥ ଚାଷୀଙ୍କ ଜମି ଉପରେ ସମ୍ପ୍ରସାରଣ କରାଯଉଛି, କୌଣସି କ୍ଷତିପୂରଣ ଦିଆନଯାଇ ଜୋର ଜବରଦସ୍ତି ମାଟି ପକାଇ କାର୍ଯ୍ୟ କରାଯାଉଛି । ଚାଷୀମାନେ ପ୍ରତିବାଦ କଲେ ଠିକାଦାରଙ୍କ କର୍ମଚାରୀ ପୁଲିସର ଧମକ ଦେଉଛନ୍ତି । ଏ ସମ୍ପର୍କରେ ଅସ୍ଥାୟୀ ଭାବେ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା । ନିମ୍ନମାନର କାର୍ଯ୍ୟ ଏବଂ ସୂଚନା ଫଳକ ଲଗାଯିବା ଦିଗରେ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି ହେଉଛି ।

# ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରାଜନଗର ,(ସବ୍ୟୁ) :,ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆଜି ମାଗଣା ସ୍ୱାସ୍ଥ୍ୟ ଶିବିର ଓ ସାଇବର କ୍ରାଇମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖମାରସାହିସ୍ଥିତ ନାଗାନାରାୟଣ ଉଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ କିପରି ସାଇବର କ୍ରାଇମ ବଢି ଚାଲିଛି ,ଠକାମିରୁ ବର୍ତ୍ତିବା ପାଇଁ ସଚେତନତା ହିଁ ଉପଯୁକ୍ତ ମାଧ୍ୟମ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା । ଫୋନ କଲ ମାଧ୍ୟମରେ ଓଟିପି କାହାରିକୁ ନଦେବା , ଆଧାରକାର୍ଡ ଅପଡେଟ ନାଁରେ କାହାରିକୁ କୌଣସି ସୂଚନା ନଦେବା ଓ ବିଭିନ୍ନ ସରକାରୀ କାମ ନାଁରେ କିପରି ସାଇବର ଠକ ଠକେଇ କରୁଛନ୍ତି , ସେ ନେଇ ବିଭିନ୍ନ ଉଦାହରଣ ଦେଇ ଲୋକଙ୍କୁ ସଚେତନ କରିଥିଲେ । ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ଶତାଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରଯାଇଥିଲା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରୀଦଳ ଯୋଗଦେଇ ରୋଗୀ ମାନଙ୍କର ଡାଇବେଟିସ , ହିମୋଗ୍ଲୋବିନ , ବ୍ଲଡ ପ୍ରେସର ଆଦି ପରୀକ୍ଷା କରାଯିବା ସହିତ ଉଚ ରକ୍ତଚାପ ରୋଗୀ ମାନଙ୍କୁ ନିୟମିତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ , ଅବସରପ୍ରାପ୍ତ ପଶୁ ଚିକିତ୍ସକ ରଘୁନାଥ ବେହେରା , ଶିକ୍ଷକ ଓମ ପ୍ରକାଶ ବାରିକ , ଯୁବନେତା ସମୀର କୁମାର ବେହେରା , ଲକ୍ଷ୍ମଣ ସିଂହ , ସଞ୍ଜୟ କୁମାର ମହାନ୍ତି , ତପନ କୁମାର ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ ।

# ରାମଚଣ୍ଡି ପୀଠରେ ସିପିଆଇର ଜିଲ୍ଲା ସମ୍ମିଳନୀ

ମହାକାଳପଡା, (ସବ୍ୟୁ ) ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଦଶମ ଜିଲ୍ଲା ସମ୍ମିଳନୀ, କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ପ୍ରସିଦ୍ଧ ଦେବୀ ମା ରାମ ଚଣ୍ଡୀଙ୍କ ପୀଠରେ ଖୋଲା ଅଧିବେଶନ ଯୋଗେ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନରେ ଉପବେଶନ ପୂର୍ବରୁ ସମସ୍ତ ସାଥି ଓ ସହ ସାଥି ରାମଚଣ୍ଡୀ ପୋଲ ନିକଟରୁ ରାଲିରେ ଆସି ଆୟୋଜିତ ସମ୍ମିଳନୀ ସ୍ଥଳୀରେ ଯୋଗଦେଇଥିଲେ। ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟଙ୍କ ସଭାପତିତ୍ୱ ରେ ଆୟୋଜିତ ଅଧିବେଶନରେ ରାଜ୍ୟ ସମ୍ପାଦକ ସାଥି ଆଶିଷ କାନୁନଗୋ,ପୂର୍ବତନ ମନ୍ତ୍ରୀ ସାଥି ଶ୍ରୀକୁମାର ମୁଖାର୍ଜୀ, ପଶ୍ଚିମବଙ୍ଗ ପୂର୍ବତନ ବିଧାୟକ ସାଥି ଏନ. ନାରାୟଣ ରେଡ୍ଡୀ, ସମ୍ପାଦକ ମଣ୍ଡଳୀ ସଭ୍ୟ ଡା. ପ୍ରଶାନ୍ତ ମିଶ୍ର ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସହସମ୍ପାଦକ ଆଦିକନ୍ଦ ରାଉଳ, ପ୍ରାକ୍ତନ ସମ୍ପାଦକ ବାବାଜୀ ଧଳ, ଜୋନ ସମ୍ପାଦଜ ବିକାଶ ବେଉରା, ରାମଚଣ୍ଡୀ କୃଷକ ସଭାର ନେତା ପ୍ରଶାନ୍ତ ଚୌଧୁରୀ, ଅଭ୍ୟର୍ଥନା କମିଟି ସଭାପତି ବିଚିତ୍ର ମଲ୍ଲ ଓ ଉପସଭାପତି ବାବୁଲାଲ କର ଙ୍କ ସମେତ ବିଭିନ୍ନ କମ୍ରେଡ ସହଯୋଗୀ ଭାବେ ଉପସ୍ଥିତ ଥିଲେ । କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଅଧିବେଶନରେ ବିଶ୍ୱର ସଙ୍କଟ ପରିସ୍ଥିତି ଦେଶ ଓ ରାଜ୍ୟର ସାମ୍ପ୍ରତିକ ଆର୍ଥିନୀତି ଉପରେ ଆଲୋକ ପାତ କରିଥିଲେ । ମହାକାଳପଡ଼ା ଅଞ୍ଚଳରେ ଥିବା ବିସ୍ତୀର୍ଣ୍ଣ ତଣ୍ଡା କୂଳର ପୁନଃରୁଦ୍ଧାର ଓ ପର୍ଯ୍ୟଟନର ଅଭିବୃଦ୍ଧି ଘଟିଲେ ସ୍ଥାନୀୟ ଜନତାଙ୍କ ଆର୍ଥିକ ଅଭିବୃଦ୍ଧି ଘଟିବ । ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲାରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଅଞ୍ଚଳର ଶହ ଶହ ବେକାର ଯୁବକ /ଯୁବତୀ ବାହାରକୁ ଦାଦନ ଖଟିବାରେ ବେଶ ରୋକ ଲଗାଇପାରିବ ବୋଲି ବକ୍ତାମାନେ କହିଥିଲେ । ସରକାର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ନଦେଲେ ପାର୍ଟିର କମରେଡ୍ ରାଜରାସ୍ତାରେ ନିରୀହ ନାଗରିକଙ୍କ ପାଇଁ ଲଢେଇ କରିବେ ବୋଲି ବକ୍ତାମାନେ କହିଥିଲେ।

# ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ



ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ନୂଆଗାଁସ୍ଥିତ ମା ପଳାଶବୁଢ଼ୀ ପୀଠରେ ୧୯ତମ ସପ୍ତସତୀ ଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବ ଶନିବାର ଦିନ ଶୁଭାରମ୍ଭ ହୋଇଛି । ଏହି ଯଜ୍ଞ ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ । କର୍ତା ଭାବେ ସୁନୀଲ ସ୍ୱାଇଁ ଓ ତାଙ୍କ ଧର୍ମପତ୍ନୀ ସୁଜାତା ସ୍ୱାଇଁ ସଂକଳ୍ପରେ ବସିଥିଲେ। ଶନିବାର ପୂର୍ବାହ୍ନରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା ଓ ଯଜ୍ଞକୁଣ୍ଡରେ ଅଗ୍ନିସଂଯୋଗ କରାଯାଇ ଯଜ୍ଞଉତ୍ସବ ଆରମ୍ଭ ହୋଇଥିଲା। ଆଜି ସୂର୍ଯ୍ୟନାରାୟଣ ପୂଜା, ଗୁରୁପୂଜା, ଗୋମାତା ପୂଜା, ବିଗ୍ରହ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା କାଲି ପୂର୍ଣ୍ଣାହୂତି କରାଯିବ । ଏହି ଯଜ୍ଞ ଅବସରରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଙ୍କ ଭିଡ ଲାଗିରହୁଛି । ଶ୍ରଦ୍ଧାଳୁ ମାନଙ୍କ ଭିଡକୁ ଦେଖି ଶାନ୍ତି ଶୃଙ୍ଖଳା ଲାଗି କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ତିନିଦିନ ବ୍ୟାପି ଅନୁଷ୍ଠିତ ଏହି ଯଜ୍ଞର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସଂନ୍ଧ୍ୟାର ଆୟୋଜନ କରାଯାଇଛି । ଏହି ଯଜ୍ଞ ଉତ୍ସବକୁ ମା ପଳାଶବୁଢ଼ୀ ଯଜ୍ଞକମିଟିର କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

# ମାଟିମୟ ପାରାଦୀପ ରାସ୍ତା, ସମସ୍ତେ ଚୁପ

**ପ୍ରଶାସନ ଜାଣି ଅଜଣା**

ପାରାଦୀପ,( ଜି ପ୍ର ): ବନ୍ଦର ନଗରୀ ପାରାଦୀପର ଯେଉଁ ରାସ୍ତା ଦେଖିବ ସେପଟେ ମାଟି ବୁହା ଚାଲିଛି । ହାଇୱାରେ ପ୍ରତିଦିନ ଶହଶହ ଟ୍ରିପ ମାଟି ଖୋଲାମ ଖୋଲା ବୁହା ଚାଲିଛି । ପୋଲିସ , ପ୍ରଶାସନ ଓ ତହସିଲ କର୍ମଚାରୀଙ୍କ ଆଖି ଆଗରେ ଏସବୁ ବୁହା ଚାଲିଥିବା ବେଳେ କେହିବି ଏହି ଗାଡି ଗୁଡିକ କେଉଁଠୁ ମାଟି ଆଣିଲେ,ସେଥିପାଇଁ ରୟାଲ୍ଟି ଟଙ୍କା ଡିପୋଜିଟ କରିଛନ୍ତି କି ନାହିଁ ତାକୁ ମଧ୍ୟ କେହି ପଚାରୁ ନାହାନ୍ତି । ଏଠି କହିବା କାହାକୁ ଆଉ ଶୁଣିବ କିଏ ନ୍ୟାୟରେ ଏବେ ସମସ୍ତେ ଚୁପ । ଗତକାଲି ବିଳମ୍ବିତ ରାତ୍ରିରେ ବାଲଡିଆ ନିକଟରେ କିଛି ମାଟି ମାଫିଆ ମାଟି ଚୋରା ଚାଲାଣ କରୁଥିବା ବେଳେ ନିକଟରେ ଥିବା ଏକ କମ୍ପାନୀର ନିର୍ମାଣାଧୀନ ପ୍ରାଚୀର କ୍ଷତିଗ୍ରସ୍ତ ହେଲା । କଥା ବଢି ଝଗଡା ହେବାରୁ ଘଟଣାସ୍ଥଳକୁ ରାତି ଅଧରେ ପୋଲିସ ମଧ୍ୟ ଗଲା ଆଉ ଆଜି ଦିନ ବେଳ ଥାନାରେ ମାଟି ମାଫିଆଙ୍କ ଘଟଣା ସମାଧାନ ମଧ୍ୟ ହେଲା । କିନ୍ତୁ ଯେଉଁମାନେ ମାଟି ଉଠାଉଛନ୍ତି , ସେମାନେ ତହସିଲ କାର୍ଯ୍ୟାଳୟରେ ମାଟି ଉଠାଇବା ପାଇଁ ଆବେଦନ କରିଛନ୍ତି କି ନାହିଁ ଓ ବିଶେଷ କରି ସେମାନେ ଏ ବାବଦକୁ ରୟାଲ୍ଟି ଟଙ୍କା ଡିପୋଜିଟ କରିଛନ୍ତି କି ନାହିଁ ତାହା ପ୍ରଶାସନ ତନଖି କଲା ନାହିଁ । କିଛି ମାଟି ମାଫିଆ ଅଳ୍ପ କିଛି ଟ୍ରିପର ରୟାଲ୍ଟି କାଟି ଆଣି ହଜାର ହଜାର ଟ୍ରିପ ମାଟି ଉଠାଇ ଚାଲିଥିବା ବେଳେ ପ୍ରତିଦିନ କୁଜଙ୍ଗ ତହସିଲ ଅଂଚଳରେ ପ୍ରାୟ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ଘଟିବାରେ ଲାଗିଛି । ଫତେପୁର ନିକଟରେ ପ୍ରାୟ ୪୦ ଟି ହାଇୱାରେ ମାଟି ଲୁଟ କରିବାରେ ଲାଗି ପଡିଥିବା ଓ ରାତି ହେଲେ ସେମାନେ ଧାଡି ବାନ୍ଧି ମାଟି ଲୁଟ କରୁଥିବା ସମସ୍ତେ ଦେଖୁଥିବା ବେଳେ ସମସ୍ତେ ଚୁପ । ରୟାଲ୍ଟି ଆଳରେ କିଛି ଲୁଟେରା ମାଟି ରାତିଅଧିଆ ଉଠାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ରାଜସ୍ୱ କ୍ଷତି ଘଟୁଛି । କିନ୍ତୁ ପ୍ରଶାସନ ସବୁ ଜାଣି ମଧ୍ୟ କାହା ଭୟରେ ଏହି ମାଟି ଗାଡି ଦେହରେ ହାତ ମାରିବାକୁ ଡରୁଚି , ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଗତ ଦୁଇ ବର୍ଷ କଥା ଦେଖିଲେ ଅନେକ ଗାଡି ଧରା ହୋଇଛି । ସେମାନଙ୍କଠାରୁ ମୋଟା ଅଙ୍କର ରାଜସ୍ୱ ମଧ୍ୟ ଆଦାୟ ହୋଇଛି । ଏପରିକି କିଛି ମାଫିଆ ଙ୍କ ନାମରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ମଧ୍ୟ ଚାଲାଣ କରାଯାଇଛି । କିନ୍ତୁ ଚଳିତ ବର୍ଷ ସେସବୁ ତତ୍ପରତା ପ୍ରଶାସନିକ କ୍ଷେତ୍ରରେ ଦେଖିବାକୁ ମିଳୁନାହିଁ । ପ୍ରଶାସନ ସବୁ ଜାଣି ସତେ ଯେମିତି ହାତ ଟେକିଦେଇଛି ବୋଲି ଲୋକେ ଏବେ ସନ୍ଦେହ କଲେଣି । ଯେଉଁ ଅଂଚଳରେ ମାଟି ରାତି ଅଧରେ ଖୋଳାଯାଇଛି , ସେଠାକାର ରାଜସ୍ୱ ନିରୀକ୍ଷକ କିଭଳି ଜାଣି ପାରୁ ନାହାନ୍ତି ନା ଜାଣି ନଜାଣିଲା ପରି ଚୁପ ହୋଇ ନିରବଦ୍ରଷ୍ଟା ସାଜିଛନ୍ତି , ତାହା ବୁଝା ପଡୁନି । ଏକାଧିକ ବ୍ୟକ୍ତି ଗୋଟିଏ ଗୋଟିଏ ଗ୍ରୁପ କରି ରାତିରେ ଦିନରେ ମାଟି ତାଡି ଚାଲିଥିବା ବେଳେ ଏମାନଙ୍କୁ ସୁରକ୍ଷା ଦେଉଛି କିଏ ,କିଏ ଏମାନଙ୍କର ଗଡ଼ଫାଦର ଓ କାହା ଇଙ୍ଗିତରେ ପ୍ରଶାସନ ସବୁ ଜାଣି ଦେଖି ମଧ୍ୟ ଚୁପ ତାହା ସହଜେ ସାଧାରଣ ଲୋକଟିଏ ବୁଝିବା କଷ୍ଟ । ପ୍ରତିଦିନ ଲକ୍ଷ ଲକ୍ଷ ତାଙ୍କର ରାଜସ୍ୱ କ୍ଷତିକୁ ହୃଦୟଙ୍ଗମ କରି ରାଜସ୍ୱ ବିଭାଗ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବା ନିହାତି ଜରୁରୀ ହୋଇ ପଡିଛି ।

# ରାମଗାଥା ଅଭିନୟ କଳାକାରଙ୍କୁ ସମ୍ବର୍ଦ୍ଧନା

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଦାନପୁର ପଂଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଶିଶୁ ଦାସରଥୀ ନବମୀ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ରାମଗାଥା ଅଭିନୟର ଶେଷ ରାତ୍ରରେ ଦୁଇ ବିଶିଷ୍ଟ କଳାକାର ନାଟକ ଅଭିନୟ ଅବସରରେ ଅନୁଷ୍ଠାନର ବିଶିଷ୍ଟ କଳାକାର ସ୍ମୃତିରଞ୍ଜନ ସାମଲ ଓ ନରେନ୍ଦ୍ର କାଣ୍ଡିଙ୍କୁ ଏବଂ ପଂଚାୟତର ବରିଷ୍ଠ କଳାକାର ରବିନ୍ଦ୍ର ନାଥ ତ୍ରିପାଠୀ ଓ ପ୍ରଫୁଲ୍ଲ କୁମାର ଜେନାଙ୍କୁ ମାନପତ୍ର, ଉପଢ଼ୌକନ ଓ



ଓ ପଂଚାୟତର ଦୁଇ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କଟକ ଜିଲ୍ଲା ନୟାବଜାର ସ୍ଥିତ ପୋଡାପୋଖରୀର 'ସମର୍ପଣ' ପରିବାର ତରଫରୁ ଗ୍ରାମାଂଚଳର ବିଭିନ୍ନ ଶ୍ରୀରାମ ନବମୀ ଯାତ୍ରା ଉତ୍ସବର କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରୁଥିବା ବେଳେ ଏହି କ୍ରମରେ ଗତକାଲି ଦାନପୁର ପଂଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ଶିଶୁ ଦାସରଥୀ ନବମୀ ଅନୁଷ୍ଠାନର 'ରାବଣ ବଧ' ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତି କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ଅନୁଷ୍ଠାନର ସଦସ୍ୟ ତୁଷାରକାନ୍ତ ବାରିକ, ହୃଷିକେଶ ବେହେରା, ହଳଧର ବେହେରା, ଅଭୟ କୁମାର ବେହେରା, ମନୋଜ କୁମାର ଦାସ, ଚନ୍ଦନ କୁମାର ବେହେରା, ରୁଦ୍ର ପ୍ରସାଦ ମହାନ୍ତି, ଆକାଶ କୁମାର ନାୟକ, ବିଶ୍ୱରଞ୍ଜନ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ବୈଷ୍ଣୋଦେବୀ ପୀଠରେ ହୃଦଘାତ ଜନିତ ମୃତ୍ୟୁ



ଭାପୁର ,(ସବ୍ୟୁ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳର ଏକ ଦମ୍ପତି ଜାମ୍ମୁ କାଶ୍ମୀର ଏବଂ ବୈଷ୍ଣୋଦେବୀ ଙ୍କ ପୀଠ ଭ୍ରମ ରେ ଯାଇଥିବାବେଳେ ସେଠାରେ ସ୍ୱାମୀଙ୍କର ହୃଦଘାତରେ ଶନିବାର ଦିନ ମୃତ୍ୟୁ ହୋଇଥିବା ଭଳି ଅଭାବନୀୟ ଖବର ମିଳିଛି । ପ୍ରକାଶ ଯେ କଣ୍ଟିଲୋ ନିକଟ ବାଣପୁର ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ଭାଗିରଥି ସାହୁ(୭୫)ଙ୍କ ଶ୍ୱଶୁର ଘର ଭାପୁର ସଦର ମହକୁମାସ୍ଥ ଖଇରଗାଡିଆ ଗ୍ରାମରେ ହୋଇଥିବାରୁ ତାଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀ ପ୍ରଧାନ ନିକଟସ୍ଥ ଶାଳପଡା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରନ୍ତି ଏବଂ ଉଭୟେ ପରିବାର ସହିତ ମାନପୁର ଗ୍ରାମରେ ଅବସ୍ଥିତ ଘରେ ରହନ୍ତି ।ସେମାନେ ପରିବାର ଙ୍କ ସହିତ ଗ୍ରୀଷ୍ମ ଅବକାଶ କରେକବା ଏବଂ ବୈଷ୍ଣୋଦେବୀ ଙ୍କ ଦର୍ଶନ ନିମନ୍ତେ ଗତ ସପ୍ତାହରେ ଜାମ୍ମୁକାଶ୍ମୀର ଯାଇଥିଲେ । ଶନିବାର ଦିନ ବୈଷ୍ଣୋଦେବୀଙ୍କ ଦର୍ଶନ ସମୟରେ ଭାଗିରଥି ଅସୁସ୍ଥ ତଥା ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ନିକଟ ଡାକ୍ତରଖାନାରେ ପରିବାର ପକ୍ଷରୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ହୃଦଘାତ ଜନିତ ମୃତ ଘୋଷଣା କରିଥିଲେ। ଫଳରେ, ଭାପୁର ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ : ୪୧୩୯ ମାମଲା ଫଇସଲା



ନୟାଗଡ଼, (ସବ୍ୟୁ): ନୟାଗଡ଼ ରେ ଚଳିତ ବର୍ଷ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୧୩୯ ମାମଲା ଫଇସଲା ହୋଇଛି। ଅଦାଲତଙ୍କ ମଧ୍ୟସ୍ଥତାରେ ପ୍ରାୟ ୭୯,୦୦୦୦ ଟଙ୍କାର କ୍ଷତି ପୂରଣ ଓ ବକେୟା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ନୟାଗଡ଼ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଚାରପତି ଆନନ୍ଦ ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ଶନିବାର ଜିଲ୍ଲାବ୍ୟାପୀ ଅଦାଲତ ଗୁଡ଼ିକରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ଗୃହିତ ମାମଲା ଶୁଣାଣି ହୋଇଥିଲା। ଏଥିରେ ୪୧୩୯ ମୋକଦ୍ଦମା ଆପୋଷ ସମାଧାନ ହୋଇଥିବା ସୂଚନା ମିଳିଛି। ମୋଟର ଯାନ ଦୁର୍ଘଟଣା ଜନିତ ୧୯ଟି ବୀମା ମାମଲା ରେ ୪୧ ଲକ୍ଷ ୪୯ ହଜାର ଟଙ୍କା ର କ୍ଷତି ପୂରଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏନ. ଆଇ. ଆକ୍ଟରେ ୧ଲକ୍ଷ ୧୧ ହଜାର, ଏବଂ ବକେୟା ୨୮୫୯୦୧୬ ଟଙ୍କା ବ୍ୟାଙ୍କ ଋଣ ରାଶି ପୈଠ ସହିତ ମୋଟ ୭୯,ଲକ୍ଷ ଟଙ୍କାର ଅର୍ଥ ପୈଠ ଲାଗି ଅଦାଲତରେ ସ୍ଥିର ହୋଇଛି। ଚଳିତ ବର୍ଷର ଉକ୍ତ ଦ୍ୱିତୀୟ ରାଷ୍ଟ୍ରୀୟ ଅଦାଲତ ରେ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ବିଚାରପତି ରିଜା ରାୟ, ସିଜେଏମ୍ ଶୁଚିସ୍ମିତା ଦାଶ, ବିଚାରପତି ସତ୍ୟବ୍ରତ ରଣା, ବିଚାରପତି ରବି ନାରାୟଣ ବେହେରା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅର୍ଚ୍ଚି ମଲ୍ଲଖଣ୍ଡ, ଏସଡିଜେଏମ୍ ସମାପିକା ସନବର୍ଣ୍ଣୀ ନା, ଜେଏମ୍ଏଫ୍ସି ଲକିତା ପାତ୍ର, ସମୃଦ୍ଧି ସାରଙ୍ଗୀ, ବାର୍ଦ୍ଧିକ, ସୁସ୍ମିତା ମିଶ୍ର ପ୍ରମୁଖ ମାମଲା ପରିଚାଳନା କରିଥିଲେ। ରେଜିଷ୍ଟ୍ରାର ସୋନାଲି ସବିତା ଏବଂ ସହକାରୀ ରେଜିଷ୍ଟ୍ରାର ସ୍ୱୟଂପ୍ରଭା ଆଚାର୍ଯ୍ୟ ପ୍ରମୁଖ ଏଥିରେ ଉପସ୍ଥିତ ରହିଥିଲେ। ସରକାରୀ ଅଧିବକ୍ତା, ନ୍ୟାୟ ଅଧିକାରୀ ମିତ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସହଯୋଗ କରିଥିଲେ।

## ହିତାଧିକାରୀଙ୍କୁ ଦୁର୍ବ୍ୟବହାର

# ପିଡିଏସ ବଣ୍ଟନ କରୁଥିବା ବ୍ୟକ୍ତିଙ୍କୁ ହଟାଇବାକୁ ଦାବି

ଗଣିଆ ,(ସବ୍ୟୁ) :ଗଣିଆ ବ୍ଲକର ଆଦିବାସୀ ପ୍ରବଣ ବଡଶିଲିଙ୍ଗା ପଞ୍ଚାୟତରେ ସ୍ଥାନୀୟ ଲୋକଙ୍କୁ ଖାଉଟି ସାମଗ୍ରୀ ବଣ୍ଟନ ବେଳେ ଦୁର୍ବ୍ୟବହାର କରାଯାଉଥିବା ନେଇ ଅଭିଯୋଗ କରି ପିଡ଼ିଏସ ଖାଦ୍ୟ ବଣ୍ଟନ କରୁଥିବା ବ୍ୟକ୍ତିଙ୍କୁ ହଟାଇବାକୁ ଦାବି କରାଯାଇଛି। ଏ ନେଇ ଗତ ଗୁରବାର ବଡଶିଲିଙ୍ଗା ପଞ୍ଚାୟତବାସୀ ନୟାଗଡ ଉପଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ବଡଶିଲିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଖାଉଟି ସାମଗ୍ରୀ ବଣ୍ଟନ କରୁଥିବା ବ୍ୟକ୍ତି ଜଣଙ୍କ ଅନେକ ସମୟରେ ସାଧାରଣ ଲୋକଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିବା ବେଳେ ଅଖା ପ୍ରତି ୩୦ଟଙ୍କା ଲେଖାଁଏ ଜବରଦସ୍ତ ନେଉଥିବା ହିତାଧିକାରୀମାନେ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ଗଣିଆ ବ୍ଲକରେ ବଡଶିଲିଙ୍ଗା ପଞ୍ଚାୟତ ଆୟତନରେ ବହୁତ ବଡ ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମୁସୁଗୁଡା, ସଳପଗଣ୍ଡା, ଡମାଘାଟି, ଜାନକାଝୋଲା, ରେକାଡି, କୁମୁରୀ ପରି ବିଭିନ୍ନ ଗ୍ରାମ ୨୦କିଲୋମିଟର ଦୂର ଅଟେ । ଯାନବାହାନ ସୁବିଧା ନଥିବାରୁ ଏହି ଗ୍ରାମର ଲୋକେ ପିଡିଏସ ସାମଗ୍ରୀ ନେବା ପାଇଁ ଆସିଲେ ଗାଁରେ ପହଞ୍ଚିବା ପାଇଁ ୨ଦିନ ବିତିଯାଇଥାଏ । ଏପରିସ୍ଥଳେ ଖାଉଟା ସାମଗ୍ରୀ ବଣ୍ଟନ କରୁଥିବା ବ୍ୟକ୍ତିଙ୍କ ଦୁର୍ବ୍ୟବହାର ବହୁତ କଷ୍ଟ ଦେଉଥିବା ଉକ୍ତ ଗ୍ରାମର ଲୋକେ ପ୍ରକାଶ କରିଛନ୍ତି । ତେବେ ପ୍ରଶାସନ ତରଫରୁ ପିଡିଏସ ବଣ୍ଟନ କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ବଣ୍ଟନ ଦାୟିତ୍ୱରୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

# ବିଧାୟକ ଗୁଣ୍ଠୁଣି ଉଚ୍ଚ ବିଦ୍ୟାଳୟର ସଭାପତି

ଖଣ୍ଡପଡା,(ସବ୍ୟୁ) : ନୟାଗଡ଼ ଜିଲ୍ଲା ଖଣ୍ଡପଡା ବ୍ଲକ ଅଧିନ ଗୁଣ୍ଠୁଣି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ଖଣ୍ଡପଡା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ ବିଧାୟକଙ୍କୁ ଦାୟୀତ୍ୱ ହସ୍ତାନ୍ତର ପରେ ଅନୁଷ୍ଠାନ କର୍ତ୍ତୃପକ୍ଷ ଆନନ୍ଦ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ବିଧାୟକଙ୍କ ସହଭାଗିତା ରହିବ ବୋଲି ଗୁଣ୍ଠୁଣି ପଞ୍ଚାୟତବାସୀ ଆଶା ବ୍ୟକ୍ତ କରିଛନ୍ତି। ପ୍ରକାଶଥାଉକି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ଅନୁଷ୍ଠାନର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ରାଉତଙ୍କ ଠାରୁ ପ୍ରକାଶ ।

# ପ୍ରଧାନଶିକ୍ଷକ ପଦବୀ ଖାଲି ଥିବାରୁ ମାଟ୍ରିକ୍ ଫଳାଫଳ ଖରାପ

ସାକ୍ଷୀଗୋପାଳ ,(ସବ୍ୟୁ) : ନିକଟରେ ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ । ଚଳିତ ବର୍ଷ ସତ୍ୟବାଦୀ ବ୍ଲକ ରେ ସମୁଦାୟ ୨୫ ଗୋଟି ଉଚ୍ଚ ବିଦ୍ୟାଳୟର ୧୩୦୩ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ରେ ଅନୁପସ୍ଥିତ ଥିଲେ ୧୭ ଜଣ ଛାତ୍ରଛାତ୍ରୀ । କୃତ କାର୍ଯ୍ୟ ହୋଇଛନ୍ତି ୧୨୧୦ ଜଣ ଛାତ୍ରଛାତ୍ରୀ । ଫେଲ ହୋଇଛନ୍ତି ୭୬ ଛାତ୍ରଛାତ୍ରୀ । ସେମାନଙ୍କ ମଧ୍ୟରୁ ଏ – ୧ ସାତ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ୫ ଟି ଉଚ୍ଚ ବିଦ୍ୟାଳୟ ଅର୍ଥାତ ବୀର ଗୋବିନ୍ଦ ପୁର ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଆଚାର୍ଯ୍ୟ ୫୫୨। ବନପୁର ପଞ୍ଚସଖା ବିଦ୍ୟାଳୟ ର ଅନନ୍ୟା ଆଚାର୍ଯ୍ୟ ୫୫୯ ।ସୁକଳ ତୃତୀୟା ଦେବ ବିଦ୍ୟାନିକେତନର ସୁଦର୍ଶନ ପ୍ରଧାନ ୫୪୫ ଛ ମଠ ସାହି ଉଚ୍ଚ ବିଦ୍ୟାଳୟର କୁନାଲ କାପୁର ଜେନା ୫୪୧ ଓ ରାଜେଶ ମହାପାତ୍ର ୫୪୧। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁକନ୍ୟା ସୁଭଦର୍ଶିନୀ ସ୍ୱାଇଁ ଓ ସ୍ୱୟଂସ୍ନିଗ୍ଧା ଜେନା ଉଭୟ ୫୪୧ ନମ୍ବର ରଖି ଏ – ୧ ଉତ୍ତୀର୍ଣ୍ଣ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସତ୍ୟବାଦୀ ବ୍ଲକରେ ଥିବା ଅବଶିଷ୍ଟ ୧୯ ଗୋଟି ହାଇସ୍କୁଲରେ ଗୋଟିଏ ହେଲେବି ଛାତ୍ରୀ ଛାତ୍ର ଏ– ୧ ରେ ଉତ୍ତୀର୍ଣ୍ଣ କରିନାହାନ୍ତି । ଏହି ଫଳାଫଳକୁ ନେଇ ଶିକ୍ଷାବିତ ଓ ବୁଦ୍ଧିଜୀବୀ ଙ୍କ ମଧ୍ୟରେ ସୃଷ୍ଟି ହୋଇଛି କମ୍ପନ । ପୂର୍ବ ସରକାର ରାଜ୍ୟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ନବକଳେବର ବୃଦ୍ଧି କରିବା ପାଇଁ ଏହାକୁ ୫ଟି ରେ ସମିଲି କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ।ମାତ୍ରଏବେ ଶାସନ ଗାଦିରେ ଥିବା ଭାଜପା ସରକାର ପୂର୍ବ ସରକାରଙ୍କ ସମୟରେ ହୋଇଥିବା ରଙ୍ଗ ଓ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚା ରେ କିଛି ପରିବର୍ତ୍ତନ ପାଇଁ ଜୋରଦାର ଉଦ୍ୟମ କରୁଛନ୍ତି। ବିଦ୍ୟାଳୟ ଗୁଡ଼ିକରେ ଛାତ୍ର ଛାତ୍ରୀଙ୍କ ଭଲ ଉପସ୍ଥାପନ , ଉନ୍ନତ ପାଠ୍ୟଦାନ ବ୍ୟବସ୍ଥା ଓ ଡ୍ରପଆଉଟ ହାର ହ୍ରାସ କରିବା ପାଇଁ ପ୍ରତ୍ୟେକ ମାସରେ ପ୍ରଧାନ ଶିକ୍ଷକ ସ୍ତରୀୟ ବୈଠକ କରାଯାଇ ବିଦ୍ୟାଳୟ ଶିକ୍ଷା ଦାନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି ।ମାତ୍ର ଏତେ ସବୁ ପନ୍ଥା ନିର୍ଦ୍ଧାରଣ ସତ୍ତ୍ୱେ ବିଦ୍ୟାଳୟ ଗୁଡ଼ିକର ଫଳାଫଳକୁ ଲକ୍ଷ କଲେ ଶିକ୍ଷାବିଭାଗର ଅନ୍ତରକିତା ଅଭାବ ରହିଥିବା ସ୍ପଷ୍ଟ ବାରି ହୋଇ ପଡୁଛି ।ଏହାର ପ୍ରକୃତ କାରଣ ଖୋଜା ଯିବାସହ ଜିଲ୍ଲା ଓ ବ୍ଲକ ସ୍ତରରେ ଥିବା ଅଧିକାରୀମାନେ ଦାୟୀ ରହିବେ ବୋଲି କହିଛନ୍ତି ବରିଷ୍ଠ ସାମାଜିକ କର୍ମୀ ସଂଜୀବ କୁମାର ମହାନ୍ତି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପରିଡା କହିଛନ୍ତି ସତ୍ୟବାଦୀରେ ଏବେ ଅନେକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିବା ଯୋଗୁଁ ବିଦ୍ୟାଳୟ ପାଠ୍ୟ ଦାନ ସମେତ ଅନ୍ୟ କାର୍ଯ୍ୟ ସଠିକ ଭାବରେ ହୋଇପାରୁନାହିଁ । ଅନ୍ୟ ପଟେ ଜିଲ୍ଲା ଶିକ୍ଷା ଅଧିକାରୀ ମନେ ବିଦ୍ୟାଳୟ ଗୁଡିକୁ ସଠିକ ଭାବରେ ମନିଟରିଂ କରୁନଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ ମନମୁଖୀ ଶିକ୍ଷା ଦାନ କରୁଥିବା ବେଳେ ଛାତ୍ର ଛାତ୍ରୀ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ।ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ମୃଷା ମଲିକ କହିଛନ୍ତି ସତ୍ୟବାଦୀରେ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ଦାନ କ୍ଷେତ୍ରରେ ଅବହେଳା ସାଙ୍ଗକୁ ଅବିଭାବକ ମାନଙ୍କ ସଚେତନତା ଅଭାବ ଯୋଗୁଁ ଛାତ୍ର ଛାତ୍ରୀ ମାନେ ଗୁଣାତ୍ମକ ଶିକ୍ଷା ଦାନରୁ ବଞ୍ଚିତ ହେବା ସହ ପରୀକ୍ଷା ଫଳାଫଳ ଖରାପ ହେଉଛି । ସରକାରୀ ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନରେ ଅବହେଳା ହେଉଥିବାର ଅନୁଭବ କରି ଶିକ୍ଷିତ ଓ ସଚେତନ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ ବିଭିନ୍ନ ଘରୋଇ ବିଦ୍ୟାଳୟରେ ପାଠ ପଢାଇବାକୁ ବାଧ ହେଉଛନ୍ତି ।ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ମିଶ୍ର ଓ କାହ୍ନୁ ଚରଣ ପ୍ରଧାନ କୁହନ୍ତି ବିଦ୍ୟାଳୟ ଗୁଡିକରେ ଅଧିକାରୀ ମାନେ ଶୈକ୍ଷିକ ପ୍ରଗତିର ବାସ୍ତବତାର ନିରନ୍ତର ନିରୀକ୍ଷଣ କଲେ ଫଳାଫଳରେ ଢେର ଅଗ୍ରଗତି ହୋଇ ପାରନ୍ତା ।

# ବ୍ରହ୍ମ କୁମାର ହୃଦାନନ୍ଦ ସେଠୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



କୋଣାର୍କ ,(ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭଗବତୀ ମହାବିଦ୍ୟାଳୟ ପରିସରରେ ଥିବା କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ ଠାରେ ସଂଘର ସଭାପତି ସ୍ୱର୍ଗତ ବ୍ରହ୍ମ କୁମାର ହୃଦାନନ୍ଦ ସେଠୀଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।ପୁରାତନ ଛାତ୍ର ସଂଘର ଉପଦେଷ୍ଟା ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସଂପାଦକ ପଞ୍ଚାନନ ବରାଳ, ବରିଷ୍ଠ ଉପଦେଷ୍ଟା ରାୟ ମହାପାତ୍ର, ବରିଷ୍ଠ ସଦସ୍ୟ ଏନଏ ଶାହା ଅନସାରୀ, ରଣଜିତ ରାଉତରାୟ, ଚନ୍ଦ୍ର ଶେଖର ରାଉତରାୟ, ଅଜୟ କୁମାର ସେଠୀ, ପୁରାତନ ଛାତ୍ର ଭାଗୀରଥୀ ସ୍ୱାଇଁ, ପିନାକୀ ପ୍ରସାଦ ନାୟକ, ପ୍ରିୟ ରଞ୍ଜନ ରଥ, ଆଭାସ ମୁଦୁଲି ଓ ମନୋରଞ୍ଜନ ସେଠୀ ଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଛାତ୍ରୀ ସ୍ୱର୍ଗତ ସଭାପତି ବ୍ରହ୍ମ କୁମାର ହୃଦାନନ୍ଦ ସେଠୀଙ୍କ ବହୁମୁଖୀ ପ୍ରତିଭା ଓ ଅମ୍ଳାନ କୀର୍ତୀର ସ୍ମୃତି ଚାରଣ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍ୱର୍ଗତ ଆତ୍ମାର ସଦଗତି କାମନା ନିମନ୍ତେ ୧ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ

ଖଣ୍ଡପଡା,(ସବ୍ୟୁ) :ଭୁବନେଶ୍ୱର ଠାରେ ଭାରତ ସ୍କାଉଟ ଓ ଗାଇଡ ପୁରସ୍କାର ଉତ୍ସବ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନର ସ୍କାଉଟ, ଗାଇଡ ଛାତ୍ର ଛାତ୍ରୀ ମାନଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରାଯାଇଛି । ଏହିକ୍ରମରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସାଇପ୍ରସାଦ ସିଂହସାମ' ସ୍କାଉଟ ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନ୍ୟବର ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କ ଠାରୁ ପୁରସ୍କାର ଗ୍ରହଣ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବା ଜଣାପଡିଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦ ଓ ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀମାନେ ଏ ନେଇ ଆନନ୍ଦ ପ୍ରକାଶ କରିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅଦାଲତ କାର୍ଯ୍ୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଦେୱାନୀଜଜ୍ ବିଭୂତି ଭୂଷଣ ନାୟକ ଓ ଖଣ୍ଡପଡା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ୨୦ ଗୋଟି ସାଧାରଣ ମାମଲାରୁ ୧୩ ଗୋଟି ଓ ଅପରାଧିକ ମାମଲା ସଂପର୍କୀତ ୧୨୭ ଗୋଟି କେସରୁ ୨୯ ଗୋଟି ସମାଧାନ କରାଯାଇଥିବା ଜଣାଯାଇଛି । ସେହିପରି ଜାତୀୟକରଣ ବ୍ୟାଙ୍କ ଶାଖା ଗୁଡିକର ୭୫ ଗୋଟି ମାମଲାରୁ ୭ ଗୋଟି ସମାଧାନ କରାଯାଇ ସେ ବାବଦରେ ୧.୪୬ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ସରକାରୀ ଓକିଲ ମନୋଜ କୁମାର ମିଶ୍ର, ସୁଜାତା ବେହେରା, ବରିଷ୍ଠ ଆଇନଜୀବି ଗିରିଜା ଶଂକର ତରାସିଆଙ୍କ ସମେତ ଖଣ୍ଡପଡା ଓକିଲ ସଂଘର ସଦସ୍ୟ ଓ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ ।

## ଶୋଚନୀୟ ହୋଇପଡିଛି ନିମାପଡା–ବଳଙ୍ଗା ପୂର୍ତ୍ତ ରାସ୍ତା

# ପ୍ରତିବର୍ଷ ଖାଲଖମା ମରାମତି ଆଳରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

ନିମାପଡା,(ସବ୍ୟୁ) :ନିମାପଡା–ବଳଙ୍ଗା ୧୪ କିମି.ପୂର୍ତ୍ତ ପିଚୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ବିଭିନ୍ନ ଯାନବାହାନ ଚଳାଚଳ କରିବାରେ ବାଧା ସୃଷ୍ଟି ହେଉଛି । ରାସ୍ତା ସାରା ଛୋଟବଡ ଖାଲ ସୃଷ୍ଟି ହୋଇଥିବାରୁ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି । ଏହି ରାସ୍ତା ଉପରେ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ଠାରୁ ଛୋଟ ବଡ ଯାନ ଚଳାଚଳ କରିଥାନ୍ତି । ତେବେ ନିମାପଡା ଠାରୁ ବଳଙ୍ଗା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଉକ୍ତ ପିଚୁ ରାସ୍ତାଟି ଗତ ୫ବର୍ଷରୁ ଉର୍ଦ୍ଧ୍ୱ ହେବ ସଂପୂର୍ଣ୍ଣ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡିଛି । ଯାନବାହାନରେ ଗଲେ ୧୪ କି.ମି ରାସ୍ତାକୁ ୨ଘଂଟା ସମୟ ଲାଗୁଛି । ବର୍ଷା ଜଳ ବଡ ବଡ ଖାଲରେ ଜମି ରହିବା ଯୋଗୁଁ ବାଇକ ଓ ଅଟୋଚାଳକ ଖାଲରେ ପଡି ଆହତ ହେଉଛନ୍ତି । ରାସ୍ତା ଖରାପ ଯୋଗୁଁ ଅକାରଣରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ଘଟୁଛି । ନିମାପଡା– ବଳଙ୍ଗା ରାସ୍ତାଟି ପୂର୍ତ୍ତ ବିଭାଗର ଲେଉଟିଆ ଶାଗ କିଆରୀ ପାଲଟିଥିବା ନେଇ ଆଲୋଚନା ହେଉଛି । ପ୍ରତି ବର୍ଷେ,ଦୁଇ ବର୍ଷକ ଥରେ ଖାଲଖମା ମରାମତି ପାଇଁ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ନାମକୁ ମାତ୍ର ଖାଲରେ ପିଚୁ ଗୋଡି ପକାଇ ନିଜ ପକେଟ ଗରମ କରୁଥିବା ଏବଂ ମରାମତି ହେବାର ଦିନ କେଇଟା ପରେ ରାସ୍ତା ପୂର୍ବାବସ୍ଥା ହୋଇପଡୁଛି ବୋଲି ଅଭିଯୋଗ ହେଉଛି । ବର୍ତ୍ତମାନ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କରିବା ଅନୁପଯୋଗୀ ହୋଇପଡିଛି । ତୁରନ୍ତ ଉକ୍ତ ରାସ୍ତାକୁ ଉଚ୍ଚତା କରି କ୍ରଂକ୍ରିଟ ରାସ୍ତାରେ ପରିଣତ କରିବାକୁ ଦାବୀ ହେଉଛି । ଏସଂପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶକ୍ତିବ୍ରତ ଜେନାଙ୍କୁ ପଚାରିବାରେ ଟେଣ୍ଡର ପକ୍ରିୟା କାମ ଚାଲିଛି ,ଖୁବଶୀଘ୍ର ଉକ୍ତ ରାସ୍ତା କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

# ୨୧ରେ ପାଳନ ହେବ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ

ପୁରୀ ,(ସବ୍ୟୁ) : ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପ୍ରତି ବର୍ଷ ମେ ୨୧ କୁ ଲବଣ ସତ୍ୟାଗ୍ରହ ସ୍ମୃତି ଦିବସ ଭାବେ ପାଳନ କରାଯାଏ।ଏହି ଉତ୍ସବ କୁ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଆୟୋଜନ କରାଯାଇଥାଏ।ଚଳିତ ବର୍ଷ ଏହି ଉତ୍ସବ କୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଲବଣ ସତ୍ୟାଗ୍ରହ ର ସଂଗ୍ରାମୀ ମାନଙ୍କୁ ଉଚିତ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେବାର ଏହା ଏକ ଶୁଭ ଅବସର।ଆମ ଆଗାମୀ ପିଢି ଏହି ସତ୍ୟାଗ୍ରହ ସମ୍ପର୍କରେ ଅବଗତ ହେବା, ସଂଗ୍ରାମୀ ମାନଙ୍କ ତ୍ୟାଗ, ସଂଘର୍ଷ ଓ ବଳିଦାନ ସମ୍ପର୍କରେ ଅବଗତ ହେବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆ ଯାଉଛି ତାହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିବିଧ ପ୍ରସ୍ତାବ ମାନ ଦେଇଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ।ପ୍ରାରମ୍ଭରେ ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମସ୍ତଙ୍କୁ ସ୍ୱାଗତ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ପଞ୍ଚାୟତ ସମିତି ଅଧ୍ୟକ୍ଷ ଆରତୀ ନାଏକ,ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ଜଗତସିଂହପୁର ଲୋକସଭା ସାଂସଦ ଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ,ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଏଥିରେ ସଂଗ୍ରାମୀ ସ୍ମୃତି ସମିତି ର କର୍ମକର୍ତ୍ତା, ଲୋକ ପ୍ରତିନିଧି,ବିଭିନ୍ନ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।ନିଷ୍ପତ୍ତି ଅନୁସାରେ ମେ ୨୧ ତାରିଖ ପ୍ରାତଃରୁ ରାମଧୂନ ପରିବେଷଣ,ସକାଳ ୭ ଘଟିକା ରେ ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ମାଲ୍ୟାର୍ପଣ,ସକାଳ ୮ ଘଟିକା ରେ କୁହୁଡି ସ୍ମୃତି ପୀଠରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ, ସଭା ଓ ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଶ୍ରୀ ଲକ୍ଷ୍ମୀନୃସିଂହ ଦେବ ଜନ୍ମ ମହୋତ୍ସବ ପାଳିତ


ସାକ୍ଷୀଗୋପାଳ ,(ସବ୍ୟୁ) : ପବିତ୍ର ବୈଶାଖ ମାସ ଚତୁର୍ଦ୍ଦଶୀ ତିଥିରେ ସାକ୍ଷୀଗୋପାଳ ନିକଟ ଜିପୁର୍ ଗ୍ରାମରେ ପ୍ରଭୁ ଶ୍ରୀ ଶ୍ରୀ ଲକ୍ଷ୍ମନୃସିଂହ ଗୁରୁଦେବ ଙ୍କ ଜନ୍ମ ମହୋତ୍ସବ ଅତି ଆନନ୍ଦ ଉଲ୍ଲାସ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ପ୍ରତ୍ୟୁଷରୁ ଠାକୁରଙ୍କ ମହାସ୍ନାନ ନୂତନ ବସ୍ତ୍ର ପରିଧାନ ଓ ପ୍ରଥମ ଧୂପ କରାଯିବା ପରେ ଦିନ ୩ଟା ବେଳକୁ ମହାପ୍ରଭୁଙ୍କ ଦେହରେ ଚୁଆ ଚନ୍ଦନ ଆଦି ଲଗାଯାଇ ପଦ୍ମ ଫୁଲରେ ସଜ୍ଜିତ କରାଯିବା ପରେ ପରେ ସନ୍ଧ୍ୟା ୫ଟା ସମୟରେ ଶ୍ରୀମଦ୍ ଭଗବତ ଗୀତା ଓ ବେଦ ପାଠ ପରିଷଦ ,ସତ୍ୟବାଦୀ ଓ ସତ୍ୟସାଇ ବାଲ ବିକାଶ , ବିରରାମଚନ୍ଦ୍ରପୁର ମିଳିତ ଆନୁକୁଲ୍ୟରେ ସତ୍ୟବାଦୀର ଅଞ୍ଚଳ ରୁ ବିଭିନ୍ନ ଗ୍ରାମରୁ ଆସିଥିବା କୁନି କୁନି ପିଲାମାନଙ୍କ ଦ୍ୱାରା ଭକ୍ତିମୟ ପରିବେଶ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ପରେ ବେଦଗୁରୁ ପ୍ରବୀଣ କର ବେଦ ପାଠ କରିବା ପରେ ରାୟଖଣ୍ଡି ଗ୍ରାମର ଆଦିତ୍ୟ କୁମାର ମିଶ୍ର ନୃସିଂହ ଜଣାଣ। ଏହି ଗ୍ରାମର ୫ମ ଶ୍ରେଣୀର ଛାତ୍ରସ୍ୱୟଂ ପ୍ରକାଶ ରଥ ଶ୍ରୀ ଜଗନ୍ନାଥାଷ୍ଟକମ୍ ଓ ବୀର ରାମଚନ୍ଦ୍ରପୁର ଗ୍ରାମର ସତ୍ୟସାଇ ବାଲ ବିକାଶ ତରଫରୁ କୁନି କୁନି ପିଲାମାନଙ୍କ ତରଫରୁ ଗୀତା ଓ ବେଦ ପାଠ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ଓଡିଶୀ ନୃତ୍ୟ ଓ ଭଜନ ସମାରୋହ ଅନୁଷ୍ଠିତ କରାଯାଇଥିଲା । ଏମ୍ସ ଭୁବନେଶ୍ୱର ର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡ଼କ୍ଟର ଅଶୋକ କୁମାର ମହାପାତ୍ର ,ଲକ୍ଷ୍ମୀଧର ପାଣି,ରାଜଲକ୍ଷ୍ମୀ ମିଶ୍ର ,ପ୍ରଭାତ ଚନ୍ଦ୍ର ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥଲେ। ସ୍ୱର୍ଗତ ରଘୁନାଥ ରଥଙ୍କ ଅକ୍ଳାନ୍ତ ଉଦ୍ୟମରେ ଗ୍ରାମରେ ଲକ୍ଷ୍ମନୃସିଂହ ମଧ୍ୟ ଇଂରାଜୀ ବିଦ୍ୟାଳୟ ସ୍ଥାପିତ କରାଯିବା ସହ ଏ ଗ୍ରାମରେ ଅନେକ ଉନ୍ନତି ମୂଳକ ପଦକ୍ଷେପ ନେଇଥିଲେ । ଗ୍ରାମର ଉନ୍ନତି ନିମନ୍ତେ ଯୁବସମାଜକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ଜୀପୁର ଗ୍ରାମ ବାସୀଙ୍କ ତରଫରୁ ଆଜିର ଏହି ପବିତ୍ର ଦିନରେ ସ୍ୱର୍ଗତ ରଥଙ୍କ ସହଧର୍ମିଣୀ ଜାନକୀ ରଥଙ୍କୁ ଉପଢୌକନ ସହ ଶ୍ରଦ୍ଧାଞ୍ଜଳି ସମ୍ମାନ ପତ୍ର ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା । ସନ୍ଧ୍ୟାାରେ ଆଖପାଖ ଅଞ୍ଚଳର ଶହଶହ ଭକ୍ତ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରିଥିଲେ । ଭଜନ ସନ୍ଧ୍ୟା ପରିବେଷଣ ସରିବା ପରେ ପ୍ରଭୁ ଏକ ସୁସଜ୍ଜିତ ବିମାନରେ ଘଣ୍ଟ,କାହାଳୀ,ନାଗା ,ମେଢ଼ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଗ୍ରାମ ପରିକ୍ରମା କରିଥିଲେ । ଲକ୍ଷ୍ମୀନୃସିଂହ ଦେବ ଜନ୍ମ ମହୋତ୍ସବ କମିଟି ର ସଭାପତି ଲକ୍ଷ୍ମୀଧର ରଥ ସମ୍ପାଦକ ସୁଶାନ୍ତ କୁମାର ରଥ, ରଘୁନାଥ ରଥ, ମନୋରଞ୍ଜନ ରଥ,ଲୋକନାଥ ରଥ ଓ ପ୍ରଶାନ୍ତ କୁମାର ରଥ ପ୍ରମୁଖଙ୍କ ସମେତ ଗ୍ରାମବାସୀ ମାନେ କାର୍ଯ୍ୟକ୍ରମ ପାଳନରେ ସହଯୋଗ କରିଥିଲେ ।

# ନୀଳକଣ୍ଠେଶ୍ୱର ଲୋକୋତ୍ସବ ତୃତୀୟ ସନ୍ଧ୍ୟା




ବୋଲଗଡ଼,(ସବ୍ୟୁ) :ରବିବାର ନୀଳକଣ୍ଠେଶ୍ୱର ବଣିକ ସଙ୍ଘ ଆନୁକୂଲ୍ୟରେ ଓ ଓଡିଶା ସରକାରଙ୍କ କଳା,ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହାୟତାରେ ନୀଳକଣ୍ଠେଶ୍ୱର ଲୋକ ଉତ୍ସବର ତୃତୀୟସନ୍ଧ୍ୟା ପିଚୁକୁଳି ବଜାରଠାରେ ଅନୁଷ୍ଠିତ ହୋଇଯାଇଛ। ଏହି ମହୋତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ କଂଗ୍ରେସ ବିଧାୟକ ପାର୍ଥ ପୃଥିବୀ ବଲ୍ଲବ ପଟ୍ଟନାୟକ,ମୁଖ୍ୟଭାବେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ପ୍ରକାଶ ରଥ, ପିଚୁକୁଳି ବଣିକ ସଙ୍ଘର ସଭାପତିପବିତ୍ର ମୋହନ ମାଝୀ. ସମ୍ପାଦକ ଚିତ୍ତ ରଞ୍ଜନ ସାମନ୍ତରାୟ. ଉପଦେଷ୍ଟା ଅଜୟ କୁମାର ମଙ୍ଗରାଜ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଏହାକୁ ଶୁଭ ଉଦଘାଟନ କରିଥିଲେ। ସଭାପତି ପବିତ୍ର ମୋହନ ମାଝୀ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଲୋକ ଉତ୍ସବ ରେ ସାତୋଟି ଗ୍ରାମପଞ୍ଚାୟତ ର ବହୁ ଜନସାଧାରଣ ଯୋଗ ଦେଇ ଏହାକୁ ଉପଭୋଗ କରିଥିଲେ। ନୀଳକଣ୍ଠେଶ୍ୱର ଲୋକ ଉତ୍ସବ ତରଫରୁ ବିଭିନ୍ନ କଳାକାର. ସମାଜସେବୀ. ଶିକ୍ଷାବିତ ଓ ସାମ୍ବାଦିକମାନଙ୍କୁ ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଚିତ୍ତ ରଞ୍ଜନ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ୧୨୨ ବର୍ଷର ପୁରୁଣା କାଶୀପୁର ରାମଲୀଳା : ନାଗ ଫାଶ ବନ୍ଧନ, କୁମ୍ଭକର୍ଣ୍ଣ ବଧ



ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ କାଶୀପୁର ଗ୍ରାମରେ ନବମ ସନ୍ଧ୍ୟାରେ ମହାନ ପୌରଣିକ ନାଟକ ନାଗ ଫାଶ ବନ୍ଧନ ଏବଂ କୁମ୍ଭକର୍ଣ୍ଣ ବଧ ପରିବେଷଣ ହୋଇଯାଇଛି। ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଙ୍କ ଶାନ୍ତି ପ୍ରସ୍ତାବକୁ ପାଦରେ ଆଡ଼େଇ ତ୍ରିଭୁବନ ବିଜୟୀ ମହା ମହିମ ଦଶାନନ ରାବଣ ନିଜ ଜିଦରେ ଅଟଳ ରହି ସମ୍ପୂର୍ଣ୍ଣ ଲଙ୍କାପୁରକୁ ଯୁଦ୍ଧ ମଧ୍ୟକୁ ଠେଲି ଦେଇଥିଲା। ଯୁଦ୍ଧ କ୍ଷେତ୍ରରେ ଅନେକ ଅସୁର ମାନେ ପ୍ରଭୁ ରାମ ଏବଂ ତାଙ୍କ ବାନର ସେନାଙ୍କଦ୍ୱାରା ନିହତ ହେଲେଛ। ଏ ଦୁଃସମ୍ବାଦ ପାଇ ରାବଣର ଜେଷ୍ଠ ପୁତ୍ର କ୍ରୋଧୀ ଇନ୍ଦ୍ରଜିତ ନିଜ ପରାକ୍ରମ ବଳରେ ଦୁଇ ଭ୍ରାତା ରାମ ଓ ଲକ୍ଷ୍ମଣଙ୍କୁ ନାଗ ଫାଶ ବନ୍ଧନରେ ଆବଦ୍ଧ କରିଥିଲା। ନାରାୟଣଙ୍କ ଦୂତ ଗରୁଡ଼ ଆସି ନାଗ ଫାଶ ବନ୍ଧନରୁ ନିଜ ପ୍ରଭୁଙ୍କୁ ମୁକ୍ତ କରିଥିଲେଛ। ଅନୋନ୍ୟପାୟ ଦଶାନନ ରାବଣ ନିଜ ସାନ ଭାଇ ମହାନ ଯୋଦ୍ଧା କୁମ୍ଭକର୍ଣ୍ଣଙ୍କୁ ଅସମୟରେ ନିଦରୁ ଉଠାଇ ଥିଲାଛ ଆଶ୍ଚର୍ଯ୍ୟ ଚକିତ କୁମ୍ଭକର୍ଣ୍ଣ ପର ସ୍ତ୍ରୀ ହରଣ ମହାପାପ ବୋଲି ଜ୍ୟୋଷ୍ଠ ଭ୍ରାତା ରାବଣକୁ ବୁଝାଇବାରୁ ଅହଙ୍କାରୀ ରାବଣ ଠାରୁ ତିରସ୍କୃତ ହୋଇ ଯୁଦ୍ଧ ଭୂମିରେ ରାମଙ୍କ ସରରେ ବଧ ହୋଇଥିଲା ।ରାବଣ– ଅକ୍ଷୟ ଲେଙ୍କା, କୁମ୍ଭକର୍ଣ୍ଣ–ଜଗନ୍ନାଥ ଲେଙ୍କା, ଗରୁଡ଼–ଅକ୍ଷୟ ପରିଡ଼ା, ରାମ–ସାଗର ଜେନା, ଲକ୍ଷ୍ମଣ–କୁନା ଜେନା ସୁନ୍ଦର ଅଭିନୟ କରିଥିଲେ। ଦାଣ୍ଡି ରାମାୟଣକୁ ମୁଖସ୍ଥ କରିଥିବା ଲୋକ ପ୍ରିୟ ଗାୟକ ଶ୍ୟାମ ସୁନ୍ଦର ବିଶ୍ୱାଳ ଓ ଯୁଗଳ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ସହ ଗାୟକ ବିପିନ ସାହୁ ଓ ବାୟକ ମହେଶ୍ୱର ନାୟକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସୀତାରାମ ନାଟ୍ୟ ସଂସଦର ସମସ୍ତ ସହ କଳାକାରମାନେ ଅତି ମନ ମୁଗ୍ଧକର କଳା ପରିବେଷଣ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ ଦଳେଇ ଆବାହକ ଭୂମିକା ପୂରଣ କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୫/୭)
-ପୁରୁଷୋତ୍ତମଯୋଗଃ-
(ଶ୍ରୀଭଗବାନୁବାଚ )

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।**
**ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ॥୭॥**

ମୋର ଅଂଶ ଏହି ଅବିଦ୍ୟାସମ୍ଭୂତ ଜୀବ, ସର୍ବଦା ସଂସାରୀରୂପରେ ପ୍ରସିଦ୍ଧ । ଏହା ସୁଷୁପ୍ତି ଓ ପ୍ରଳୟକାଳରେ ପ୍ରକୃତିରେ ଅବସ୍ଥିତ ପଞ୍ଚଇନ୍ଦ୍ରିୟ ଏବଂ ମନକୁ ସଂସାରୋପଭୋଗ ପାଇଁ ସଂସାରକୁ ପୁନର୍ବାର ଆକର୍ଷଣ କରେ ॥୭॥

# ୨୦୩୬ ପାଇଁ ରାଜ୍ୟର ଦୂରଦୃଷ୍ଟି

## ସମ୍ପାଦକୀୟ

ଗତ ଶୁକ୍ରବାରରେ ଲୋକସେବା ଭବନରେ ଅନୁଷ୍ଠିତ 'ଭିଜନ ୨୦୩୬ ଓ ୨୦୪୭' କର୍ମଶାଳା ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ୨୦୪୭ରେ ବିକଶିତ ଭାରତ ପାଇଁ ତାଙ୍କର ଉଦ୍ୟମ ଜାରି ରଖିଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିକଶିତ ଭାରତ ସମେତ ୨୦୩୬ ଶତବାର୍ଷିକରେ ବିକଶିତ ଓଡ଼ିଶା ପାଇଁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି । ଏହି କର୍ମଶାଳାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ ଭାରତର ଶ୍ରେଷ୍ଠ ପାଞ୍ଚଟି ରାଜ୍ୟ ମଧ୍ୟରେ ଓଡ଼ିଶାକୁ ସ୍ଥାନିତ କରାଯାଇ ଆର୍ଥନୀତିକ ବିକାଶ ଲାଗି ଉଦ୍ୟମ ଜାରି ରହିବ । ଓଡ଼ିଶାର ଜନସାଧାରଣଙ୍କର ମୌଳିକ ଆବଶ୍ୟକତା ଯଥା- ବିଜୁଳି, ସଡ଼କ, ପାଣି ଯେପରି ସୁବିଧାରେ ଲୋକେ ପାଇପାରିବେ ସେଥିପାଇଁ ପଦକ୍ଷେପ ନିଆଯିବ । ସେହିପରି ସମସ୍ତେ ଯେପରି ଚାକିରି ପାଇବେ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଶ୍ରୀ ମାଝୀ ପ୍ରକାଶ କରିଥିଲେ ଯେ ରାଜ୍ୟର ବିଭିନ୍ନ ସଚେତନ ନାଗରିକ '୨୦୩୬ରେ ଓଡ଼ିଶାର ଦୃଷ୍ଟି' ସକାଶେ ପ୍ରାୟ ୩ ଲକ୍ଷ ୨୦୦୦ ଗୋଟି ପ୍ରସ୍ତାବ ପଠାଇଥିଲେ । ସେଥିମଧ୍ୟରେ ଅନେକ ପ୍ରବାସୀ ଓଡ଼ିଆଙ୍କ ପ୍ରସ୍ତାବ ମଧ୍ୟ ରହିଛି । ସେ ମଧ୍ୟ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ଚାରିକୋଟି ପାଞ୍ଚଲକ୍ଷ ଲୋକଙ୍କର ଆଶା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ଏବଂ ଭବିଷ୍ୟତ ପିଢ଼ିକୁ ଗୁରୁତ୍ୱ ଦେଇ ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି । ଏହି ଦୂରଦୃଷ୍ଟିର ଚିଠା ତାଙ୍କ ସରକାରଙ୍କ ବର୍ଷ ପୂର୍ତ୍ତି ଅର୍ଥାତ୍ ଆସନ୍ତା ଜୁନ୍ ୧୨ ସୁଦ୍ଧା ପ୍ରସ୍ତୁତ ହୋଇଯିବ । ଏହାକୁ '୩୬ ପାଇଁ ୩୬' ଯୋଜନରେ ସଂଯୁକ୍ତ କରାଯିବ ଏବଂ ୩୬ ଗୋଟି ଫ୍ଲାଗସିପ୍ (ଅଗ୍ରଣୀ) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ । ଅର୍ଥନୀତି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ଉନ୍ନୟନ ଆଧାରରେ ଏହା ପ୍ରସ୍ତୁତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମଧ୍ୟ ପ୍ରକାଶ କରିଥିଲେ । ଏହି ଭିଜନ ଡକୁମେଣ୍ଟ ପ୍ରସ୍ତୁତ ବେଳେ ରାଜ୍ୟର ଅର୍ଥନୀତିକୁ ୨୦୩୬ ଶତବାର୍ଷିକରେ ୫୦୦ ଶହ କୋଟି ଡଲାରରେ ପହଞ୍ଚାଇବା ସହିତ ୨୦୪୭ରେ ଭାରତର ଶତବାର୍ଷିକ ପାଳନ ହେବା ବେଳକୁ ୫ ଟ୍ରିଲିଅନ ଡଲାରରେ ରାଜ୍ୟ ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ସହିତ ତାଳଦେଇ ଓଡ଼ିଶା ପହଞ୍ଚିପାରିବ ବୋଲି ଆଶା କରାଯାଇଛି । ଏହା ବ୍ୟତୀତ ଓଡ଼ିଶା ଯେପରି ପୂର୍ବ ଓ ଦକ୍ଷିଣପୂର୍ବ ଏସିଆର ରାଷ୍ଟ୍ରଗୁଡ଼ିକ ଲାଗି ପଥପ୍ରଦର୍ଶକ ହେବ ଏବଂ ଓଡ଼ିଶାର ବନ୍ଦରଗୁଡ଼ିକର ଉନ୍ନତି ହୋଇପାରିବ, ସେ ଦିଗରେ ଉଦ୍ୟମ କରାଯିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ ।

ଓଡ଼ିଶାରେ ବନ୍ଦରଗୁଡିକର ଉନ୍ନତି ପାଇଁ ସର୍ବାଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ । ପାରାଦୀପ ଓ ଧାମରା ଏ ଦୁଇଗୋଟି ବୃହତ୍ ବନ୍ଦର ସମେତ ଅନ୍ୟାନ୍ୟ ବନ୍ଦରଗୁଡ଼ିକ ଉପରେ ଦୃଷ୍ଟି ଦିଆଗଲେ ଓଡ଼ିଶାର ଉନ୍ନତି ହୋଇପାରିବ ।

୧୯୬୭-୭୦ ଓଡ଼ିଶାର ସ୍ୱତନ୍ତ୍ର- ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳରେ ଜଣେ ବରିଷ୍ଠ ମନ୍ତ୍ରୀ ବନ୍ଦରଭିତ୍ତିକ ଓଡ଼ିଶାକୁ ଦୃଷ୍ଟିରେ ରଖି ବମ୍ବେ ଆଇ.ଆଇ.ଟିରେ ଓଡ଼ିଶାରୁ ଇଞ୍ଜିନିଅରିଂ ପାସ କରିଥିବା ଛାତ୍ରମାନଙ୍କୁ ବନ୍ଦର ବିଷୟରେ ସ୍ନାକକୋତ୍ତର ଇଞ୍ଜିନିଅରିଂ ପାଠ ମାଗଣାରେ ପଢ଼ିବାକୁ ବ୍ୟବସ୍ଥା କରାଇଥିଲେ । ଓଡ଼ିଶା ତଦ୍ୱାରା ଉପକୃତ ହୋଇଥିଲା । ମାତ୍ର ସେ ବିଷୟରେ ଏବେ କିଛି ଜଣା ପଡୁନାହିଁ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେପରି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ନୂଆଦିଲ୍ଲୀରେ ଯାଦୁଘର ବା ମ୍ୟୁଜିଅମ୍ କରାଇଛନ୍ତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରିମାନଙ୍କ ସକାଶେ ମ୍ୟୁଜିଅମ୍‌ଟିଏ କରାଇ ପାରନ୍ତେ । ଏପରିକି ଓଡ଼ିଶାର ବରପୁତ୍ର, ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସକାଶେ ଭୁବନେଶ୍ୱରରେ ମ୍ୟୁଜିଅମ୍ ଗୋଟାଏ କରିବାର ଆବଶ୍ୟକତା ରହିଛି । ଗତ ଅଗଷ୍ଟ ୯ (୨୦୨୪) କ୍ରାନ୍ତି ଦିବସରେ କଟକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୋଟାଏ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବର୍ଗଙ୍କୁ ଭତ୍ତା ଦେବା କଥା ଘୋଷଣା କରିଥିଲେ । ମାତ୍ର ସ୍ୱାଧୀନତା ସଂଗ୍ରାମୀ କେବଳ ନୁହନ୍ତି, ଶହୀଦ ପରିବାରବର୍ଗଙ୍କୁ ମଧ୍ୟ ଭତ୍ତା ଦିଆଯାଉ । ଏପରିକି ନେତାଜୀଙ୍କ ଆଜାଦ ହିନ୍ଦ ଫୌଜରେ ଯେଉଁମାନେ ଥିଲେ, ସେମାନଙ୍କ ପରିବାରକୁ ମଧ୍ୟ ଭତ୍ତା ପ୍ରଦାନ କରାଯାଉ । ଦୁଃଖର କଥା, ରାଜ୍ୟର ଶହୀଦ ବା ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରମାନଙ୍କୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇ ପାରିଲା ନାହିଁ । ରାଜ୍ୟରେ ଯେଉଁ ଗୋଟିଏ ଦୁଇଟି ସଂଗ୍ରାମୀ ଦାୟାଦ ସଂଘ ଅଛି, ସେମାନେ ମଧ୍ୟ ସରକାରଙ୍କୁ ଏ ଦିଗରେ ସହଯୋଗ କରିପାରନ୍ତେ । ରାଜ୍ୟ ସରକାର ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଏହି କାର୍ଯ୍ୟ ଅନ୍ତତଃ କରିପାରନ୍ତେ । ବିଳମ୍ବ ହେଲେ ସେମାନେ ସମସ୍ତେ କୁଆଡେ ହଜିଯିବେ, ଲୁଚିଯିବେ । ସେମାନଙ୍କୁ ଭତ୍ତା ମିଳିବା ଦୂରର କଥା ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀଦ୍ୱୟ, ଆଇନ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ଚିହ୍ନଟ କରିପାରିଲେ, ସେମାନଙ୍କୁ ପାଇ ଆମେ ସମସ୍ତେ ଗର୍ବ ଅନୁଭବ କରିପାରନ୍ତେ । ରାଜ୍ୟ ସରକାର ମଧ୍ୟ ଓଡ଼ିଶାର ପ୍ରାଦେଶିକ ସଙ୍ଗୀତର ମର୍ଯ୍ୟାଦା ରକ୍ଷା କରି ତାକୁ ଯେପରି ରାଜ୍ୟବାସୀ ନିର୍ଭୁଲ ଭାବରେ ବୋଲିପାରିବେ, ସେଥିପାଇଁ ଯତ୍ନବାନ ହେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆତଙ୍କବାଦର ଭୟାବହ ପରିଣାମ



**ଗୁରୁକଲ୍ୟାଣ ମହାପାତ୍ର**

ଭାରତ ଏକ ଶାନ୍ତିପ୍ରିୟ ଓ ଅହିଂସାଧର୍ମୀ ରାଷ୍ଟ୍ର ଭାବେ ସମଗ୍ର ବିଶ୍ୱରେ କେବଳ ପରିଚିତ ନୁହେଁ, ଆଦୃତ ମଧ୍ୟ । ଭାରତ ବିଭାଜନ ସମୟରେ ଗାନ୍ଧିଜୀଙ୍କୁ ମଧ୍ୟ ବିଶ୍ୱାସକୁ ନିଆଯାଇ ନ ଥିଲା । ଅଥଚ ସେ ହିନ୍ଦୁ ବିରୋଧୀ ଓ ମୁସଲମାନଙ୍କ ପକ୍ଷରେ ଅଛନ୍ତି ବୋଲି ସେତେବେଳେ ଅପପ୍ରଚାର କରାଯାଇଥିଲା । ମାତ୍ର ଏପରି ଅପପ୍ରଚାରରେ ଗାନ୍ଧିଜୀ ବ୍ୟଥିତ ହୋଇଥିଲେ । 'ଏ ବୃଦ୍ଧକୁ ବିଭାଜନ ସଂକ୍ରାନ୍ତରେ କେହି ପଚାରି ନ ଥିଲେ' ବୋଲି ଗାନ୍ଧିଜୀ ମଧ୍ୟ ସ୍ୱୀକାର କରିଥିଲେ । ମାତ୍ର ଯେଉଁସବୁ ସର୍ତ୍ତ ଉପରେ ଏହି ବିଭାଜନ ହୋଇଥିଲା, ସେଥି ମଧ୍ୟରେ ଗୋଟିଏ ବଡ଼ ସର୍ତ୍ତ ଥିଲା ନୂଆ ଦେଶ ଗଠନ ଲାଗି ପାକିସ୍ତାନକୁ ଭାରତ ରାଜକୋଷରୁ ୫୦ କୋଟି ଟଙ୍କା ଦିଆଯିବ । ୧୯୪୭ ମସିହାର ୫୦ କୋଟି ଟଙ୍କାର ମୂଲ୍ୟ ଏବେ ଅନେକ ବେଶୀ । ମାତ୍ର ଏପରି ସର୍ତ୍ତକୁ ସେବର ସ୍ୱାଧୀନତା ଆନ୍ଦୋଳନକାରୀ ଭାରତୀୟ ତୁଙ୍ଗ ନେତାମାନେ ଚାହିଁଲେ ନାହିଁ । ଫଳରେ ଏକ ଜଟିଳ ଅବସ୍ଥା ଦେଖାଦେଇଥିଲା । ତେଣୁ ସେମାନେ ଏ ବିଷୟରେ ଗାନ୍ଧିଜୀଙ୍କ ପରାମର୍ଶ ଲୋଡ଼ିଥିଲେ । ସର୍ଦ୍ଦାର ପଟେଲ ଗାନ୍ଧିଜୀଙ୍କୁ ବୁଝାଇଲେ, ଏତେ ପରିମାଣର ଅର୍ଥ ପାକିସ୍ତାନକୁ ଦିଆଗଲେ ସେମାନେ ଯୁଦ୍ଧାସ୍ତ୍ର କ୍ରୟ କରି ଭାରତ ବିରୋଧରେ ଲଢ଼େଇ କରିବେ । ଅନ୍ୟମାନେ ମଧ୍ୟ ଏଥିରେ ଏକମତ ହେଲେ । ହେଲେ ଗାନ୍ଧିଜୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା । ସେହି ସର୍ତ୍ତରେ ଭାରତ ବିଭାଜିତ ହେବା ଦରକାର ବୋଲି ଗାନ୍ଧିଜୀ ପରାମର୍ଶ ଦେଇ ନୀରବ ରହିଲେ । ମାତ୍ର ଗାନ୍ଧିଜୀଙ୍କ 'ବିବେକ ରକ୍ଷକ' ଭାବେ ପରିଚିତ ରାଜାଜୀ (ସି. ରାଜଗୋପାଳଚାରୀ) ଶେଷରେ ଏ ବିଷୟରେ ଗାନ୍ଧିଜୀଙ୍କଠାରୁ ଜାଣିବାକୁ ଚାହିଁଥିଲେ । ଗାନ୍ଧିଜୀଙ୍କ ମତ ଥିଲା- ଗୋଟିଏ ରାଷ୍ଟ୍ରର ଭବିଷ୍ୟତ ତାହାର ପବିତ୍ର ପ୍ରତିଶ୍ରୁତି ଉପରେ ନିଭର କରେ । ଯଦି ଭାରତ ତା'ର ପ୍ରତିଶ୍ରୁତିର ଉଲଂଘନ କରେ, ତେବେ ସାରା ବିଶ୍ୱରେ ଭାରତ ଏକ ମିଛୁଆ ରାଷ୍ଟ୍ର ବୋଲି ସମସ୍ତେ ଭାବିବେ ଓ କେହି ଭାରତ ଉପରେ ବିଶ୍ୱାସ କରିବେ ନାହିଁ । ଗାନ୍ଧିଜୀଙ୍କ କଥା ମାନି ଶେଷରେ ଭାରତର ତୁଙ୍ଗ ନେତାମାନେ ବିଭାଜନ ସର୍ତ୍ତକୁ ସମ୍ମତି ପ୍ରଦାନ କରିଥିଲେ । ତାହା ହିଁ ହେଲା । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଭାରତକୁ ନୁହେଁ, ସାଧାରଣତନ୍ତ୍ରର ୭୫ ବର୍ଷ ପରେ ପାକିସ୍ତାନ ଏକ ମିଛୁଆ ରାଷ୍ଟ୍ର ଭାବରେ ପରିଚିତ ହୋଇଛି । ଆତଙ୍କବାଦୀ ରାଷ୍ଟ୍ର ଭାବେ ତାହାର ବଦନାମ ମଧ୍ୟ ରହିଛି । ଉଭୟ ରାଷ୍ଟ୍ର ସାଧାରଣତନ୍ତ୍ରର ୭୫ ବର୍ଷ ଅତିକ୍ରମ କରିଛନ୍ତି ହେଲେ ପାକିସ୍ତାନରେ ସାଧାରଣତନ୍ତ୍ର ବା ଗଣତନ୍ତ୍ରର ଶାସନ ନାହିଁ କହିଲେ ଚଳେ । ଅଧିକାଂଶ ସାମରିକ କର୍ମକର୍ତ୍ତା ପାକିସ୍ତାନର ଶାସକ ସାଜି ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହି ଜନସାଧାରଣଙ୍କ ସ୍ୱାର୍ଥକୁ ଭୁଲିଗଲେ । ଅଦାଲତ ଦୁର୍ନୀତିଗ୍ରସ୍ତ ସାମରିକ ଓ ବେସାମରିକ ନେତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କଲେ । ସେମାନଙ୍କ ମଧ୍ୟରୁ କେହି କେହି ଜେଲରୁ ଫେରିବା ପରେ ଇଂଲଣ୍ଡ ବା ଆମେରିକାର ବିଭିନ୍ନ ସହରରେ ଆତ୍ମଗୋପନ କରିଥିଲେ ଓ କରୁଛନ୍ତି ମଧ୍ୟ । ପାକିସ୍ତାନରେ ଶାନ୍ତି ନାହିଁ । କେବଳ ଗୋଟିଏ ପଡ଼ୋଶୀ ରାଷ୍ଟ୍ର ଚୀନ ସହାୟତାରେ ପାକିସ୍ତାନ କେବଳ ବଞ୍ଚି ରହିଥିବା କୁହାଯାଉଛି । ପାକିସ୍ତାନ ଭଲ କାମ ନ କରି, ଭଲ ହେବାକୁ ଉଦ୍ୟମ ନ କରି ଆତଙ୍କବାଦ ଉପରେ ଆଶ୍ରୟ କରି ଅଳ୍ପକେ ସନ୍ତୁଷ୍ଟ ହେଉଛି ବା କାହିଁକି ?



ଡକ୍ଟର ମହମ୍ମଦ ତାହିର-ଉଲ୍-କ୍ୱାଦ୍ରୀ ନାମକ ଜଣେ ପାକିସ୍ତାନୀ ଧର୍ମଶାସ୍ତ୍ରବିତ୍, ଧାର୍ମିକ ନ୍ୟାୟବିତ୍, ସୁଲେଖକ ଓ ଗବେଷକ ଅଛନ୍ତି । ଅତୀତରେ ସେ ପାକିସ୍ତାନର ପଞ୍ଜାବ, ଲାହୋର ଓ ପାକିସ୍ତାନର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟରେ ସାମ୍ବିଧାନିକ ଆଇନ ବିଭାଗରେ ପ୍ରଫେସର ମଧ୍ୟ ଥିଲେ । ଗତ ୨୦୧୨ ମେ' ମାସରେ ସେ ନୂଆଦିଲ୍ଲୀକୁ ଆସି 'ଫତୱା ଅନ୍ ଟେରୋରିଜମ ଆଣ୍ଡ୍ ସୁଇସାଇଡ୍ ବମିଙ୍ଗ୍ସ' (ଆତଙ୍କବାଦ ଓ ଆତ୍ମହତ୍ୟାକାରୀ ବୋମା ଉପରେ ଫତୱା ଜାରି) ନାମକ ଏକ ପୁସ୍ତକ ଲେଖି ତାହା ଉନ୍ମୋଚନ କରାଇଥିଲେ । ସେ ଚାକିରି ଛାଡ଼ି ଦେଇ 'ମିନ୍‌ହାଜ-ଉଲ୍-କୁରାନ ଇଣ୍ଟରନେସନାଲ' ନାମକ ଏକ ସଙ୍ଗଠନ ଗଢ଼ିଥିଲେ ଯେଉଁ ସଙ୍ଗଠନ ଜରିଆରେ ସେ ଅଣ-ଚରମପନ୍ଥୀ ଇସଲାମ ବିଷୟରେ ଶିକ୍ଷାଦାନ କରୁଥିଲେ । ପ୍ରାୟ ୫୦ରୁ ଅଧିକ ରାଷ୍ଟ୍ରରେ ତାଙ୍କର ଏହି ସଙ୍ଗଠନ ଚାଲିଥିବା ଜଣାପଡ଼ିଥିଲା । ସାରା ବିଶ୍ୱରେ ତାଙ୍କୁ ଜଣେ ସଚ୍ଚା ମୁସଲମାନ ବା ଇସ୍‌ଲାମିକ ନେତା ଭାବେ ଅଧିକାଂଶ ଭଲ ପାଇ ଆସୁଛନ୍ତି । ଅଜୟ ଆଶୀର୍ବାଦ ମହାପ୍ରଶସ୍ତ ନାମକ ଜଣେ ସାମ୍ବାଦିକ ଦିଲ୍ଲୀରେ ତାଙ୍କୁ ଭେଟି ପଚାରିବାରୁ ସେ କହିଥିଲେ, 'ଇସଲାମ ଧର୍ମରେ ଆତଙ୍କବାଦର ସ୍ଥାନ ନାହିଁ' ।ତାଙ୍କୁ ଯେତେବେଳେ ମହାପ୍ରଶସ୍ତ ଅଭିନନ୍ଦନ ଜଣାଇ ତାଙ୍କର ଉନ୍ମୋଚିତ ହୋଇଥିବା ନୂତନ ପୁସ୍ତକ ସମ୍ପର୍କରେ ପଚାରିଥିଲେ ଯେ ଅନେକ ମୁସଲମାନ ବିଦ୍ୱାନ ଜିହାଦକୁ ରାଜନୈତିକ ଭାଷାରେ ପ୍ରକାଶ କରିଛନ୍ତି, ଆପଣ ତାହାକୁ ଧାର୍ମିକ ଭାବେ ବ୍ୟାଖ୍ୟା କରି କିପରି କହୁଛନ୍ତି ଯେ ଇସଲାମ ଧର୍ମ ବା ଦର୍ଶନରେ ଆତଙ୍କବାଦର ବା ଆତ୍ମଘାତୀ ବୋମାର ସ୍ଥାନ ନାହିଁ ବୋଲି ? ଏହାର ଉତ୍ତରରେ କ୍ୱାଦ୍ରି କହିଥିଲେ ଯେ ଆମ ଧର୍ମରେ ମନ୍ଦ ଉଦ୍ଦେଶ୍ୟ ରଖି କେତେଜଣ ଏପରି କଥା କହି ଆସୁଥିଲେ । ମାତ୍ର ଇସଲାମ ଧର୍ମରେ ଆତଙ୍କବାଦର ସ୍ଥାନ ଆଦୌ ନାହିଁ । ଇସଲାମ ଧର୍ମ ଗ୍ରନ୍ଥ କୁରାନ ବା ପ୍ରୋଫେଟ୍ ସୁନ୍ନା (ଯେଉଁଥିରେ ଇସଲାମ ଧର୍ମର ପ୍ରତିଷ୍ଠାତା ପ୍ରୋଫେଟ ମହମ୍ମଦଙ୍କର ଚଳଣି, ରୀତିନୀତି, ଶିକ୍ଷା ଓ ଉପଦେଶମାନ ରହିଛି) ଏହାର ସତ୍ୟାସତ୍ୟ ପରୀକ୍ଷା ପାଇଁ 'ହାଦିଥ୍' (ଇସଲାମ ଆଇନ), କୁରାନର ବ୍ୟାଖ୍ୟା ଓ କୁରାନ ନିୟମ ବିଶେଷଜ୍ଞମାନଙ୍କ କାର୍ଯାବଳିକୁ ଅନୁଧ୍ୟାନ କରାଯିବ ଉଚିତ । ପ୍ରକୃତ ଇସଲାମୀୟ ଉପଦେଶାବଳି ହେଉଛି ଶାନ୍ତି ଓ ନୀରବତା । ମାତ୍ର ଚରମପନ୍ଥୀମାନେ ଏହାର କଦର୍ଥ କରିଆସୁଛନ୍ତି । ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ କ୍ୱାଦ୍ରୀ ସାହେବ କହିଥିଲେ ଯେ ଖାରିଜାଇଟ୍ସ ବିଷୟ ଯାହା ତାଙ୍କ ପୁସ୍ତକରେ ବର୍ଣ୍ଣିତ, ତାହା ହେଉଛି, ଯିଏ ମୁସଲମାନଙ୍କ ବିରୋଧରେ ବିଦ୍ରୋହ କରି ବଳପୂର୍ବକ ହିଂସାକାଣ୍ଡ ଭିଆଇବା ।

ଶ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଥମେ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଏନ୍‌ଇପି (ପଡ଼ୋଶୀ ସୁସମ୍ପର୍କର ପ୍ରଥମ ନୀତି) ଆରମ୍ଭ କରିଥିଲେ । ଭାରତ ଦକ୍ଷିଣ-ଏସିଆସ୍ଥିତ ତା'ର ପଡ଼ୋଶୀମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ ସକାଶେ ଏହି ନୀତି ପ୍ରତିଷ୍ଠା କରାଯାଇଥିଲା । ଏଥିରେ ପାକିସ୍ତାନ ସହିତ ସୁସମ୍ପର୍କ ସ୍ଥାପନ କରାଯାଇଥିଲା । ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସହଯୋଗ ଓ ପରସ୍ପରକୁ ସାହାଯ୍ୟ କରିବାକୁ ଏହି ନୀତି ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ପାକିସ୍ତାନ ସେପରି ସମ୍ପର୍କକୁ ତୁଟାଇ ଅଧିକାଂଶ ନିୟମର ସୀମା ଉଲଂଘନ କରିଛି । 'ଜେହାଦୀ'ର କଦର୍ଥ କରିଆସିଛି । ଏବେ ତ ଭାରତ ଦୃଢ଼ ଭାବେ ଆତଙ୍କବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଛି । ଗତ ଏପ୍ରିଲ ୨୨(୨୯୨୫)ରେ କାଶ୍ମୀରର ପହଲଗାମଠାରେ ନୀରିହ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ଧର୍ମ ନାମରେ ଗୁଳିକରି ଯେପରି ହତ୍ୟା କରିଛି, ଭାରତ 'ସିନ୍ଦୂର' ଅଭିଯାନରେ ତାହାର ଜବାବ ଦେଇଛି । ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀମାନଙ୍କ ଆଡ୍ଡାକୁ ଭାରତ ଧ୍ୱଂସ କରି ନିଜ ଦେଶକୁ ରକ୍ଷା କରୁଛି ଓ ଯେଉଁ ଭାରତୀୟ ମହିଳାମାନେବିଧବା ହୋଇଥିଲେ, ସେମାନଙ୍କୁ ସାନ୍ତ୍ୱନା ଦେଇଛି । ସେମାନଙ୍କ କ୍ରୋଧ ମଧ୍ୟ ପ୍ରଶମିତ ହୋଇଛି ବୋଲି ସେମାନଙ୍କ ବକ୍ତବ୍ୟରୁ ଜଣାପଡିଛି ।

ମନେରଖିବାକୁ ହେବ, ଆତଙ୍କବାଦ କେବେ ହେଲେ କାହାକୁ ଶାନ୍ତି ଦେଇପାରିବ ନାହିଁ । ପରସ୍ପର ମଧ୍ୟରେ ଶ୍ରଦ୍ଧା ଓ ସଦ୍‌ଭାବ ହିଁ ମଣିଷକୁ ଶାନ୍ତିରେ ବଞ୍ଚିବାଲାଗି ପ୍ରେରଣା ଦେଇପାରିବ ।

**ଭୁବନେଶ୍ୱର**

# ଜୀବନ ଦର୍ଶନରେ ବୁଦ୍ଧଙ୍କ ପ୍ରଭାବ

**ପୁଷ୍ପମିତ୍ର ମହାପାତ୍ର**

'ଜୀବନ ହେଉଛି ଦୁଃଖପୂର୍ଣ୍ଣ । କାମନା ହିଁ ସମସ୍ତ ଦୁଃଖର କାରଣ । କାମନାର ବିନାଶରେ ଦୁଃଖର ବିନାଶ ହୋଇଥାଏ । ନିତିମୟ ଜୀବନ ପାଳନ ଓ ଯାପନ ଦ୍ୱାରା ହିଁ କାମନାର ବିନାଶ ଘଟିବା ସହିତ ନିର୍ବାଣ ପ୍ରାପ୍ତି ହୋଇଥାଏ ।' ଏହି ବୌଦ୍ଧ ସିଦ୍ଧାନ୍ତର ଦିବ୍ୟମୟ ଅନୁଚିନ୍ତନ ସମଗ୍ର ମାନବ ସମାଜ ପ୍ରତି ଏକ ଦିବ୍ୟବାଣୀ ନିଶ୍ଚୟ। ବୌଦ୍ଧ ଧର୍ମ ସାର୍ବଜନୀନ ତଥା ବ୍ୟାପକ ହୋଇଥିବାରୁ କେବଳ ଓଡ଼ିଶା, ଭାରତ ନୁହେଁ ବରଂ ସମଗ୍ର ପୃଥିବୀରେ ଏହା ଏକ ବିଶିଷ୍ଟ ଧର୍ମରୂପେ ଲୋକାଦୃତ ଓ ପରିଚିତ । ଓଡ଼ିଶାର ଇତିହାସରୁ ଯାହା ଜଣାଯାଏ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହେବା ପୂର୍ବରୁ ବୌଦ୍ଧ ସନ୍ନ୍ୟାସୀମାନେ ବିଭିନ୍ନ ବସତି ସ୍ଥାପନ କରି ଏହି ଧର୍ମର ପ୍ରଚାର କରିଥିଲେ। ସେ ସମୟର ଉଦ୍‌ଭାସିତ ବୌଦ୍ଧ ଆଲୋକ ଏବେବି ନିର୍ବାପିତ ହୋଇନାହିଁ । ବୁଦ୍ଧ ଜୟନ୍ତୀର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉଛି ଯେ ଏହି ଦିନ ଗୌତମ ବୁଦ୍ଧ ଯେ କେବଳ ଜନ୍ମଗ୍ରହଣ କରିଥିଲେ ତାହାନୁହେଁ ସେହି ଦିନ ସେ ବୁଦ୍ଧତ୍ୱ ପ୍ରାପ୍ତ ହେବା ସହ ନିର୍ବାଣ ବା ମୋକ୍ଷ ମଧ୍ୟ ପ୍ରାପ୍ତ ହୋଇଥିଲେ । ବୁଦ୍ଧଦେବଙ୍କ ସାଧନାର ସିଦ୍ଧିପ୍ରାପ୍ତି ଆଜି ଠାରୁ ଅଢ଼େଇ ହଜାର ବର୍ଷରୁ ଉର୍ଦ୍ଧ୍ୱ ହେବ ।

ଅଦ୍ୟାବଧି ଓଡ଼ିଆମାନେ ନାନା ଭାବରେ ବୌଦ୍ଧଧର୍ମର ସିଦ୍ଧାନ୍ତକୁ ଓଡ଼ିଶାର ଧର୍ମ, ସଂସ୍କୃତି, ସାହିତ୍ୟ ଓ ଆଚାର ବ୍ୟବହାର କ୍ଷେତ୍ରରେ ପ୍ରୟୋଗ କରି ଆସିଛନ୍ତି । ଏହା ଅନ୍ୟାନ୍ୟ ବହୁ ଧର୍ମକୁ ଶୀଳ, ସମାଧି, ପ୍ରଜ୍ଞା ସୂତ୍ରରେ ତଥା ସତ୍ୟ, ଅହିଂସା ଓ କରୁଣାର ବାଣୀ ପ୍ରଚାର କରି ଯେପରି ପ୍ରଭାବିତ କରିପାରିଛି, ସେହିପରି ଅନ୍ୟାନ୍ୟ ବହୁ ଧର୍ମ ଦର୍ଶନ ଆଦର୍ଶ ଦ୍ୱାରା ମଧ୍ୟ ପ୍ରଗତିଶୀଳ ସାମାଜିକ ମୂଲ୍ୟବୋଧ କ୍ଷେତ୍ରରେ ପରିମାର୍ଜିତ ହୋଇଛି । ମାତ୍ର ବୌଦ୍ଧ ସିଦ୍ଧାନ୍ତର ଉପରୋକ୍ତ ମୌଳିକତା ଯେପରି ଚିରନ୍ତନ ଏବଂ ଅପରିବର୍ତ୍ତନୀୟ ସେହିପରି ଦୃଢ଼ ଓ ତେଜସ୍କର ।

> ***ବୌଦ୍ଧ ଧର୍ମରେ ନୈତିକ ଜୀବନଯାପନ, ସମାଧି ଓ ପ୍ରଜ୍ଞା ଉପରେ ଗୁରୁତ୍ୱ ଦିଆଯାଇ ମାନବିକତାର ଅଭିବୃଦ୍ଧି ପାଇଁ ସାଧନର ଧାରା ଉଲ୍ଲେଖ ରହିଛି । ବୌଦ୍ଧ ପରମ୍ପରାରେ ପର୍ବପର୍ବାଣୀ ଓ ଆଡ଼ମ୍ବର ମହୋତ୍ସବ ଖୁବ୍ କମ୍ । ତେବେ ଆରାଧନା, ଧ୍ୟାନ, ଉପାସନା ଓ ଅଧ୍ୟବସାୟ ପାଇଁ ସାଧନା ପଥରେ ଯେଉଁ ପବିତ୍ରତା ଆବଶ୍ୟକ, ତାହାର ଆଚରଣ ବିଧିପାଇଁ ସାରା ବର୍ଷର ପ୍ରତ୍ୟେକ ମାସର ପୂର୍ଣ୍ଣିମା ତିଥିରେ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ପୁଣ୍ୟ ଦିବସ ଭାବେ ପରିଚିତ ହୋଇଥାଏ ।***

ବୌଦ୍ଧ ଧର୍ମରେ ନୈତିକ ଜୀବନଯାପନ, ସମାଧି ଓ ପ୍ରଜ୍ଞା ଉପରେ ଗୁରୁତ୍ୱ ଦିଆଯାଇ ମାନବିକତାର ଅଭିବୃଦ୍ଧି ପାଇଁ ସାଧନର ଧାରା ଉଲ୍ଲେଖ ରହିଛି । ବୌଦ୍ଧ ପରମ୍ପରାରେ ପର୍ବପର୍ବାଣୀ ଓ ଆଡ଼ମ୍ବର ମହୋତ୍ସବ ଖୁବ୍ କମ୍ । ତେବେ ଆରାଧନା, ଧ୍ୟାନ, ଉପାସନା ଓ ଅଧ୍ୟବସାୟ ପାଇଁ ସାଧନା ପଥରେ ଯେଉଁ ପବିତ୍ରତା ଆବଶ୍ୟକ, ତାହାର ଆଚରଣ ବିଧିପାଇଁ ସାରା ବର୍ଷର ପ୍ରତ୍ୟେକ ମାସର ପୂର୍ଣ୍ଣିମା ତିଥିରେ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ପୁଣ୍ୟ ଦିବସ ଭାବେ ପରିଚିତ ହୋଇଥାଏ ।

ଏହିସବୁ ପୂର୍ଣ୍ଣିମା ଭିତରେ ବୈଶାଖ ମାସରେ ପଡୁଥିବା ବୈଶାଖ ପୂର୍ଣ୍ଣିମା ବା ବୁଦ୍ଧ ପୂର୍ଣ୍ଣିମା ସବୁଠାରୁ ଶ୍ରେଷ୍ଠ । ବୁଦ୍ଧଦେବ କୌଣସି ଏକ ଧର୍ମ-ପ୍ରତିଷ୍ଠା କରିବା ପରିକଳ୍ପନା କରି ନଥିଲେ । ସେ 'ବୋଧି' ବା 'ଜୀବନର ସତ୍ୟ' ଆବିଷ୍କାର କରିବା ପରେ ପରେ ତାଙ୍କ ପଛେ ପଛେ ଏତେ ଲୋକ ଅନୁଗାମୀ ହେଲେ ଯେ ସେ ବାଧ୍ୟ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସେମାନଙ୍କୁ 'ସଂଘବଦ୍ଧ' ହେବାକୁ ଉପଦେଶ ଦେଲେ ଏବଂ ସେମାନଙ୍କ ସନ୍ନ୍ୟାସ ଏବଂ ଗାର୍ହସ୍ଥ୍ୟ ଜୀବନ ପାଇଁ ଟିକିନିଖି ନୀତିନିୟମ ପ୍ରଣୟନ କରି ଚାଲିଲେ । ତାହା ହିଁ 'ତ୍ରିପିଟକ'ର ବିନୟ ପିଟକ ।

ଭଗବାନ ବୁଦ୍ଧଙ୍କ ପାଇଁ କୋଟି କୋଟି କଣ୍ଠରେ ନିନାଦିତ ହେଉଛି

*-'ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି।'*

ଗୌତମ ବୁଦ୍ଧ ବିଶ୍ୱରେ ଏବେ ମଧ୍ୟ ସର୍ବଶ୍ରେଷ୍ଠ ମନୀଷୀଭାବରେ ସଂପୂଜିତ। ମାନବ ଜୀବନ ଦିଗନ୍ତ ତାଙ୍କର ଚିନ୍ତାଚେତନାର ଅବଦାନରେ ସମୁଦ୍ଭାସିତ । ସର୍ବପ୍ରଥମ ଐତିହାସିକ ପୁରୁଷ ଭାବରେ ତାଙ୍କର ଶାଣିତ ବୌଦ୍ଧିକ ପ୍ରତିଭା ମାଧ୍ୟମରେ ଜୀବନକୁ ବିଶ୍ଳେଷଣ କରି ମୈତ୍ରୀ, ପ୍ରେମ ଓ କରୁଣାର ଜରିଆରେ ସେ ମାନବଜାତିକୁ ଆହ୍ୱାନ କରିଅଛନ୍ତି । ତାଙ୍କ ମତରେ ନିର୍ବାଣ ହେଉଛି କାମ, ସ୍ୱାର୍ଥ, ନିର୍ବୋଧତା ଓ ଅଜ୍ଞତାର ଧ୍ୱଂସ ସାଧନ ।

ତାହାହେଲେ ମନୁଷ୍ୟର ପ୍ରାଣରେ ଦିବ୍ୟଚେତନାର ଉଦ୍ରେକ ହେବ । ତାଙ୍କ ମତରେ ଉପଲବ୍ଧ ତତ୍ତ୍ୱକୁ ଆଚରଣରେ ପ୍ରଦର୍ଶନ କରିବା ହିଁ ଧର୍ମ । ବୌଦ୍ଧଧର୍ମ ମାନବିକ ପ୍ରୀତି, ପ୍ରତ୍ୟୟ ଓ ଭ୍ରାତୃତ୍ୱ ଉପରେ ଜୀବନକୁ ଆଧାରିତ କରାଇ ମଣିଷକୁ ଭୂମାପ୍ରତି ସମାକୃଷ୍ଟ କରିଛି । କାଳକ୍ରମେ ବୌଦ୍ଧଧର୍ମ ହୀନଯାନ ଓ ମହାଯାନରେ ବିଭକ୍ତ ହୋଇଥିଲା । ହୀନଯାନୀମାନଙ୍କ ମତରେ ତଥାଗତଙ୍କ ଦ୍ୱାରା ଓ ମହାଯାନରେ ଅଷ୍ଟାଙ୍ଗିକ ମାର୍ଗର ଯଥାର୍ଥ ଅନୁଶୀଳନଦ୍ୱାରା ମାନବ ଜ୍ଞାନପ୍ରାପ୍ତ ହୋଇ ନିର୍ବାଣ ଲାଭ କରେ । ମାତ୍ର ମହାଯାନୀମାନେ କହନ୍ତି ଅଷ୍ଟାଙ୍ଗିକ ମାର୍ଗର ସାଧନା ଜୀବନ ପଥଚାରୀ ସାଧାରଣ ସଂସାରୀ ପକ୍ଷରେ ସୁକଠିନ ।

ମାତ୍ର ଅସଂଖ୍ୟ ମାନବଜନ୍ମରେ ଦାନ-ଧ୍ୟାନ, ଦୟା-କ୍ଷମା, ତେଜଃ-ବୀର୍ଯ୍ୟର ଅନୁଗାମୀ ହେବାଦ୍ୱାରା ସେ ମହାପ୍ରଜ୍ଞା ଓ ମହାକରୁଣାର ଅଧିକାରୀ ହୁଏ । ବୁଦ୍ଧଙ୍କ ମତରେ ଜୀବନ ଏକ ସନ୍ଧାନ-ଏକ ଅନ୍ୱେଷଣ । ବ୍ୟକ୍ତି ନିଜର କ୍ଷୁଧା ଓ ଉଦ୍ଦୀପନା ସକଳ ଉପରେ କର୍ତ୍ତୃତ୍ୱ ଲାଭ କଲେ ତାର ଅନ୍ୱେଷଣ ସାଫଲ୍ୟ ଲାଭ କରେ । ତାଙ୍କ ମତରେ, କ୍ଷତାକ୍ତ ପାଇଁ ପ୍ରଲେପ ଅଛି । କ୍ଷୁଧିତ ନିମିତ୍ତ ଆହାର ଅଛି । ତୃଷାର୍ତ୍ତ ନିମିତ୍ତ ଜଳ ଅଛି । ନୈରାଶ୍ୟଗ୍ରସ୍ତ ନିମିତ୍ତ ଆଶାର ସ୍ପର୍ଶ ଅଛି । ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କ ନିମିତ୍ତ ଆଲୋକ ଅଛି । ଯେଉଁମାନେ ସାଧୁ ଓ ନ୍ୟାୟପରାୟଣ ସେମାନଙ୍କ ନିମିତ୍ତ ଆଶୀର୍ବାଦର ଅସମାପ୍ତ ନିର୍ଝର ରହିଛି । ସେହି ଯୁଗପୁରୁଷଙ୍କର ବନ୍ଦନା ଗାନ କରିବାକୁ ଏବେ ବି ଅଗଣିତ କଣ୍ଠ ଅନୁଗଣିତ ହୋଇଉଠୁଛି - 'ନିନ୍ଦସି ଯଜ୍ଞବିଧେରହହ ଶ୍ରୁତିଜାତମ୍ । ସଦୟ ହୃଦୟ ଦର୍ଶିତ ପଶୁଘାତମ । କେଶବ ! ଧୃତ ବୁଦ୍ଧଶରୀର, ଜୟ ଜଗଦୀଶ ହରେ ।'

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,**
**ସେକ୍ଟର-୬, ସିଡିଏ, କଟକ,**
**ମୋ- ୯୪୩୭୨୨୫୬୮୯**

# ଚିତ୍ତ ଶୁଦ୍ଧି ଅପରିହାର୍ଯ୍ୟ

**ପ୍ରଭାତ କୁମାର ମହାପାତ୍ର**

## ଅମୃତବାଣୀ

ମଥାରେ ଯେତେ ରାମାନନ୍ଦୀ ଚିତା ହେଉ ଅଥବା କଣ୍ଠ ରେ ତୁଳସୀ ମାଳ କିମ୍ବା ଭାଗବତ ପ୍ରବଚନ ଶ୍ରବଣ, ଯେଉଁ ଦିନ ପର୍ଯ୍ୟନ୍ତ ଆମ ମାନଙ୍କ ଚିତ୍ତ ରେ ଶୁଦ୍ଧତା ଆସି ନାହିଁ,ସେତେ ଦିନ ପର୍ଯ୍ୟନ୍ତ ଈଶ୍ୱରଙ୍କ ସାନ୍ନିଧ ପାଇ ପାରିବା ନାହିଁଛଏକଦା ସ୍ୱମୀ ରାମଦାସ ଭିକ୍ଷା କରୁ କରୁ ଏକ ଘର ସାମ୍ନାରେ ଆସି ଡାକ ପକାଇଲେ,ରଘୁବୀର ସମର୍ଥ ଆସିଛି ! କିଛି ଭିକ୍ଷା ମିଳୁ ମାଆ । ଏ କଥା ଘରର ମୂରବୀ ସ୍ତ୍ରୀଙ୍କ କାନରେ ପଡ଼ିଲା । ସ୍ତ୍ରୀ ଜଣକ ବାହାରକୁ ଆସି ମୁଠାଏ ଚାଉଳ ଆଣି ଭିକ୍ଷା ଦେଇ କହିଲା, ମହାରାଜ ! କିଛି ଉପଦେଶାମୃତ ଶୁଣାନ୍ତୁ ।ସ୍ୱାମୀଜୀ କହିଲେ, ଆଜି ନୁହେଁ ଆସନ୍ତାକାଲି କହିବି ।

ଦ୍ୱିତୀୟ ଦିନ ସ୍ୱାମୀ ରାମ ଦାସ ପୁଣି ସେହି ଘର ଆଗରେ ପୁନଃ ଡାକ ଛାଡିଲେ, ରଘୁବିର ସମର୍ଥ ! କେଉଁ ଆଡେ ଗଲ ମାଆ ! ସଂଯୋଗ ବଶତଃ ସେଦିନ ଘରର ସେହି ସ୍ତ୍ରୀ ଖୁବ୍ ସୁଆଦିଆ କ୍ଷୀରୀ, ବାଦାମ ଓ କାଜୁ ପକାଇ କରି ଥିଲା । ସେ ଏକ ଛୋଟ ପାତ୍ରରେ କ୍ଷୀରୀ ଆଣି ସ୍ୱାମୀଜୀଙ୍କ କମଣ୍ଡଳୁ ବାହାର କରିବା ପାଇଁ ଅନୁରୋଧ କଲା । ଯେମିତି ସେହି ସ୍ତ୍ରୀ ଲୋକଟି କମଣ୍ଡଳୁରେ କ୍ଷୀରୀ ଦେବାକୁ ଯାଉଛି,ଦେଖିଲା କମଣ୍ଡଳୁ ମଧ୍ୟରେ କଚଡ଼ା ଅଳିଆ ପଦାର୍ଥ ସହ ଗୋବର ଭରି ହୋଇ ରହିଛି ।



ସଙ୍ଗେ ସଙ୍ଗେ ସ୍ତ୍ରୀ ଲୋକଟି କହିଲା,ମହାରାଜ ! ୟା ଭିତରେ ତ ଅନେକ ଅଳିଆ ଜିନିଷ ଆଉ ଗୋବର ଭରି ହୋଇ ରହିଛି । କ୍ଷୀରୀ କିଭଳି ଦେବି ? ସ୍ୱାମୀଜୀ କହିଲେ, ହଁ, ମୁଁ ଜାଣେ ତା ଭିତରେ ଅନେକ ମଇଳା ଓ ଆବର୍ଜନା ସବୁ ଭରି ହୋଇ ରହିଛି ।

କିନ୍ତୁ କ୍ଷୀରୀ ସେଥିରେ ହିଁ ଦେଇଦିଅ । ସ୍ତ୍ରୀ ଲୋକଟି ଆଶ୍ଚର୍ଯ୍ୟ ହୋଇ କହିଲା, ଆପଣ ଏ କଣ କହୁଛନ୍ତି ? ତେବେ କ୍ଷୀରୀ ତ ନଷ୍ଟ ହୋଇଯିବ । କୃପା କରି ଆପଣଙ୍କ ଏହି କମଣ୍ଡଳୁ ମୋତେ ଦିଅନ୍ତୁ। ମୁଁ ଏହାକୁ ଶୁଦ୍ଧ କରି ନେଇ ଆସିବି । ସ୍ୱାମୀଜୀ କହିଲେ, ଅର୍ଥାତ୍ ଯେତେବେଳେ ଏହି କମଣ୍ଡଳୁ ସଫା ହୋଇଯିବ ତେବେ କ୍ଷୀରୀ ଦେବ ନା ! ସ୍ତ୍ରୀ ଉତ୍ତର ଦେଲା, ଆଜ୍ଞା । ସ୍ୱାମୀଜୀ କହିଲେ,ମୋର ମଧ୍ୟ ଏହି ଉପଦେଶ ଅଟେ । ନିଜ ମନରେ ଯେତେବେଳ ପର୍ଯ୍ୟନ୍ତ ଚିନ୍ତାର ବର୍ଜ୍ୟବସ୍ତୁ ତଥା ଖରାପ ସଂସ୍କାର ର ଗୋବର ଭରି ହୋଇ ରହିଥିବ, ସେତେବେଳ ପର୍ଯ୍ୟନ୍ତ ଉପଦେଶାମୃତ ପାନର କୌଣସି ଲାଭ ମିଳିବ ନାହିଁ । ଯଦି ଉପଦେଶ ପାନ କରିବାର ଅଛି, ତେବେ ପ୍ରଥମେ ନିଜ ମନ ହୃଦୟକୁ ଶୁଦ୍ଧ କରିବା ଆବଶ୍ୟକ । କୁ-ସଂସ୍କାର କୁ ତ୍ୟାଗ କରିବା ଆବଶ୍ୟକ । ତେବେ ଯାଇ ପ୍ରକୃତ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହୋଇ ପାରିବ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ**
**ବିଦ୍ୟାପୀଠ, କୋରାପୁଟ**
**ମୋ-୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ‘ସଜାଗ...

ପରେ, ଭାରତୀୟ ବାୟୁସେନା (ଆଇଏଏଫ) ରବିବାର କହିଛି ଯେ, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି । ଆଇଏଏଫ୍ କହିଛି ଯେ ଆମେ ଏହି ଅପରେସନର ଉଦ୍ଦେଶ୍ୟ ପୂରଣ କରିଛୁ । ବାୟୁସେନା ବିବୃତିରେ କୁହାଯାଇଛି, ’ଭାରତୀୟ ବାୟୁସେନା ଅପରେସନ୍ ସିନ୍ଦୂର ଅଧୀନରେ ଦିଆଯାଇଥିବା ସମସ୍ତ କାର୍ଯ୍ୟକୁ ସଠିକତା ଏବଂ ଦାୟିତ୍ୱର ସହିତ ସଫଳତାର ସହିତ ସମାପ୍ତ କରିଛି ।

ଏହା ପରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିଲେ ଯେ, ଭାରତୀୟ ସେନା ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା ଏବଂ ସ୍ପଷ୍ଟ କରିଛି ଯେ, ସେନା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ସମୟରେ, ସେନା ମୁଖ୍ୟ ରବିବାର ପଶ୍ଚିମ ସୀମାର ସେନା କମାଣ୍ଡରମାନଙ୍କ ସହିତ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଥିଲେ ।

୨୦୨୫ ମେ’ ୧୦-୧୧ ରାତିରେ, ଅପରେସନ ସିନ୍ଦୂରର ଚତୁର୍ଥ ଦିନ, ପାକିସ୍ତାନ ଦ୍ୱାରା ଅସ୍ତ୍ରବିରତି ଏବଂ ବାୟୁସୀମା ଉଲ୍ଲଂଘନ ପରେ ରବିବାର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପଶ୍ଚିମ ସୀମାର ସେନା କମାଣ୍ଡରମାନଙ୍କ ସହିତ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଛନ୍ତି । ୧୦ ମେ’ ୨୦୨୫ରେ ଡିଜିଏମଓ ଆଲୋଚନା ମାଧ୍ୟମରେ ରାଜି ହୋଇଥିବା ଯୁଦ୍ଧବିରତିର ଯେକୌଣସି ଉଲ୍ଲଂଘନର ପ୍ରତିଶୋଧ ନେବା ପାଇଁ ସେନା ମୁଖ୍ୟ (ସିଓଏଏସ) ସେନା କମାଣ୍ଡରମାନଙ୍କୁ ପୂର୍ଣ୍ଣ ଅଧିକାର ପ୍ରଦାନ କରିଛନ୍ତି ।

ଭାରତୀୟ ସେନା ଏହାର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛି । ଭାରତୀୟ ସେନା ଏହି ପୋଷ୍ଟକୁ ପ୍ରତିରକ୍ଷା ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର, ମୁଖ୍ୟାଳୟ ସମନ୍ୱିତ ପ୍ରତିରକ୍ଷା କର୍ମଚାରୀ, ଭାରତୀୟ ସେନାର ଉତ୍ତର କମାଣ୍ଡ, ଭାରତୀୟ ସେନାର ପଶ୍ଚିମ କମାଣ୍ଡ, ଭାରତୀୟ ସେନାର ଦକ୍ଷିଣ ପଶ୍ଚିମ କମାଣ୍ଡ ଏବଂ ଭାରତୀୟ ସେନାର ଦକ୍ଷିଣ କମାଣ୍ଡ ପୁଣେକୁ ଟ୍ୟାଗ୍ କରିଛି ।

ଶନିବାର ମେ’ ୧୦ ସନ୍ଧ୍ୟାର ୫ଟାରୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାର ପ୍ରାୟ ୩ ଘଣ୍ଟା ପରେ, ପାକିସ୍ତାନ ଏହାକୁ ଉଲ୍ଲଂଘନ କରିଥିଲା । ପାକିସ୍ତାନ ସୀମାରେ ଗୁଳିମାଡ଼ ଆରମ୍ଭ କରିଦେଇଥିଲା । ପାକିସ୍ତାନ ଦୀର୍ଘ ସମୟ ଧରି ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା । ଏହା ପରେ, ରାତି ୧୦:୫୫ ରେ, ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ପରିସ୍ଥିତି ବିଷୟରେ ସୂଚନା ଦେଇଥିଲେ ।

ଏହି ଅଭିଯାନଟି ଚିନ୍ତନଶୀଳ ଏବଂ ସତର୍କତାର ସହିତ କରାଯାଇଥିଲା, ଯାହା ଦେଶର ସ୍ୱାର୍ଥ ଅନୁଯାୟୀ ଥିଲା । ଯେହେତୁ ଏହି ଅଭିଯାନ ଏବେ ବି ଜାରି ରହିଛି, ଏହାର ସମ୍ପୂର୍ଣ୍ଣ ବିବରଣୀ ଖୁବ୍ ଶୀଘ୍ର ଦିଆଯିବ । ଗୁଜବରୁ ଦୂରେଇ ରହିବା ଏବଂ ଅସମ୍ପୂର୍ଣ୍ଣ ସୂଚନା ପ୍ରସାର ନ କରିବାକୁ ବାୟୁସେନା ଲୋକଙ୍କୁ ନିବେଦନ କରିଛି ।

## କେବଳ ...

ବିଷୟରେ କଥା ହୁଅନ୍ତି, ତେବେ ଆମେ କଥାବାର୍ତ୍ତା କରିପାରିବା । ଆମେ ଅନ୍ୟ କୌଣସି ବିଷୟ ବିଷୟରେ କଥା ହେବାକୁ ଚାହୁଁନାହୁଁ । ଆମେ କେହି ମଧ୍ୟସ୍ଥତା କରନ୍ତୁ ବୋଲି ଚାହୁଁନାହୁଁ । ଆମକୁ କାହାର ମଧ୍ୟସ୍ଥତାର ଆବଶ୍ୟକତା ନାହିଁ ।

ସୂତ୍ର ଅନୁସାରେ, ଭାରତ ସ୍ପଷ୍ଟ ଭାବରେ କହୁଛି ଯେ ଅପରେସନ ସିନ୍ଦୂର ଶେଷ ହୋଇନାହିଁ । ସେନାର ଜବାବ ଦେବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି । ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ପଶ୍ଚିମ ସୀମା କମାଣ୍ଡରମାନଙ୍କ ସହିତ ଏକ ବୈଠକ ମଧ୍ୟ କରିଥିଲେ । ଏହି ସମୟରେ ସେ କମାଣ୍ଡରମାନଙ୍କ ସହିତ ସୀମା ସୁରକ୍ଷା ସମୀକ୍ଷା କରିଥିଲେ । ସେନା ମୁଖ୍ୟ ପ୍ରତିଶୋଧ ନେବା ପାଇଁ ପୂର୍ଣ୍ଣ ଅଧିକାର ଦେଇଥିଲେ । ଭାରତ ସ୍ପଷ୍ଟ ଭାବରେ କହୁଛି ଯେ ପାକିସ୍ତାନର ପ୍ରତ୍ୟେକ ଆକ୍ରମଣର ଉଚିତ ଜବାବ ଦିଆଯିବ ।

## ସମ୍ବେଦନଶୀଳ...

ମଧ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ମୃତୟନ ରହିବାର ବ୍ୟବସ୍ଥା ହୋଇଛି। ପିସିଆର୍‌ଗୁଡିକ ମଧ ସଜାଗ ହୋଇ ପେଟ୍ରୋଲିଂକୁ ତ୍ୱରାନ୍ୱିତ କରିବାର ବ୍ୟବସ୍ଥା କରାଯାଇଛି। ଆଇଆଇସିମାନଙ୍କୁ ନିର୍ଦ୍ଦେଶ ହୋଇଛି ସେମାନଙ୍କ ଥାନା ଅଞ୍ଚଳରେ କୌଣସି ସ୍ଥାନରେ ଲୋକମାନେ ଏକତ୍ରିତ ହେଲେ ସେଠାରେ ଅବିଳମ୍ବେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। ସେହିପରି ସୋଶିଆଲ୍ ମିଡିଆ ମନିଟରିଂ ସେଲ୍‌କୁ ସଜାଗ ହୋଇ ନୀରିକ୍ଷଣ କରିବାକୁ କୁହାଯାଇଛି। ସୋଶିଆଲ୍ ମିଡିଆରେ କୌଣସି ବିଭ୍ରାନ୍ତିକର ତଥ୍ୟ ଆସିଲେ ତାହା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିବା ଜଣାପଡିଛି।

ସେହିପରି ଡିଜିପି ଦୁଇଦିନ ତଳେ ଏକ ସ୍ୱତନ୍ତ୍ର ବୈଠକ କରିଥିଲେ। ଯେଉଁଥିରେ ରାଜ୍ୟର ଆଇଜି, ଡିଆଇଜି, ପୋଲିସ କମିଶନର, ଡିସିପି ଓ ଏସ୍‌ପିମାନେ ଯୋଗ ଦେଇଥିଲେ। ଏହି ମିଟିଂ ବିସି ମାଧ୍ୟମରେ କରାଯାଇଥିଲା। ଭୁବନେଶ୍ୱର କ୍ୟାମ୍ପ ଅଫ୍ ଅଫିସରରେ ବୈଠକ ହୋଇଥିବାରୁ କଟକ -ଭୁବନେଶ୍ୱରର ଅଫିସରମାନେ ବୈଠକରେ ବ୍ୟକ୍ତିଗତ ଭାବେ ଯୋଗ ଦେଇଥିଲେ। ସେହି ବୈଠକର ହୋଇଥିବା ନିଷ୍ପତ୍ତି ଅନୁଯାୟୀ ବାଲେଶ୍ୱରର ଚାନ୍ଦିପୁର, ହୀରାକୁଦ ଡ୍ୟାମ୍, ପୁରୀ ଶ୍ରୀମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର ସମେତ ରାଜ୍ୟର ସମସ୍ତ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ ହୋଇଛି। ସେହିପରି ଉପକୂଳ ତଟ ସୁରକ୍ଷାକୁ ନେଇ କ୍ୟାମ୍ପ ଅଫିସରେ ଡିଜିପି ୱାଇବି ଖୁରାନିଆଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦୈତ୍ୟନଗରୀ ପୋଲିସ କମିଶନରଙ୍କ ସମେତ ରାଜ୍ୟ ପୋଲିସ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଉପକୂଳ ତଟାଞ୍ଚଳରେ ରହୁଥିବା ଲୋକଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଉପକୂଳର ୬ ଜିଲ୍ଲାରେ ଥିବା ୧୮ ମେରାଇନ୍ ଥାନାରେ ୯୦ ଜଣ ଅବସରପ୍ରାପ୍ତ ନୌସେନା କମାଣ୍ଡୋ କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ସଂଖ୍ୟା ୧୪୨କୁ ବୃଦ୍ଧି କରାଯାଇଛି। ଉପକୂଳ ତଟ ସୁରକ୍ଷାକୁ ନେଇ ଡ୍ରୋନ୍ ସାହାର୍ଯ୍ୟରେ ପେଟ୍ରୋଲିଂ କରିବା ବ୍ୟବସ୍ଥା ହୋଇଛି। ଏଥିସହ ସୁରକ୍ଷା ସମ୍ପର୍କୀତ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ଜଣେ ଅଫିସର ନାମ ଗୋପନ ରଖିବାକୁ କହି ପ୍ରକାଶ କରିଛନ୍ତି। କାରଣ ବର୍ତ୍ତମାନ ସୁରକ୍ଷା ସମ୍ପର୍କୀତ ତଥ୍ୟ ଗଣମାଧ୍ୟମକୁ ବିସ୍ତୃତ ଭାବେ ଦେବା ପାଇଁ ନିର୍ଦ୍ଦେଶ ରହିଛି।

ଭୁବନେଶ୍ୱର ବିମାନବନ୍ଦର, ଶ୍ରୀ ଲିଙ୍ଗରାଜ ସମେତ ବହୁ ସମ୍ବେଦନଶୀଳ ସ୍ଥାନରେ ଏସ୍‌ଟିଜି ପକ୍ଷରୁ ପେଟ୍ରୋଲିଂ କରାଯିବା ବ୍ୟବସ୍ଥା ହୋଇଛି। ସେହିପରି ଚାନ୍ଦିପୁର, ହୀରାକୁଦ ଡ୍ୟାମ୍, ପାରାଦୀପ ବନ୍ଦର, ଭୁବନେଶ୍ୱର ରେଳ ଷ୍ଟେସନ୍ ସମେତ ରାଜ୍ୟର ବଡ ରେଳ ଷ୍ଟେସନ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯାଇଛି ।

## ଦଇତାପତି ...

ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ/ ପାଉଣା/ ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ମଧ୍ୟ ଆଦେଶରେ କୁହାଯାଇଛି । କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଦାସମହାପାତ୍ରଙ୍କୁ ତାଙ୍କ ପକ୍ଷ ରଖିବା ପାଇଁ ଦୁଇଟି ନୋଟିସ୍ ଜାରି କରା ଯାଇଥିଲା । ପ୍ରଥମେ ଚଳିତ ମାସ ୪ ତାରିଖରେ ନୋଟିସ ଜରିଆରେ କୈଫିୟତ ତଲବ କରା ଯାଇ ଥିଲାଛ ନୋଟିସ୍ ପାଇବାର ସାତ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଥିଲା । ସେହି ନୋଟିସରେ ଶ୍ରୀ ଦାସମହାପାତ୍ର, କେଉଁ ପରିସ୍ଥିତିରେ ଶ୍ରୀମନ୍ଦିର ପରମ୍ପରା ବିରୋଧୀ କାର୍ଯ୍ୟକରି ନବକଳେବର ସଂଗୃହୀତ ବଳକା ଦାରୁ ନିର୍ମିତ ବିଗ୍ରହ ଦୀଘା ମନ୍ଦିରରେ ପ୍ରତିଷ୍ଠା ହୋଇଛି ବୋଲି ବୟାନ୍ ଦେଇ ସାରା ବିଶ୍ୱର ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଧାର୍ମିକ ବିଶ୍ୱାସକୁ କୁଠାରାଘାତ କଲେ, ଏବଂ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ କାହିଁକି ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପୂର୍ବକ ଶ୍ରୀମନ୍ଦିରର ଗରିମା ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ କଲେ, ସେ ନେଇ ଉତ୍ତର ରଖିବାକୁ କୁହାଯାଇଥିଲା ।

ପରବର୍ତ୍ତୀ ସମୟରେ ଚଳିତ ମାସ ୯ ତାରିଖରେ ପୁନର୍ବାର ଆଉ ଏକ ନୋଟିସ ଜାରି କରା ଯାଇଥିଲାଛ ଉକ୍ତ କୈଫିୟତ ନୋଟିସ ଜରିଆରେ, ଜଗନ୍ନାଥଧାମ - ଦୀଘା ନାମିତ ମନ୍ଦିରର କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ସେବକ ଭାବେ, କାହିଁକି ଯୋଗ ଦେଲେ, ଏବଂ ସେତେବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍ୟୋକ୍ତାମାନଙ୍କୁ ଏହାର ପ୍ରତିବାଦ କରିଥିଲେ ନା ନାହିଁ ସେନେଇ ଉତ୍ତର ରଖିବାକୁ କୁହାଯାଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି । ଗର୍ବ ଓ ଅହଂକାର-ବିବର୍ଜିତ ହୋଇ, ଶ୍ରୀମନ୍ଦିର ପରମ୍ପରା, ଗରିମା ତଥା ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ଏବଂ ଏହା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆମ ସମର୍ପଣ ଭାବର ନିଦର୍ଶନ ହେବା ଆବଶ୍ୟକ । ଆଗାମୀ ଦିନରେ ମଧ୍ୟ କୌଣସି ପ୍ରକାର ବିଶୃଙ୍ଖଳାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ।

## ପଶ୍ଚିମରୁ ...

ଏହି ସମୟରେ ଆର୍ଦ୍ରତା ପାରାଦୀପ ୭୪.୮ % ରହିଥିବା ବେଳେ ପୁରୀରେ ୭୨.୧%, ଗୋପାଳପୁରରେ ୭୦.୩%, ଚାନ୍ଦବାଲିରେ ୭୦.୨%, ଭୁବନେଶ୍ୱରରେ ୬୩.୯%, ବାଲେଶ୍ୱରରେ ୬୧%, ରାଉରକେଲାରେ ୪୮.୭%, ସମ୍ବଲପୁରରେ ୪୭.୧%, ହୀରାକୁଦରେ ୪୫.୫% ଓ ଝାରସୁଗୁଡା ୩୭.୪% ଅର୍ଦ୍ରତା ରେକର୍ଡ ହୋଇଛି । ଆର୍ଦ୍ରତା ବୃଦ୍ଧି ଯୋଗୁ ତାପମାତ୍ରା କମ ରହିଥିଲେ ମଧ ଏହା ଠାରୁ ୧୦ ଡିଗ୍ରୀ ଅଧିକ ଅନୁଭୂତ ହେଉଛି ।

ରାଜଧାନୀବାସୀ ଆଜି ପ୍ରବଳ ଖରାରେ ସିଝିଛନ୍ତି । ସୂର୍ଯ୍ୟଙ୍କର ପ୍ରଖର କିରଣରେ ଭୁବନେଶ୍ୱରର ଜନତା ଛଟପଟ ହୋଇଛନ୍ତି । ସକାଳ ୮ଟା ଆରମ୍ଭ ହେବା ମାତ୍ରେ ଖରା ମାଡ଼ି ଆସିଥିଲା, ଯାହାକି ଅପରାହ୍ଣ ୪ଟା ଯାଏଁ ଲୋକଙ୍କୁ କଲବଲ କରିଥିଲା । ଭୁବନେଶ୍ୱରରେ ଚଳିତ ବର୍ଷର ସର୍ବୋଚ୍ଚ ଦିନ ତାପମାତ୍ରା ରେକର୍ଡ ହୋଇଛି । ଭୁବନେଶ୍ୱରରେ ଆଜି ତାପମାତ୍ରା ୪୦.୭ ଡିଗ୍ରୀ ରେକର୍ଡ ହୋଇଛି ।

ରାଜ୍ୟ ସାରା ଆଜି ପ୍ରବଳ ଗରମ ଅନୁଭୂତ ହୋଇଛି । ସକାଳ ୮ଟାରୁ ସୂର୍ଯ୍ୟକିରଣର ପ୍ରଭାବ ଦେଖିବାକୁ ମିଳିଥିଲା । ଦିନ ୧୧ଟା ପରଠାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ରାସ୍ତାଘାଟରେ କମ ଲୋକଙ୍କର ଯାତାୟତ ଦେଖିବାକୁ ମିଳୁଥିଲା । ବ୍ୟସ୍ତ ବହୁଳ ସ୍ଥାନଗୁଡ଼ିକରେ ଜନଗହଳିର ଅଭାବ ପରିଲକ୍ଷିତ ହେଉଥିଲା । ରବିବାର ୧୯ଟି ସହରରେ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଛି । ଟିଟିଲାଗଡ଼ରେ ତାପମାତ୍ରା ୪୨.୫ ଡିଗ୍ରୀ ଥିବା ବେଳେ ବଲାଙ୍ଗୀରରେ ୪୨ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୮ ଡିଗ୍ରୀ, ଅନୁଗୁଳରେ ୪୧.୭ ଡିଗ୍ରୀ, ଝାରସୁଗୁଡ଼ା-ହୀରାକୁଦରେରେ ୪୧.୬, ସୋନପୁରରେ ୪୧.୪ ଡିଗ୍ରୀ, ବୌଦ୍ଧରେ ୪୧.୨ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୧.୨ ଡିଗ୍ରୀ, ଢ଼େଙ୍କାନାଳରେ ୪୦.୭ ଡିଗ୍ରୀ ଓ ରାଉରକେଲାରେ ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି ।

ଆସନ୍ତାକାଲି ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ଖୋର୍ଦ୍ଧା, କଟକ, ସୋନପୁର, କଳାହାଣ୍ଡି, ବାଲେଶ୍ୱର, ନୟାଗଡ଼ ଓ ଭଦ୍ରକ ଜିଲ୍ଲାକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ୧୫ ତାରିଖ ପର୍ଯ୍ୟନ୍ତ ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଉଷ୍ମ ଓ ଅର୍ଦ୍ରତା ରହିବାର ସମ୍ଭାବନା ରହିଛି ।

# ଯବାନଙ୍କ ଦେଶପ୍ରେମ: ପ୍ରସୂତି ସ୍ତ୍ରୀକୁ ହସ୍ପିଟାଲରେ ଛାଡି ଚାଲିଗଲେ ରଣକ୍ଷେତ୍ରକୁ

ସମ୍ବଲପୁର,(ସବ୍ୟୁ): ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଥିବା ବେଳେ ଜଣେ ଯବାନଙ୍କୁ କାର୍ଯ୍ୟରେ ଯୋଗଦାନ ଦେବାକୁ ଡାକରା ଆସିଛି । ତେଣୁ ସେ ନିଜ ପ୍ରସୂତି ସ୍ତ୍ରୀକୁ ଆଇସିୟୁରେ ଛାଡି ଦେଶସେବାରେ ଯୋଗ ଦେବାକୁ ଦେଶସୀମା ଅଭିମୁଖେ ଯାତ୍ରା କରିଛନ୍ତି । ଏହା ଜଣାପଡିବା ପରେ ତାଙ୍କ ମହାନତାକୁ ନେଇ ସବୁ ମହଲରେ ପ୍ରଶଂସା କରାଯାଉଛି । ସୂଚନାଯୋଗ୍ୟ,



ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡ ସୀମା ସୁରକ୍ଷା ବଳରେ କାର୍ଯ୍ୟରତ ଅଛନ୍ତି । ବିବାହର ବହୁ ବର୍ଷ ପରେ ସ୍ତ୍ରୀ ଲିପି ଗଣ୍ଡ ଗର୍ଭବତୀ ହୋଇଥିବା ଜାଣିବାକୁ ପାଇଥିଲେ । ତେବେ ପ୍ରସୂତି ସମୟରେ ସ୍ତ୍ରୀ ନିକଟରେ ରହିବା ପାଇଁ ସେ ଗତ ଏପ୍ରିଲ ୧୮ରେ ସେ ଏକ ମାସ ଛୁଟି ନେଇ ଘରକୁ ଆସିଥିଲେ । ଗତ ଏପ୍ରିଲ ୨୮ରେ ଭିମସାର ବୁର୍ଲାରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା । ଏହାପରେ ସ୍ତ୍ରୀ ଲିପିଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହୋଇଥିଲା । ସେ ସଂଜ୍ଞାହୀନ ହୋଇ ପଡିବାରୁ ତାଙ୍କୁ ଗତ ୨୯ରେ ଆଇସିୟୁରେ ଭର୍ତ୍ତି କରାଯାଇଛି । ସେ ଚିକିତ୍ସାଧିନ ଥିବା ବେଳେ ସ୍ୱାମୀ ଦେବରାଜ ଗଣ୍ଡ ସୀମାନ୍ତରୁ ଜରୁରୀକାଳୀନ ଡାକରା ପାଇ ଆଜି ଦେଶର ସୀମା ଅଭିମୁଖେ ଯାତ୍ରା କରିଛନ୍ତି । ଦେଶସେବା ଓ କର୍ତ୍ତବ୍ୟ ଆଗରେ ପରିବାର ତୁଚ୍ଛ ହୋଇପଡିଥିବା ବେଳେ ସ୍ତ୍ରୀ ଆଇସିୟୁରେ ମୃତ୍ୟୁ ସହ ସଂଘର୍ଷ କରୁଛି । ଅନ୍ୟପଟେ ୧୩ଦିନର ଶିଶୁ କନ୍ୟାକୁ ନିଜ ପିତାକୁ ଖୋଜୁଛି । ଏଭଳିସ୍ଥଳେ ଭିମସାର ଅଧିକ୍ଷକ ପ୍ରଫେସର ଲାଲମୋହନ ନାଏକ ଏବଂ ବିଶେଷଜ୍ଞ ଦଳ ଲିପିଙ୍କ ଚିକିତ୍ସା କରୁଛନ୍ତି ।

## ଏସବିଆଇ ଏଟିଏମ ନିକଟରେ କୃତ୍ରିମ ବନ୍ୟା

ନୀଳଗିରି,(ସବ୍ୟୁ) :ନୀଳଗିରି କେ.ସି.ହାଇସ୍କୁଲ ନିକଟରେ ଥିବା ଏସବିଆଇ ଏଟିଏମ ସାମ୍ନାରେ ପାଣିଲହଡ଼ି ମାରୁଥିବାରୁ ଗ୍ରାହକ ମାନେ ଟଙ୍କାଉଠାଣ ପାଇଁ ଯାଇପାରୁନଥିବା ବେଳେ ଜନଅସନ୍ତୋଷ ବୃଦ୍ଧିପାଇଛି। ଏହାବ୍ୟତୀତ ସେଠାରେ ଥିବା ୪/୫ଟି ଦୋକାନୀ ମଧ ନାହିଁ ନଥିବାର ଅସୁବିଧା ଭୋଗକରୁଛନ୍ତି।ଏପରିକି ଦୋକାନକୁ ଯିବାପାଇଁ ଗ୍ରାହକ ମଧ ମୁହଁ ଫେରାଉଛନ୍ତି।ମୁଖ୍ୟତଃ ବର୍ଷାପାଣି ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା ନଥିବାରୁ ଉକ୍ତସ୍ଥାନରେ ପାଣିଜମି ରହୁଛି। ଗ୍ରାହକମାନେ ବୁଲିବୁଲି ଏଟିଏମକୁ ଯାଇ ଟଙ୍କା ଉଠାଉଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଏନ୍‌ଏସି କର୍ତ୍ତୃପକ୍ଷ ସମସ୍ତ ପ୍ରକାରର ଟିକସ ଆଦାୟ କରୁଥିବା ବେଳେ ଏଥିପ୍ରତି ନଜର ନଦେବା ଘଟଣା ଦୋକାନୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି।ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପାଣି ନିଷ୍କାସନର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବୀ ହେଉଛି।

## ଜଗନ୍ନାଥପ୍ରସାଦ ସୈରାତରୁ ବେଆଇନ ବାଲି ଉଠାଣ

ଭଣ୍ଡାରି ପୋଖରୀ,(ସବ୍ୟୁ):ବାଲି ପୋଖରୀ ଏସକେପ ସମ୍ମୁଖ ଜଗନ୍ନାଥପ୍ରସାଦ ବୈତରଣୀ ନଦୀ ସୈରାତରୁ ବେଆଇନ ବାଲି ଉଠାଣ ହେଉଥିବା ଅଭିଯୋଗ ହୋଇଛି। ୨୦୨୧ ମସିହାରେ ୧୨.୨୦ଏକର ଜମିରୁ ବାଲି ଉତ୍ତୋଳନ ପାଇଁ ବାର୍ଷିକ ୫ କୋଟି ଟଙ୍କାରେ ନିଲାମ ହୋଇଥିଲା। ମାତ୍ର ଏହି ଜମି ସୀମାକୁ ବେଆଇନ ଭାବେ ଅତିକ୍ରାନ୍ତ କରି ଗ୍ରାମ୍ୟଜଙ୍ଗଲ, ମଶାଣି ଜମି, ନଦୀବନ୍ଧ ନିକଟରୁ ବିପୁଳ ପରିମାଣରେ ବାଲି ହିଟାଚି ଓ ପ୍ରୋକଲିନ ମେସିନ ଦ୍ୱାରା ଅହନିଶି ଉତ୍ତୋଳନ କରାଯାଉଛି। ବାଲି ଉତ୍ତୋଳନ ପାଇଁ ଧାର୍ଯ୍ୟ ରାସ୍ତା ସହ ଯାଜପୁର ପଟୁ ନଦୀ ଜଳଧାରାରେ ବନ୍ଧବାନ୍ଧି ଶହ ଶହ ହାଇୱା ସହାୟତାରେ ବାଲି ଉତ୍ତୋଳନ ଓ ପରିବହନ କରାଯାଉଛି। ଏହାକୁ ତଦାରଖ କରିବାକୁ କୌଣସି ଅଧିକାରୀ ଆସୁନାହାନ୍ତି। ବାଲି ତଦାରଖ ଦାଇତ୍ୱ ଲଘୁ ଖଣି ଓ ଇସ୍ପାତ ବିଭାଗକୁ ହସ୍ତାନ୍ତର ହୋଇଛି ବୋଲି ଆଳ ଦର୍ଶାଇ ତହସିଲ କର୍ତ୍ତୃପକ୍ଷ ଅଭିଯୋଗକୁ ଏଡାଇ ଯାଉଛନ୍ତି। ଅନ୍ୟପକ୍ଷରେ ଲଘୁଖଣିଜ ଅଧିକାରୀଙ୍କୁ ଏଥିନେଇ ଅଭିଯୋଗ କଲେ ମଧ ସେ କର୍ଣ୍ଣପାତ କରୁନାହାନ୍ତି କି କ୍ଷେତ୍ରୀ ଅନୁଧାନ କରୁନାହାନ୍ତି। ଏବେ ସଦ୍ୟ ବାଲି ନିୟନ୍ତ୍ରଣ କ୍ଷମତା ପାଇଥିବା ପୁଲିସ ପାଇଁ ଏହା ଅପୂର୍ବ ସୁଯୋଗ ସୃଷ୍ଟି କରିଥିଛି। ନିୟନ୍ତ୍ରଣ ଆଳରେ ଦି ପଇସା ରୋଜଗାର କରିବା ପୁଲିସର ନୀତି ହୋଇଥିବାରୁ ପୁଲିସ ନିଲାମଧାରୀଙ୍କ ସାଥ ଦେଉଛି। ଫଳରେ ସାଧାରଣ ଲୋକଙ୍କ ଅଭିଯୋଗ ଚାପି ହୋଇଯାଉଛି ।



ରଘୁନାଥପୁର ହୁରାସାହି ସ୍ଥିତ ତ୍ରିନାଥ ମନ୍ଦିର ଚନ୍ଦନପୋଖରୀରେ ଚାପ ଖେଳ

## ଉଦ୍‌ଘାଟିତ ହେଲା ବିନିଦା ରାସ୍ତା

କେନ୍ଦୁଝର,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଉପର ରାଇଗୋଡା ପଞ୍ଚାୟତ ବିନିନ୍ଦା ଗ୍ରାମର ଭୂୟାଁ ସାହିରୁ ବିନିଦା ଛକ ପର୍ଯ୍ୟନ୍ତ ଗାଁ ରାସ୍ତାକୁ ତେଲକୋଇ ବିଧାୟକ ନିଜସ୍ୱ ପାଣ୍ଠିରୁ ପକ୍କା ରାସ୍ତା ନିର୍ମାଣ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ସ୍ଥାନୀୟ ଲୋକମାନେ ଗ୍ରାମର ଶୋଚନୀୟ ହୋଇ ପଡ଼ିଥିବା ରାସ୍ତା ସମ୍ପର୍କରେ ଅଭିଯୋଗ କରି ଦାବି ଜଣାଇଥିଲେ। ତେଲକୋଇ ନିର୍ବାଚନ ମଣ୍ଡଳୀରେ ଡା.ଫକିର ମୋହନ ନାଏକ ନିର୍ବାଚନ ପ୍ରଚାର ସମୟରେ ଲୋକମାନଙ୍କୁ ଯେଉଁ ମୌଳିକ ସୁବିଧାର ସମାଧାନ କରିବା ପାଇଁ କଥା ଦେଇଥିଲେ ତାହା ଗୋଟି ଗୋଟି କରି ସମାଧାନ କରିଚାଲିଛନ୍ତି। ବିଧାୟକ ହେବା ପରେ ନିଜସ୍ ପାଣ୍ଠିରୁ ଗାଁ ରାସ୍ତାକୁପକ୍କା ରାସ୍ତାରେ ନିର୍ମାଣ କରି ଉଦଘାଟନ କରିଛନ୍ତି ।


**AFFIDAVIT**

By virtue of an Affidavit sworn before In The Court of Executive Magistrate, Talcher dt. 06.12.2023 I, Jharana Mohanty, W/o- Surendra Mohanty, At- Jhulakhuntia, PO-Saradhapur, PS- Samal, Dist- Angul, declare that I have changed my name from Mamata Dhir to Jharana Mohanty. Henceforth, I shall be known as Jharana Mohanty for all purposes.

S/d- Jharana Mohanty



**PUBLIC NOTICE**

By virtue of an Affidavit before the Executive Magistrate,Cuttack Dt. 06.05.2025. I Smt.Bandana Ganguli, W/o.Tarun Kumar Ganguli residing at ARC, Charbatia, P.O. : Charbatia, P.S.: Choudwar,Dist : Cuttack declare that my husband serving as Asst. Section Officer at ARC Hospital, Charbatia, P.O.: Charbatia,P.S.: Choudwar, Dist:Cuttack that during the service period of my husband mental condition was imbalanced due to an accident in the Year 2012 and he was suffering from Psychiatric and Mental Imbalance and was under continuous treatment at ARC Hospital.Due to his mental imbalance and brain dysfunction,he is unable to sign and write anything whatsoever and also unable to make any bank transaction such as signing any bank slip and to receive any service as well as pensionary benefits. That in the Service Book I have been represented as nominee of my husband and in case of any mishappening to my husband. I am legally competent to do necessary things for and on behalf of my husband. My husband retired from his service on 30.04.2025 and now staying at home. Further his mental health condition is so severe office considering his ailments, had provided one ambulance during his service period. After his retirement and his long treatment for mental imbalance since 2012 he has been advised by the treating physician to take complete bed rest. That I being his legally married wife and nominee of my husband is competent to make all necessary things such as Bank transaction, receiving the pensionary as well as service benefits.


# ମୁହାଁମୁହିଁ ବାଇକ୍ ଦୁର୍ଘଟଣାରେ ୨ ମୃତ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ମାନିଗାଁ ସଦର ଏଏନ୍‌ଏମ୍ ସେଣ୍ଟର ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୂହାମୁହି ଧକ୍କା ହୋଇଥିଲା । ଏଥିରେ ଦୁଇ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ବିହାର ଶମ୍ଭୁ ରାୟ (୫୫) ଓ ମଇଦାଲପୁର ଥାନା ଅନ୍ତର୍ଗତ ମେରି ଗ୍ରାମର ଦେବେନ୍ଦ୍ର ନାୟକ (୨୮)। ଡାବୁଗାଁ ନିକଟ ବୋରିପଦର ଦେଶୀ ମଦଭାଟି ରେ କାର୍ଯ୍ୟ କରୁଥିବା କର୍ମଚାରୀ ଶମ୍ଭୁ ରାୟ ରବିବାର ପୂର୍ବାହ୍ନ ୧୦. ୩୦ରେ କୌଣସି କାର୍ଯ୍ୟରେ ଏକ ବାଇକ୍ (ଓଡି ୨୪ ୯୫୨୯)ରେ ଯାଉ ଥିବା ବେଳେ ବିପରୀତ ଦିଗରୁ ମଇଦଲପୁର ଥାନା ଅନ୍ତର୍ଗତ ମେରି ଗାଁର ଦେବେନ୍ଦ୍ର ନାୟକ ତାଙ୍କ ଗ୍ରାମରୁ ଏକ ବାଇକ ଯାଗେ ଡାବୁଗାଁ ବ୍ଲକ ପାଖରେ ଥିବା ଖୁଟୁବାଇ ତାଙ୍କ ଶ୍ୱଶୁର ଘର ଗ୍ରାମ ଅଭିମୁଖେ ଆସୁଥିଲେ । ମାନିଗାଁ ନିକଟ ଏଏନ୍‌ଏମ୍ ସେଣ୍ଟର ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବାରୁ ଉଭୟେ ରାସ୍ତାକଡ଼କୁ ଛିଟିକି ପଡ଼ିଥିଲେ। ଦୁଇ ବାଇକ୍ ଚାଳକଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିଥିବା ବେଳେ ଘଟଣାସ୍ଥଳରେ ଶମ୍ଭୁ ରାୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଦେବେନ୍ଦ୍ର ନାୟକଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଦେବେନ୍ଦ୍ର ନାୟକଙ୍କ ମଧ ମୃତ୍ୟୁ ଘଟିଥିଲା। ପୁଲିସ କେଶ ନମ୍ବର ୯୫/୨୫ରେ ମାମଲା ରୁଜୁ ହୋଇଥିବା ବେଳେ ଏସ ଆଇ ବି କେ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠର ଉନ୍ନତି ପାଇଁ ସାଂସଦଙ୍କ ବୈଠକ

ନୀଳଗିରି,(ସବ୍ୟୁ) :ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ପ୍ରତିଦିନ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଆସୁଥିବା ବେଳେ ଉକ୍ତ ପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଶନିବାର ଦିନ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ବାଲେଶ୍ୱର ଜିଲ୍ଲାପାଳ ସମେତ ପଞ୍ଚଲିଙ୍ଗେଶ୍ୱର ବିକାଶ କମିଟି, ନିଳଗିରି ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ଜିଲ୍ଲାପାଳ, ପର୍ଯ୍ୟଟନ ଅଧିକାରୀ ସମେତ ସମସ୍ତ ବିଭାଗର ଅଧିକାରୀ ଙ୍କୁ ନେଇ ସାଂସଦ ପ୍ରତାପ ଷଡ଼ଙ୍ଗୀ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠର ଉନ୍ନତି ଓ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକରେ ଆଲୋଚନା କରାଯାଇଥିଲା ।


OHPC
CAD-384

**ODISHA HYDRO POWER CORPORATION LIMITED**

BALIMELA HYDRO ELECTRIC PROJECT:, POST: BALIMELA, DIST: MALKANGIRI (ODISHA): PIN:764051
Phones: 06861-291058(0)/ 06861=291048(R),: FAX: 07861-232541.,
E-Mail: bhep.balimela@gmail.com, unit.head balimela@yahoo.com
CIN:U40101OR1995SGC003963, GSTIN-21AAAACO2575PIZ9

**TENDER CALL NOTICE No. BHEP/TECH/09/2025-26 Dtd.09.05.2025**

Sealed Tenders are invited in two part bid basis (Technical & commercial Bid) from the **Registered Firms/ manufacturers/ Authorized Dealers/ Chancel Partners** for supply of materials as detailed below.

| Sl.No | Description of Items. | Cost of Tender Paper (In Rs.) | E.M.D. in shape of D.D. / B.C. |
| --- | --- | --- | --- |
| 1. | “Supply of different types of SKF Make bearings for BHEP. Balimela.” | R. 7080/- Inclusive of GST @ 18% | 1% (One Percent) of the quoted amount |

The Sale of Tender Paper will be from : 09:00hrs of 13.05.2025 to 11.00 hrs of 28.05.2025
The last date & time of receipt of tenders : Up to 12.00 hrs of Dt. 28.05.2025
Date and time of opening of the Teechno Commercial Bid : Dt. 28.05.2025 at 12.30 hrs

For details of the tender documents, terms and conditions, Eligibility crireria and downloading, please visit our website **www.ohpcltd.com**

OIPR: 04019/11/0083/2526 — Sd/- C&P Head BHEP, Balimela



E-mail: eemijharsuguda@gmail.com

A-138

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**
'e' Procurement Notice
Bid Identification No. SE MID JSD 01/2025-26
eemijharsuguda@gmail.com
No. 1351// MID // date.06.05.2025

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | |
| --- | --- |
| 1. Name of the works: | Civil Construction work |
| 2. Total No. of works: | 03 (Three)Nos. |
| 3. Estimated Cost: (Detail list of work annexed) | Rs.0.99 Lakh to Rs.8.07 Lakh |
| 4. Class of Contractor: | As mentioned against work |
| 5. Period of completion: | As mentioned against work |
| 6. Date & time of Availability of Bid Document in the Portal: | 14.05.2025 to 20.05.2025 during office hours |
| 7. Last date/Time for receipt of Bid in the Portal: | 20.05.2025 during office hours |
| 8. Date/Time of Opening of Technical Bid: | 21.05.2025 at 10.00 AM. at Office of the S.E., MI Divn. Jharsuguda. |
| 9. Name & Address of the Officer Inviting the Bid: | SuperintendingEngineer M.I. Division, Jharsuguda |
| 10. Mode of Payment of Bid Cost & Bid | Online |

OIPR: 32291/11/0009/2526 — Sd/- Superintending Engineer M.I. Division, Jharsuguda



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୱାକର୍ସ କ୍ଲବ-କଟକର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




କଟକ, (ସବ୍ୟୁ): ୱାକର୍ସ କ୍ଲବ, ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ନୂଆବଜାର ସ୍ଥିତ ନେତାଜୀ ଖେଳପଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୱାକର୍ସ କ୍ଲବ ର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ହରିଶ୍ ଚନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଆଧୁନିକ ଜୀବନଚର୍ଯ୍ୟାରେ ଖାଦ୍ୟପେୟ ପ୍ରତି ସଚେତନ ରହି ଗ୍ୟାଷ୍ଟିକ ଭଳି ରୋଗ କବଳରୁ ନିଜକୁ କିପରି ମୁକ୍ତ ରଖି ହେବ ସେ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ ।ଏହି ଅବସରରେ ଡାକ୍ତର ହରିଶ ଚନ୍ଦ୍ର ମିଶ୍ର ଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ଅନିଲ ସାମଲ, ଅରୁଣ କୁମାର ରାଉତ,ବନମାଳୀ ଶୁକ୍ଳ, ପ୍ରଶାନ୍ତ କୁମାର କାନୁନଗୋ,ରାକେଶ କୁମାର ଶତପଥୀ, ତାରାନନ୍ଦ ପଟ୍ଟନାୟକ, ରାଜେନ୍ଦ୍ର ପାତ୍ର, ଇଂଜିନିଅର ଗୋପାଳ କୃଷ୍ଣ ବେହେରା, ଶ୍ୟାମ ସୁନ୍ଦର ସାହୁ, ବାବୁଲିଧର ନାୟକ, ଗୌତମ କର ପ୍ରମୁଖ ସଦସ୍ୟ ମଝନେ ଉପସ୍ଥିତ ଥିଲେ । ଶେଷରେ ସଂଜୀବ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜୁଲାଇ ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ ହେବ କାନପୁର ବୃହତ ଜଳ ସେଚନ ପ୍ରକଳ୍ପ

# ୧୩ ହଜାର ହେକ୍ଟର ଚାଷଜମିକୁ ମାଡ଼ିବ ପାଣି : ଅନୁଗର୍ଗ

କେନ୍ଦୁଝର (ରବିରାଜ) : ରବିବାର କେନ୍ଦୁଝର ଜିଲ୍ଲା କାନୁପୁର ଜଳସେଚନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜ୍ୟ ଉନ୍ନୟନ କମିଶନର ତଥା ଜଳସମ୍ପଦ ଏବଂ ଯୋଜନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି। ଯୋଡ଼ା ବ୍ଲକ କଣ୍ଡରାଠାରେ ୨୪୩୮ ଦଶମିକ ୨୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ବୃହତ ଜଳସେଚନ ପ୍ରକଳ୍ପ ଅଞ୍ଚଳର ଜିରୋ ପଏଣ୍ଟ, ସିଲୱେ କେନାଲ କାର୍ଯ୍ୟ ଆଦିକୁ ହେଉଥିବା କାନୁପୁର ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ଯଥାଶୀଘ୍ର କାମ ସରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ ଅନୁ ଗର୍ଗ । ଡ୍ୟାମ୍, ସ୍କିଲ୍ ୱେ କେନାଲ ଏବଂ ଡିପ୍ଲୋସନ୍ ସୁଇସ ଗେଟ କାମକୁ ସମୟ ସୀମା ମଧ୍ୟରେ ଶେଷ କରାଯିବ। ଏହି ଜଳ ସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାର ୫ଟି ବ୍ଲକ, ଯୋଡ଼ା, ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର ଓ ପାଟଣା ବ୍ଲକର ୨୯ ହଜାର ୫୭୮ ହେକ୍ଟରଜମିକୁ ଜଳ ସେଚନ କରାଯାଇ ପାରିବ । ତେବେ ଏଥି ମଧ୍ୟରୁ ଏହିବର୍ଷ ଖରିପ ଋତୁରେ ୧୩ ହଜାର ହେକ୍ଟର ଚାଷଜମିକୁ ପାଣି ମାଡ଼ିବ ବୋଲି ସେ କହିଛନ୍ତି। ଏଥି ସହିତ ଜିଲ୍ଲାରେ କରାଯାଉଥିବା ଡିଏମଏଫ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି।ପୂର୍ବାହ୍ନ ୧୦ ଘଟିକାରେ ଏକ ସମୀକ୍ଷା ବୈଠକ କାନପୁର ସଭାଗୃହରେ ଆୟୋଜନ କରାଯାଇଥିଲା । ରବିବାର ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ, କାନପୁର ଡ୍ୟାମ ପ୍ରୋଜେକ୍ଟର ରିଭିଉ କରାଯାଇଛି। ଆସନ୍ତା ଜୁଲାଇ ମାସମଧ୍ୟରେ ବନ୍ଧ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ କରାଯିବ। ୨୯ ହଜାର ହେକ୍ଟର ସମୁଦାୟ ଜଳସେଚନ ଅଞ୍ଚଳ ଥିବା ବେଳେ ଚଳିତ ବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳ ସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି ।ପର୍ଯ୍ୟାପ୍ତ ପରିମାଣର ଯନ୍ତ୍ରପାତି ରହିଛି ବୋଲି ସେ କହିଥିଲେ। ଏତଦବ୍ୟତୀତ ଜିଲ୍ଲା ଖଣିଜ ପାଣ୍ଠିରୁ ବ୍ୟୟ ବିନିଯୋଗରେ କରାଯାଇଥିବା ପ୍ରକଳ୍ପ ଗୁଡ଼ିକର ତଦାରଖ କରିବା ସହିତ ଆଦିବାସୀ ଅଧ୍ୟୁଷିତ ଛ ଅଞ୍ଚଳର ବିକାଶ କାର୍ଯ୍ୟର ସମୀକ୍ଷା କରିବେ । ଚାଷୀମାନଙ୍କୁ ପାଣି ଯୋଗାଇବା



ସମ୍ପର୍କରେ ସେ କହିଥିଲେ ଯେ, ଡିସୁଇସ ଲଗାଇବାର କାରଣ ମଚ୍ଛର ଗତିରେନଦୀକୁ ଜଳ ଛଡାଯିବା।ଯାହାକି ଚାଷ ପାଇଁ ଉପୋଯୋଗୀ ହେବ। ତେଣେ ସେ କହିଥିଲେ ଯେ, ବିସ୍ଥାପିତ ପରିବାର ତାଙ୍କରଭିଟାମାଟି ଦେଇ ବନ୍ଧର ସ୍ୱପ୍ନକୁ ସାକାର କରିଛନ୍ତି । ୮ରୁ ୯ଟି ଗାଁ ବିସ୍ଥାପିତଙ୍କ ଥଇଥାନ ନିମନ୍ତେ ନିର୍ମାଣ କରାଯାଇଛି।ସେଠାକାର ସୁବିଧା ଅସୁବିଧା ସଂପର୍କରେ ବୁଝିବା ପାଇଁ ସମୀକ୍ଷା ବୈଠକରେଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶଦେଇଛନ୍ତିଛ ଚାଷ ଏବଂ ସାଧାରଣ

ପାନୀୟ ଜଳ ଯୋଗାଣରେ ପ୍ରଥମେ ଜଳକୁବ୍ୟବହାର କରାଯିବ । ବଳକା ହେଲେ ଶିଳ୍ପ କଥା ଚିନ୍ତା କରାଯିବ ବୋଲି ଚାଷୀ ମାନଙ୍କୁ ଗର୍ଗ ପ୍ରତିଶ୍ରୁତି ଦେଇଥିଲେ। ବନ୍ଧର ତଳମୁଣ୍ଡକୁ ବୈତରଣୀ ଜଳ ଯାଉନଥିବାରୁ ପ୍ରାୟ ୧୦ ଟି ଗ୍ରାମର ଗ୍ରାମବାସୀ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗ କରିଥିଲେ । ଏଥି ସହିତ ଗ୍ରାମବାସୀମାନେ କମିଶନରଙ୍କୁ ଦେଖା କରି ସେମାନଙ୍କର ଅସୁବିଧା କହିଥିଲେ ଓ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ସେହିପରି ବିସ୍ଥାପିତ ଜଗନ୍ନାଥପୁର ଅଞ୍ଚଳ ର ଗ୍ରାମବାସୀ ମାନେ ବିସ୍ଥାପିତ ଗ୍ରାମରେ ଜଳ ସଂଯୋଗ ହୋଇ ନ ଥିବା ଅଭିଯୋଗ କରିଥିଲେ ।ସମୀକ୍ଷା ବୈଠକରେ ୱାଟର ରିସୋର୍ସ ଚିଫ ଇଞ୍ଜିନିୟର ଚନ୍ଦ୍ର ଶେଖର ପାଢ଼ୀ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ,ପ୍ରକଳ୍ପର ଚିଫ୍ କଂଷ୍ଟ୍ରକ୍ସନ୍ ଇଞ୍ଜିନିୟର ପ୍ରଶାନ୍ତ ରଞ୍ଜନ ପଣ୍ଡା, ସହକାରୀ ଯନ୍ତ୍ରୀ କୈଳାଶ ଚନ୍ଦ୍ର ବିନ୍ଧାଣୀ, ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ, ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, କନ୍ଦର୍ପ କୁମାର ବେହେରା, ଦୁର୍ଯ୍ୟଧନ କିଶାନ, ସ୍ମୃତି ରଞ୍ଜନ ବିଶୋଇ, ବିଜୟ କୁମାର ସେଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ।

# ରୋଟାରୀ କ୍ଲବ ଅଫ୍ କଟକ କ୍ୟାଣ୍ଟନମେଣ୍ଟର କାର୍ଯ୍ୟକ୍ରମ




କଟକ,(ସବ୍ୟୁ): ରୋଟାରୀ କ୍ଲବ ଅଫ କଟକ କ୍ୟାଣ୍ଟନମେଣ୍ଟ ତରଫରୁ କଟକ କମିସନରେଟ ପୁଲିସର ମିଳିତ ସହଯୋଗରେ ଆଇଜ୍ ଅଫ ଦ ସିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କ୍ଲବ ପକ୍ଷରୁ ପୁଲିସ ପ୍ରଶାସନକୁ ସ୍ୱୟଂଚାଳିତ ନମ୍ବର ପ୍ଲେଟ୍ ଚିହ୍ନଟ କ୍ୟାମେରା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରୋଟାରୀ ଜିଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ଯୋଗ ଦେଇଥିଲେ । ଏହାଦ୍ୱାରା ଅପରାଧ କମ୍ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା ।

# ଗୋରୁ ଗାଡି ଜବତ : ୨ ଗିରଫ

ବାହାନଗା,(ସବ୍ୟୁ) : ଭଦ୍ରକରୁ ପଶ୍ଚିମବଙ୍ଗ କୁ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ବେଳେ ଗୋରୁ ବୋଝେଇ କଣ୍ଟେନରକୁ ମାଡି ବସିଲା ଖନ୍ତାପଡ଼ା ପୋଲିସ। ସୂଚନା ମୁତାବକ ଶନିବାର ବିଳମ୍ବିତ ରାତି ରେ ବେଆଇନ ଭାବେ ୧୬ ନଂ ଜାତୀୟ ରାଜପଥ ଦେଇ ଗୋ ଚାଲାଣ ହେଉଥିବା ସୂଚନା ପାଇଥିଲା ଖନ୍ତାପଡ଼ା ପୋଲିସ। ବିଳମ୍ବିତ ରାତିରେ ଓଆର ୦୪ ପି ୮୨୩୬ ନମ୍ବର ବିଶିଷ୍ଟ ଏକ କଣ୍ଟେନର ରେ ଅମାନୁଷିକ ଭାବେ ଚାଲାଣ ହେଉଥିବା ବେଳେ ଖନ୍ତାପଡ଼ା ଥାନା ଅଧିକାରୀ ପ୍ରଫୁଲ କୁମାର ମଲ୍ଲିକ ଗାଡିକୁ ପିଛା କରିଥିଲେ। ଶେରଗଡ଼ ଓଭର ବ୍ରିଜ ରେ ଗାଡିକୁ ଅଟକ ରଖି ଯାଞ୍ଚ କରିବାରୁ ସେଥିରେ ବେଆଇନ ଭାବେ ଗୋରୁ ଭର୍ତ୍ତି ଥିବା ଦେଖିବାକୁ ପାଇଥିଲେ। ଗାଡି କୁ ଜବତ କରିବା ସହ ଚାଳକ ଏବଂ ହେଲ୍ପରକୁ ଅଟକ ରଖିଥିଲା ଖନ୍ତାପଡ଼ା ପୋଲିସ। ଥାନାରେ କେଶ ନଂ ୧୨୧/୨୫ ରେ ଏକ ମାମଲା ରୁଜୁ କରି ଉଦ୍ଧାର ହୋଇଥିବା ଗୋରୁକୁ ବାମପଦା ସ୍ଥିତ ମା ଭାରତୀ ଗୋଶାଳା ରେ ଜିମା ଦେବା ସହ ଚାଳକ ଓ ହେଲ୍ପରକୁ କୋର୍ଟ ଚାଲାଣ କରିଥିବା ପ୍ରାପ୍ତ ସୂଚନାରୁ ଜଣା ପଡିଛି।

# ମହାବାତ୍ୟା ପରଠାରୁ ବଢୁଛି ଓଡିଶାର ତାପମାତ୍ରା

ଭୁବନେଶ୍ୱର, (ସବ୍ୟୁ) : ୧୯୯୯ ମସିହାରୁ ଓଡ଼ିଶାରେ ତାପମାତ୍ରା ଉଦବେଗଜନକ ଭାବେ ବୃଦ୍ଧି ପାଇଛି । ଏହି ଧାରା ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଆଞ୍ଚଳିକ ଭୂମି-ବ୍ୟବହାର ପରିବର୍ତ୍ତନ ଏବଂ ମହାବାତ୍ୟା ଭଳି ଘଟଣାଗୁଡ଼ିକର ସମ୍ଭାବ୍ୟ ଦୀର୍ଘକାଳୀନ ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଛି । ବର୍ଦ୍ଧିତ ତାପମାତ୍ରା ସ୍ୱାସ୍ଥ୍ୟ, କୃଷି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ରାଜ୍ୟର ସାମଗ୍ରିକ ଦୁର୍ବଳତା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଇଛି । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ଦୀର୍ଘ ଦିନ ଧରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମ୍ମୁଖୀନ ପାଇଁ ବେଶ ଜଣାଶୁଣା । କ୍ରମବର୍ଦ୍ଧିଷ୍ଣୁ ଚିନ୍ତାର ବିଷୟ ହେଉଛି ବର୍ଷ ବର୍ଷ ଧରି ତାପମାତ୍ରାରେ କ୍ରମାଗତ ବୃଦ୍ଧି, ବିଶେଷ କରି ୧୯୯୯ ମସିହାର ମହାବାତ୍ୟା ପରଠାରୁ ଏହା ବଢି ଚାଲିଛି ।

ଅଧ୍ୟୟନରୁ ଜଣାଯାଇଛି ଯେ ସାରା ଓଡ଼ିଶାରେ ହାରାହାରି ତାପମାତ୍ରା, ଉଭୟ ସର୍ବାଧିକ ଏବଂ ସର୍ବନିମ୍ନ ସ୍ତରରେ ବୃଦ୍ଧି ପାଉଛି । ଜଣାପଡ଼ିଛି ଯେ ଗତ ଦଶନ୍ଧିରେ ହାରାହାରି ତାପମାତ୍ରା ୦.୯ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇଛି । ଉତ୍ତାପରେ ବାରମ୍ବାର ବୃଦ୍ଧି ପାଇବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ପାଇଁ ଓଡ଼ିଶା ଏକ ହଟସ୍ପଟ୍ ଭାବରେ ଜଣାଶୁଣା ହୋଇଛି । ମାର୍ଚ୍ଚ ରୁ ମେ ଅବଧିରେ ରାଜ୍ୟ ପ୍ରତିବର୍ଷ ହାରାହାରି ଚାରିଟି ଗ୍ରୀଷ୍ମପ୍ରବାହ ଅନୁଭବ କରିଥାଏ । ବର୍ଦ୍ଧିତ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ବିଶ୍ୱବ୍ୟାପୀ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ, ଏବଂ ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ ଏବଂ ଓଡ଼ିଶା ମଧ୍ୟରେ ଭୂମି ଉପଯୋଗ ପଦ୍ଧତିରେ ପରିବର୍ତ୍ତନ, ସ୍ଥାନୀୟ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥାଏ ।

୧୯୯୯ ମହାବାତ୍ୟାରେ ବୃକ୍ଷଲତା ହ୍ରାସ ଏକ ଅଞ୍ଚଳର କ୍ଷୁଦ୍ର ଜଳବାୟୁ ପରିବର୍ତ୍ତନ କରିଛି, ଯାହା ତାପମାତ୍ରାରେ ଅସ୍ଥିରତା ଏବଂ ସାମଗ୍ରିକ ବୃଦ୍ଧି ଘଟାଇବାରେ ସହାୟକ ହୋଇଛି । ଏହି ମହାବାତ୍ୟା କେବଳ ସିଧାସଳଖ ବିନାଶ ଘଟାଇନଥିଲା ବରଂ ସମ୍ଭାବ୍ୟ ଭାବେ ଏହି ଅଞ୍ଚଳର ଜଳବାୟୁରେ ମଧ୍ୟ ପରିବର୍ତ୍ତନ ଆଣିଥିଲା । ମହାବାତ୍ୟା ପରେ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହ୍ରାସ ଏବଂ ଜମିର ବ୍ୟବହାରରେ ପରିବର୍ତ୍ତନ ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଥିବା ଆକଳନ କରାଯାଇଛି । ପ୍ରମାଣ ଅଛି ଯେ ୧୯୯୯ ପରଠାରୁ ଗ୍ରୀଷ୍ମ ପ୍ରବାହ ସମେତ ଏହି ଘଟଣାଗୁଡ଼ିକର ବାରମ୍ବାରତା ବୃଦ୍ଧି ପାଇଛି । ତାପମାତ୍ରା ବୃଦ୍ଧି ଏବଂ ଉତ୍ତାପ ଜନିତ କ୍ଳାନ୍ତି ସମେତ ତାପମାତ୍ରା ବୃଦ୍ଧି ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଥାଏ । ଫସଲ ଉତ୍ପାଦନ ଏବଂ ଖାଦ୍ୟ ସୁରକ୍ଷା ଉପରେ ସମ୍ଭାବ୍ୟ ପ୍ରଭାବ ସହିତ କୃଷି ତାପମାତ୍ରା ପରିବର୍ତ୍ତନ ଦ୍ୱାରା ଅସୁରକ୍ଷିତ । ଅଧିକ ତାପମାତ୍ରା ସମୁଦ୍ର ପତ୍ତନ ବୃଦ୍ଧିରେ ସହାୟକ ହୋଇଥାଏ, ଯାହା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ବିପଦପ୍ରବଣତା ବୃଦ୍ଧି କରିଥାଏ । ବୃଦ୍ଧି ପାଉଥିବା ତାପମାତ୍ରା ବାତ୍ୟା ଭଳି ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତାକୁ ପ୍ରଭାବିତ କରିପାରେ । ଏହି ସମସ୍ୟାର ସମାଧାନ ପାଇଁ ବୈଶ୍ୱିକ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ସ୍ଥାନୀୟ ପ୍ରଶମନ ଏବଂ ଅନୁକୂଳ ରଣନୀତିର ମିଶ୍ରଣ ଆବଶ୍ୟକ ଥିବା କୁହାଯାଉଛି ।

# ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ଆଲମଣ୍ଡ

ଭୁବନେଶ୍ୱର (ସବ୍ୟୁ) : ଦୈନନ୍ଦିନ ଜୀବନର ବ୍ୟସ୍ତତା ଭିତରେ ମା'ଟିଏ ନିଜର ଆବଶ୍ୟକତା ଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦେଇଥାଏ ଏବଂ ନିଜ ଶରୀରର ଯତ୍ନ ନେବାକୁ ଭୁଲିଯାଏ । ତେଣୁ ଏହି ମାତୃତ୍ୱ ଦିବସରେ ନିଜ ମାଙ୍କ ପାଇଁ ବାଛନ୍ତୁ କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ଏକ ଯତ୍ନଭରା ଉପହାର, ଯାହା ଦିନସାରା ତାଙ୍କୁ ନିଜର ଅଗଣିତ କାର୍ଯ୍ୟ ପାଇଁ ଶକ୍ତି, ସୁସ୍ଥତା ତଥା ଅନ୍ୟାନ୍ୟ ତ୍ୱଚା ସମ୍ବନ୍ଧିତ ପୋଷଣ ଲାଭକାରୀତା ପ୍ରଦାନ କରିଥାଏ । ୧୫ଟି ଜରୁରୀ ପୌଷ୍ଟିକତତ୍ୱରେ ଭରପୂର କାଲିଫର୍ଣ୍ଣିଆ ଆଲମଣ୍ଡ ଭିଟାମିନ ଇ, ମ୍ୟାଗ୍ନେସିୟମ, ଖାଦ୍ୟପୋଯୋଗୀ ତନ୍ତୁ, ସ୍ୱାସ୍ଥ୍ୟପୋଯୋଗୀ ଚର୍ବି ତଥା ପ୍ରୋଟିନର ପ୍ରାକୃତିକ ଉତ୍ସ ଅଟେ । ଗୋଟିଏ ମୁଠା ଆଲମଣ୍ଡକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବା ଦ୍ୱାରା ଏହା ହୃଦୟସ୍ୱାସ୍ଥ୍ୟ, ଓଜନ ପରିଚାଳନାର ସହାୟତା ତଥା ରୋଗ



ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏସମ୍ପର୍କରେ ବଲିଉଡ ଅଭିନେତ୍ରୀ ସୋହା ଅଲ୍ଲୀ ଖାଁ କହିଛନ୍ତି, 'ମୁଁ ମୋ ମା'ଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଠା ତିଆରି କରିବାକୁ ପସନ୍ଦ କରେ ଯାହା ଉଭୟ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଅଟେ, ଏବଂ ମୁଁ ସର୍ବଦା ଭଲ ଏବଂ ସ୍ୱାସ୍ଥ୍ୟର ଅତିରିକ୍ତ ବୃଦ୍ଧି ପାଇଁ କାଲିଫର୍ଣ୍ଣିଆ ଆଲମଣ୍ଡ ମିଶାଇଥାଏ । ଏବେ ଏହା ଆହୁରି ଖାସ ହୋଇଛି ଯେ ମୋ ଝିଅ ମଧ୍ୟ ଏହାକୁ ଗ୍ରହଣ କରିଛି– ସେ ମୋ ଭଳି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିବା ଉପହାର ଚୟନ କରିବା ଆରମ୍ଭ କରିଛି । ସମାନ ରୂପେ ନ୍ୟୁଟ୍ରିସିଆନ ତଥା ୱେଲନେସ ଉପଦେଷ୍ଟା ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି, 'ଆଲମଣ୍ଡ ଏଲଡିଏଲ କୋଲେଷ୍ଟ୍ରଲ କୁ ହ୍ରାସ କରିବା ରେ ସାହାଯ୍ୟ କରିଥାଏ ଏବଂ ହୃଦୟ କ୍ଷତିକାରକ ପ୍ରଦାହକୁ ହ୍ରାସ କରିଥାଏ । ବ୍ୟସ୍ତ ବହୁଳ ଜୀବନ ଯାପନ କରୁଥିବା ମହିଳାମାନଙ୍କ ପାଇଁ, ହୃଦୟ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା ପାଇଁ ମୁଠାଏ ଆଲମଣ୍ଡ ଏକ ସରଳ, ପୁଷ୍ଟିକର ଉପାୟ ହୋଇପାରେ ।

# ଆସ୍ଥମାର ନିୟନ୍ତ୍ରଣ ପାଇଁ ସାମୂହିକ ଆଭିମୁଖ୍ୟର ଆବଶ୍ୟକତା

ଭୁବନେଶ୍ୱର, (ସବ୍ୟୁ): ଗମ୍ଭୀର ଆସ୍ଥମା ଲକ୍ଷଣ ଥିବା ପ୍ରାୟ ୭୦% ଲୋକଙ୍କର ଉପଯୁକ୍ତ ନିଦାନ କରାଯାଇନାହିଁ ଏବଂ ୨.୫%ରୁ ବି କମ୍ ଲୋକ ପ୍ରତିଦିନ ଇନ୍‌ହେଲ୍ଡ କୋର୍ଟିକୋଷ୍ଟେରଏଡର ବ୍ୟବହାର କରୁଛନ୍ତି ଯାହାକି ଏହାର ଉପଯୁକ୍ତ ଚିକିତ୍ସା ଅଟେ । ମୁଖ୍ୟତଃ ବହୁଳ ଭାବେ ପ୍ରଚଳିତ ଭୂଲଧାରଣା ଓ ଅପବାଦ କାରଣରୁ ଲୋକମାନେ ନିଜର ଉପଯୁକ୍ତ ନିଦାନ ଓ ଚିକିତ୍ସା କରାଉନାହାନ୍ତି । ଏଭଳି ସମସ୍ୟାର ମୁକାବିଲା କରିବା ପାଇଁ ସଚେତନତା, ଶିକ୍ଷା ଓ ପହଞ୍ଚକୁ ସମନ୍ୱିତ କରୁଥିବା ଦୀର୍ଘସ୍ଥାୟୀ, ସାମୂହିକ ଆଭିମୁଖ୍ୟର ଆବଶ୍ୟକତା ରହିଛି । ସିପ୍‌ଲାର ବେରୋକ ଜିନ୍ଦେଗୀ ଓ ଟଫିସ୍ ଏବଂ କମ୍ପାନୀର ବ୍ରେଥଫ୍ରି ଅଭିଯାନ ଭଳି କ୍ୟାମ୍ପେନଗୁଡିକ ଆସ୍ଥମାକୁ ନେଇ ସୂଚିତ ଆଲୋଚନାକୁ ପରିଚାଳନା କରିବା ସହ ନିରନ୍ତର ରୋଗୀ ସହଯୋଗ ପ୍ରଦାନ କରିବାରେ ସାହାଯ୍ୟ କରୁଛନ୍ତି । ଇନ୍‌ହେଲେଶନ ଥେରାପି ଓ ଚିକିତ୍ସା ପାଇଁ ଉପଲବ୍ଧତାର ଆବଶ୍ୟକତାକୁ ମହତ୍ୱ ଦେଇ ଭୁବନେଶ୍ୱରର ପଲ୍‌ମୋନୋଲିଷ୍ଟ ଡା. ସତ୍ୟଜିତ ସାହୁ କହିଛନ୍ତି, ' ଆସ୍ଥମା ଚିକିତ୍ସାର ପ୍ରାଥମିକ ଲକ୍ଷ୍ୟ ହେଉଛି ଲକ୍ଷଣଗୁଡିକୁ ନିୟନ୍ତ୍ରଣ କରିବା, ତତ୍କାଳ ଆଶ୍ୱସ୍ତି ପ୍ରଦାନ କରୁଥବା ଔଷଧ ଉପରେ ନିର୍ଭରତା ହ୍ରାସ କରିବା, ହସ୍ପିଟାଲାଇଜେଶନକୁ ରୋକିବା ଏବଂ ଫୁସ୍‌ଫୁସର କାର୍ଯ୍ୟଦକ୍ଷତାକୁ ସଂରକ୍ଷିତ ରଖିବା ଯାହା ଜୀବନର ମାନକୁ ଉନ୍ନତ କରିଥାଏ । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ସଠିକ ସମୟରେ ନିଦାନ, ସଠିକ ଇନ୍‌ହେଲର ବ୍ୟବହାର ଓ ନିୟମର କଡାକଡି ଅନୁପାଳନର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଖରାପ ଡିଭାଇସ ପଦ୍ଧତି, ଚିକିତ୍ସା ପାଇଁ ସୀମିତ ପହଂଚ ଏବଂ ଦୀର୍ଘସ୍ଥାୟୀ ସହଯୋଗର ଅଭାବ କାରଣରୁ ଏହାକୁ ପ୍ରାୟତଃ ଅଣଦେଖା କରାଯାଉଛି। ବ୍ରେଥଫ୍ରି ଭଳି ଅଭିଯାନଗୁଡିକ ଅନ୍-ଗ୍ରାଉଣ୍ଡ ସ୍କ୍ରିନିଂ କ୍ୟାମ୍ପ, ଡିଜିଟାଲ ପ୍ଲାଟଫର୍ମ ଭଳି ଅନ୍‌ଲାଇନ ଟୁଲ ଏବଂ ସରଳ 'ହାଓ-ଟୁ' ଡିଭାଇସ ଟ୍ରେନିଂ ଭିଡିଓ ମାଧ୍ୟମରେ ଏହି ଅନ୍ତରକୁ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଏହାର ସମାଧାନ ପାଇଁ ସ୍ଥାୟୀ ସଚେତନତା, ପ୍ରାରମ୍ଭିକ ଶିକ୍ଷା ଏବଂ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରୁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି।

## ଅନ୍ତଃରାଜ୍ୟ ଲୁଟେରା ଗିରଫ

# ୨ଟି ଆଇଚର , ୧ କାର, ୧୭ ପାଣି ପାଇପ ଜବତ

ଆଠଗଡ, (ସବ୍ୟୁ) : ଅନ୍ତରାଜ୍ୟ ଲୁଟେରା ମାନଙ୍କୁ ଧରିବାରେ ସଫଳ ହୋଇଛି ଆଠଗଡ ପୋଲିସ । ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସମଗ୍ର ଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଫଳରେ ଉପଖଣ୍ଡ ଆରକ୍ଷି ଅଧିକ୍ଷକ ବିଶ୍ୱଜୀତ ମହାନ୍ତିଙ୍କ ନେତୃତ୍ୱରେ ଆଠଗଡ-ତିଗିରିଆ ପୋଲିସ ମିଳିତ ଭାବେ ରାତି ପେଟ୍ରୋଲିଂ କଡାକଡି କରିଥିଲେ । ଏହି ପେଟ୍ରୋଲିଂ ସମୟରେ ଆଠଗଡ ଥାନା ସହକାରୀ ନିରିକ୍ଷକ ପ୍ରତିରଞ୍ଜନ ନାୟକ କନ୍ଦରପୁର ରାସ୍ତାରେ ଦୁଇଗୋଟି ଆଇଚର ଗାଡି ସଂଖ୍ୟା- ଏମଏଚ୦୪ ଏ ଇ- ୪୯୬୨,ଓ ଏମଏଚ୦୪ ଏଲ ୱାଇ- ୮୭୪୦ରେ ୧୨ ଜଣ ଦୁବୃତ୍ତ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଥିବା ଲୁହା ପାଇପକୁ ଗାଡି ୪୯୬୨ରେ ୧୪ ଗୋଟି ଏବଂ ୮୭୪୦ ଗାଡିରେ ୩ ଗୋଟିକୁ ଭର୍ତ୍ତୀ କରୁଥିଲେ । ଏହାକୁ ଦେଖି ଶ୍ରୀ ନାୟକ ପଚାରିବାରୁ ଦୁବୃତ୍ତ ମାନେ ଦୌଡି ପଳାଇବାକୁ ଆରମ୍ଭ କରିଥିଲେ । ଏବଂ ନିକଟରେ ଥିବା ଏକ କିଆ କାରପୋଲିସ ଜବତ କରିଛି। ଏହାସହିତ ୫ ଜଣକୁ ଗିରଫ କରିଥିବା ବେଳେ ଅନ୍ୟମାନେ ଖସି ପଳାଇବାର ସକ୍ଷମ ହୋଇଥିଲେ । ଗିରଫ ହୋଇଥିବା ୫ଜଣକ ମଧ୍ୟରୁ ୩ ଜଣ ଉତ୍ତର ପ୍ରଦେଶର ହୋଥିବାବେଳେ ୨ଜଣଙ୍କ ଘର ଆଠଗଡ ଅଞ୍ଚଳର ବୋଲି ଜଣାଯାଏ । ଏହି ଦୁବୃତ୍ତ ମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ପ୍ରକାଶ ।ପୁର୍ବରୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକାଦାରୀ ସଂସ୍ଥା କଳ୍ପତରୁ ପ୍ରୋଜେକ୍ଟ ଆଣ୍ଡ ଇଣ୍ଟରନ୍ୟାସନାଲ ଲିମିଟେଡ ସଂସ୍ଥା ପକ୍ଷରୁ ଏହିଭଳି ପାଇପ ମାନ ଚୋରି ହେଉଥିବାର ଅଭିଯୋଗ ବାରମ୍ବାର ପୁର୍ବରୁ କରାଯାଇଥିଲେ ମଧ୍ୟ ଆଠଗଡ ପୋଲିସ ସେହିଭଳି କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଅନ୍ୟପକ୍ଷରେ ଆଠଗଡ ସହର ଦେଇ କଟକ, ଭୁବନେଶ୍ୱର ସହିତ ସମ୍ବଲପୁର ରାଉରକେଲା ଦେଇ ବାହାର ରାଜ୍ୟକୁ ଯିବାର ରାସ୍ତା ହୋଇଥିବା ବେଳେ ବାହାର ରାଜ୍ୟ ଲୁଟେରା ଏହାକୁ ନିଜର ପେଷ୍ଟସ୍ଥଳି କରିଛନ୍ତି।

## ଓଡ଼ିଶାର ବକ୍ସାଇଟ୍, ଏକ ଆତ୍ମନିର୍ଭରଶୀଳ ଏବଂ ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ ପାଇଁ ଜରୁରି

# ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ଓଡ଼ିଶା ଏକ ପରିବର୍ତ୍ତନଶୀଳ ଅଗ୍ରଗତି ପାଇଁ ପ୍ରସ୍ତୁତ

ଭୁବନେଶ୍ୱର, (ସବ୍ୟୁ) : ଭାରତର ୫୧% ରୁ ଅଧିକ ବକ୍ସାଇଟ୍ ସଂରକ୍ଷଣ ସହିତ ଓଡ଼ିଶାବାସୀ ଏକ ଐତିହାସିକ ସନ୍ଧିକ୍ଷଣରେ ଠିଆ ହୋଇଛନ୍ତି । ଗୋଟିଏ ପଟେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗତିଶୀଳ ନେତୃତ୍ୱ ଅନ୍ତର୍ଭୁକ୍ତି ମୂଳକ ଅଭିବୃଦ୍ଧିର ଏକ ନୂତନ ଯୁଗର ଆରମ୍ଭ କରୁଛି । ଅନ୍ୟପକ୍ଷରେ, ଲଞ୍ଜିଗଡ଼ (କଳାହାଣ୍ଡି) ଆଲୁମିନା ରିଫାଇନାରୀ ଚାରିପାଖରେ ବିକାଶ କିପରି ଦାୟିତ୍ୱପୂର୍ଣ୍ଣ ଶିଳ୍ପ ପ୍ରୟାସ ଅର୍ଥପୂର୍ଣ୍ଣ ସାମାଜିକ ପରିବର୍ତ୍ତନ ଆଣିପାରେ ତାହାର ଏକ ଶକ୍ତିଶାଳୀ ଉଦାହରଣ ଭାବରେ ଠିଆ ହୋଇଛି । କଳାହାଣ୍ଡିରେ ଦେଖାଯାଇଥିବା ପ୍ରଗତି ପ୍ରାକୃତିକ ସମ୍ପଦ ବିକାଶକୁ ସାମୁଦାୟିକ ଉନ୍ନତି ସହିତ ସମନ୍ୱିତ କରିବାର ସମ୍ଭାବନାକୁ ପ୍ରତିଫଳିତ କରେ । ଐତିହାସିକ ଭାବରେ ଦୀର୍ଘକାଳୀନ କ୍ଷୁଧା, ଆର୍ଥିକ ହତାଶା ଏବଂ ଚରମ ଦାରିଦ୍ର୍ୟ ଦ୍ୱାରା ଚିହ୍ନିତ, କଳାହାଣ୍ଡି ଏହାର ସମୃଦ୍ଧ ପ୍ରାକୃତିକ ସମ୍ପଦ ସତ୍ତ୍ୱେ କୁଖ୍ୟାତ ଥିଲା । ଲାଞ୍ଜିଗଡ଼ (କଳାହାଣ୍ଡି) ଆଲୁମିନା ରିଫାଇନାରୀ ପ୍ରତିଷ୍ଠା ସହିତ ଏକ ନାଟକୀୟ ପରିବର୍ତ୍ତନର ଆରମ୍ଭ ହୋଇଥିଲା। ରାସ୍ତା, ସ୍ୱାସ୍ଥ୍ୟସେବା, ସ୍କୁଲ ଏବଂ ସ୍ଥାନୀୟ ଜୀବିକା ଯେଉଁଠାରେ ପୂର୍ବରୁ ନଥିଲା ସେଠାରେ ମୂଳ ସ୍ଥାପନ କରିଥିଲା। ତଥାପି ଏହି ଅଂଚଳର ଯାତ୍ରା ଅସମ୍ପୂର୍ଣ୍ଣ ରହିଛି । ଯଦି ସ୍ଥାନୀୟ ବକ୍ସାଇଟ୍ ଖଣି ଆରମ୍ଭ ହୁଏ, ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି କାର୍ଯ୍ୟରୁ ମିଳୁଥିବା ଲାଭର ୫% ସମାଜ ବିକାଶ ପାଇଁ ଆବଣ୍ଟିତ ହେବ। ଫଳସ୍ୱରୂପ, କଳାହାଣ୍ଡି ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତିଭୂମି ଏବଂ ଜୀବିକାରେ ସିଧାସଳଖ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇପାରିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ, ଓଡ଼ିଶା ପୂର୍ବରୁ ପ୍ରମୁଖ ସଫଳତା ହାସଲ କରିଛି। ତାଙ୍କର ପ୍ରମୁଖ ପଦକ୍ଷେପ ସୁଭଦ୍ରା ଯୋଜନା ଯେପରିକି ୫ ବର୍ଷ ପାଇଁ ବାର୍ଷିକ ଟ.୧୦,୦୦୦ ସହିତ ଏକ କୋଟିରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା, ଆର୍ଥିକ ସ୍ୱାଧୀନତା ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା । ଏହି ସମୟରେ, ଟ.୧୦,୦୦୦ କୋଟି ସହାୟତାରେ ନିର୍ମିତ ମହତ୍ୱାକାଂକ୍ଷୀ 'ବୀକସିତ ଗାଁ, ବୀକସିତ ଓଡ଼ିଶା' କାର୍ଯ୍ୟକ୍ରମ ୨୦୨୬ ସୁଦ୍ଧା ପ୍ରତ୍ୟେକ ଗାଁକୁ ପାନୀୟ ଜଳ ଯୋଗାଇବା ଏବଂ ଆସନ୍ତା ବର୍ଷ ସୁଦ୍ଧା ସଡ଼କ ସଂଯୋଗ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି। ସେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ ମାଧ୍ୟମରେ ଶିଳ୍ପାୟନକୁ ମଧ୍ୟ ନେତୃତ୍ୱ ଦେଇଛନ୍ତି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଏକ ଉଦୀୟମାନ ଶକ୍ତିକେନ୍ଦ୍ର ଭାବରେ ଆହୁରି ସ୍ଥାପିତ କରିଛି । ବର୍ତ୍ତମାନ ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କଳାହାଣ୍ଡିକୁ ସେହି ସମାନ ଧ୍ୟାନ ଆବଶ୍ୟକ । ପରବର୍ତ୍ତୀ ଲ କେବଳ ସ୍ଥାନୀୟ ବକ୍ସାଇଟ୍ ସଂରକ୍ଷଣ ଖୋଲିବା ମାଧ୍ୟମରେ ହୋଇପାରିବ, ଯାହା କେବଳ ଶିଳ୍ପ ଅଭିବୃଦ୍ଧି ନୁହେଁ ବରଂ ପ୍ରକୃତ ତୃଣମୂଳ ସମୃଦ୍ଧିକୁ ମୁକ୍ତ କରିବ ।

ଓଡ଼ିଶାର ପ୍ରଚୁର ସମ୍ପଦ ସତ୍ତ୍ୱେ, ରାଜ୍ୟରେ ଆଲୁମିନିୟମ୍ ରିଫାଇନାରୀଗୁଡ଼ିକ ଅନ୍ୟ ଅଂଚଳରୁ ବକ୍ସାଇଟ୍ ଆମଦାନି କରିବାକୁ ବାଧ୍ୟ ହେଉଛନ୍ତି । ଏହି ବିରୋଧାଭାସ କେବଳ ଓଡ଼ିଶାର ଆର୍ଥିକ ସମ୍ଭାବନାକୁ ବାଧା ଦେଉନାହିଁ ବରଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ମେକ୍ ଇନ୍ ଓଡ଼ିଶା' ଆହ୍ୱାନକୁ ମଧ୍ୟ ବିରୋଧ କରୁଛି, ଯାହା ଉତ୍କର୍ଷ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ପ୍ରଦାନ କରାଯାଇଥିଲା । ଏହା ସ୍ଥାନୀୟ ନିଯୁକ୍ତି, ଶିଳ୍ପ କ୍ଷମତା ନିର୍ମାଣ ଏବଂ ଅନ୍ତର୍ଭୁକ୍ତି ମୂଳକ ଅଭିବୃଦ୍ଧି ପାଇଁ ସୁଯୋଗକୁ ହରାଉଛି। କଳାହାଣ୍ଡିର ସ୍ଥାନୀୟ ବକ୍ସାଇଟ୍ ସଂରକ୍ଷଣ ଖୋଲିବା ଏହି ଅଂଚଳର ବିକାଶ ଯାତ୍ରାରେ ପରବର୍ତ୍ତୀ ଲ ହେବ। ଶିଳ୍ପ ପ୍ରସାର ବ୍ୟତୀତ, ଏହା ଆଗାମୀ ଦଶନ୍ଧି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଭିତିଭୂମି ଏବଂ ଜୀବିକାରେ ନିରନ୍ତର ନିବେଶ ସୁନିଶ୍ଚିତ କରି ସିଧାସଳଖ ସାମାଜିକ ଲାଭାଂଶ ପ୍ରଦାନ କରିବ। ଏହା କେବଳ ଖଣି ବିଷୟରେ ନୁହେଁ ଏହା ସମୃଦ୍ଧିର ଏକ ବୃତି ସୃଷ୍ଟି କରିବା ବିଷୟରେ ଯେଉଁଠାରେ ଓଡ଼ିଶାର ପ୍ରାକୃତିକ ସମ୍ପଦ ଏହାର ନିଜ ଲୋକଙ୍କ ସଶକ୍ତିକରଣକୁ ଇନ୍ଧନ ପ୍ରଦାନ କରେ । ତଥାପି, ଏହି ଦୃଷ୍ଟିକୋଣକୁ କେବଳ ସକ୍ରିୟ ସରକାରୀ ସମର୍ଥନ ସହିତ ସାକାର କରାଯାଇପାରିବ। ପରବର୍ତ୍ତୀ ଗ୍ରାମସଭା ଆୟୋଜନ ହେଉଛି ବକ୍ସାଇଟ୍ ସମ୍ଭାବନାକୁ ଉନ୍ମୁକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା କେବଳ ଶିଳ୍ପ ନିବେଶକୁ ସୁରକ୍ଷିତ କରିବା ନୁହେଁ ବରଂ ଦୁଇ ଦଶନ୍ଧି ଧରି କଠିନ ପରିଶ୍ରମ ସହିତ ନିର୍ମିତ ସାମାଜିକ-ଆର୍ଥିକ ଗତିକୁ ମଧ୍ୟ ସୁରକ୍ଷିତ ରଖିବ । ଓଡ଼ିଶାରେ ନେତୃତ୍ୱ, ସମ୍ବଳ ଏବଂ ଏକ ନୂତନ ସଫଳତାର କାହାଣୀ ଲେଖିବାର ମହତ୍ୱାକାଂକ୍ଷା ଅଛି, ଯାହା କେବଳ ଭାରତର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରେ ନାହିଁ ବରଂ ବିକାଶକୁ ଜୀବନର ଉନ୍ନତି ଏବଂ ଭବିଷ୍ୟତ ପରିବର୍ତ୍ତନରେ ମାପ କରାଯାଏ ତାହା ମଧ୍ୟ ନିଶ୍ଚିତ କରେ । ଓଡ଼ିଶା ଲୋକଙ୍କ ପାଇଁ, କଳାହାଣ୍ଡିର ଭବିଷ୍ୟତ ପାଇଁ ଏବଂ ପ୍ରକୃତ ସ୍ୱାବଲମ୍ବନ ଦିଗରେ ଭାରତର ଯାତ୍ରା ପାଇଁ କାର୍ଯ୍ୟ କରିବାର ସମୟ ଏବେ ଆସିଛି ।

# 'ଚିନ୍ମୟୀଚିନ୍ତନ' ଓ 'ଆସ ପାଠ ପଢ଼ିବା' ପାଠକାର୍ପିତ

ଭୁବନେଶ୍ୱର, (ସବ୍ୟୁ): ଲେଖିକା ଚିନ୍ମୟୀ ପଣ୍ଡାଙ୍କ ଦୁଇଟି ପୁସ୍ତକ 'ଚିନ୍ମୟୀଚିନ୍ତନ' ଓ ଶିଶୁକବିତା ସଂକଳନ 'ଆସ ପାଠ ପଢ଼ିବା' ପାଠକାର୍ପିତ ହୋଇଯାଇଛି । ଏହି ଅବସରରେ କରିବା ସହ ସାମ୍ପ୍ରତିକ ଘଟଣାବଳୀକୁ ନେଇ ଲେଖାଯାଇଥିବା ଅନେକ ନିବନ୍ଧ ଗୁଡ଼ିକର ପାଠକୀୟତା ରହିଛି । ଏହା ବର୍ତ୍ତମାନ ଯୁବପିଢ଼ୀ ପାଇଁ ପ୍ରେରଣାପଦ ବୋଲିମତ ଦେଇଥିଲେ । 'ତୀରତରଙ୍ଗ ପ୍ରକାଶନ ଦ୍ୱାରା' ସ୍ପର୍ଶ କରେ । କାଳଜୟୀ ଲେଖା ହେଉଛି ମଣିଷର ବୌଦ୍ଧିକ ଅଭିବୃଦ୍ଧି । ସମ୍ମାନିତ ଅତିଥି 'ଝୁମୁକା'ରସମ୍ପାଦକ ମାନସ ରଞ୍ଜନ ସାମଲ, ଶିଶୁସାହିତ୍ୟରେ ପାଠକ, ଲେଖକ ଓ




ଜୟଦେବ ଭବନଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ସାହିତ୍ୟିକା ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଜୟନ୍ତୀ ରଥ କହିଥିଲେ ଯେ, ଗୋଟିଏ ଭଲ ପୁସ୍ତକ ଭଲ ମଣିଷ ଗଢ଼ିବା ପାଇଁ ଯଥେଷ୍ଟ । ଗଭୀର ଅଧ୍ୟୟନ ଓ ଚିନ୍ତନ ହିଁ ମଣିଷକୁ ସଫଳକରାଏ । 'ଚିନ୍ମୟୀଚିନ୍ତନ' ନିବନ୍ଧ ପୁସ୍ତକକୁ ଶ୍ରୀମତୀ ରଥ ସମୀକ୍ଷା ପ୍ରକାଶିତଏହି ଦୁଇ ପୁସ୍ତକ ସମ୍ପର୍କରେ ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ମହାପାତ୍ର କହିଥିଲେ ଯେ, ଲେଖିବା ପାଇଁ ଭଲ ଅନୁଭବ ଦରକାର ଏବଂ ଗୋଟିଏ ଭଲ ପୁସ୍ତକ ପାଇଁ ଭଲ ଲେଖକର ଆବଶ୍ୟକତା ରହିଛି । ପ୍ରକାଶିକା ବନ୍ଦନା ମିଶ୍ରମତ ଦେଇଥିଲେ ଯେ, ଲେଖକର ଲେଖାରେ ଭଲ ବାର୍ତ୍ତାରହିଲେ ପାଠକର ହୃଦୟକୁ ତାହା ପ୍ରକାଶକ ତ୍ରିବେଣୀସଂଗମ ହେଲେ ପୁସ୍ତକର ଆଦର ବୃଦ୍ଧି ପାଇବ ବୋଲି ମତ ଦେଇଥିଲେ । ଦୁଇଟି ପୁସ୍ତକ ପ୍ରକାଶନ ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିବା ସହ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଲେଖିକା ଚିନ୍ମୟୀ ପଣ୍ଡା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅନନ୍ୟା ଅନ୍ୱେଷଣା । ଏହି ଉତ୍ସବରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଜମ୍ମୁ ଓ କଶ୍ମୀରର ୨୦ଟି ସ୍ଥାନରେ ପୋଲିସର ଚଢଉ

ଶ୍ରୀନଗର : ଜମ୍ମୁ-କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକଙ୍କ ବିରୋଧରେ ସୁରକ୍ଷା ବାହିନୀର ଅଭିଯାନ ତୀବ୍ର ହୋଇଛି । ଏହି ସମୟରେ, ରାଜ୍ୟ ପୋଲିସର ତଦନ୍ତକାରୀ ସଂସ୍ଥାକୁ ଏକ ବଡ଼ ସଫଳତା ମିଳିଛି । ଦକ୍ଷିଣ କାଶ୍ମୀରରେ ୨୦ଟି ସ୍ଥାନରେ ଚଢାଉ କରି ପୋଲିସ ଏକ ଆତଙ୍କୀ ସ୍ଲିପର ସେଲ୍ ମଡ୍ୟୁଲର ପର୍ଦ୍ଦାଫାଶ କରିଛି । ଚଢଉ ସମୟରେ, ବହୁ ପରିମାଣର ଆପତ୍ତିଜନକ ଜିନିଷ ଉଦ୍ଧାର କରାଯାଇଥିଲା । ଏହା ସହିତ, କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି, ଯେଉଁମାନଙ୍କୁ ପଚରାଉଚରା କରାଯାଉଛି ।

ବୈଷୟିକ ଗୁଇନ୍ଦା ସୂଚନାରୁ ଜଣାପଡିଛି ଯେ କାଶ୍ମୀରର ଅନେକ ସ୍ଲିପର ସେଲ୍ ପାକିସ୍ତାନରେ ବସିଥିବା ସେମାନଙ୍କ ମାଲିକମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ ଏବଂ ହ୍ୱାଟ୍ସଆପ୍, ଟେଲିଗ୍ରାମ, ସିଗନାଲ ଇତ୍ୟାଦି ମେସେଜିଂ ଆପ୍ ମାଧ୍ୟମରେ ସୁରକ୍ଷା ବାହିନୀ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଏବଂ ରଣନୈତିକ ସୂଚନା ପ୍ରଦାନ କରିବାରେ ସମ୍ପୃକ୍ତ ଥିଲେ ।

ରାଜ୍ୟ ତଦନ୍ତ ସଂସ୍ଥା (ଏସଆଇଏ) ଏକ ବିଜ୍ଞପ୍ତିରେ କହିଛି ଯେ ଜମ୍ମୁ ଏବଂ କାଶ୍ମୀର ପୋଲିସ କାଶ୍ମୀରରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସହଯୋଗୀ ଏବଂ ଓଭର ଗ୍ରାଉଣ୍ଡ ୱାର୍କର୍ସ ଉପରେ ନଜର ରଖିଛି । ବୈଷୟିକ ଗୁଇନ୍ଦା ସୂଚନାରୁ ଜଣାପଡିଛି ଯେ କାଶ୍ମୀରର ଅନେକ ସ୍ଲିପର ସେଲ୍ ପାକିସ୍ତାନରେ ବସିଥିବା ସେମାନଙ୍କ ମାଲିକମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ ଏବଂ ହ୍ୱାଟ୍ସଆପ୍, ଟେଲିଗ୍ରାମ, ସିଗନାଲ ଇତ୍ୟାଦି ମେସେଜିଂ ଆପ୍ ମାଧ୍ୟମରେ ସୁରକ୍ଷା ବାହିନୀ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଏବଂ ରଣନୈତିକ ସୂଚନା ପ୍ରଦାନ କରିବାରେ ସମ୍ପୃକ୍ତ ଥିଲେ । କୁହାଯାଉଛି ଯେ ଏହି ଆତଙ୍କବାଦୀ ସହଯୋଗୀମାନେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଆତଙ୍କବାଦୀ କମାଣ୍ଡରଙ୍କ ନିର୍ଦ୍ଦେଶରେ ଅନଲାଇନ୍ ମୌଳିକ ପ୍ରଚାରରେ ମଧ୍ୟ ସାମିଲ ଥିଲେ, ଯାହା ଜାତୀୟ ସୁରକ୍ଷା ଏବଂ ଅଖଣ୍ଡତାକୁ ବିପଦରେ ପକାଇଥିଲା ।

# ପାକ୍ ଦେଖିଥିବ ବ୍ରହ୍ମୋସର ଶକ୍ତି : ରାଜନାଥ

ଲକ୍ଷ୍ନୌ: ରାଜ୍ୟ ରାଜଧାନୀ ଲକ୍ଷ୍ନୌ ରବିବାର ପ୍ରତିରକ୍ଷା କ୍ଷେତ୍ରରେ ଏକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି । ଲକ୍ଷ୍ନୌରେ ବ୍ରହ୍ମୋସ ଏରୋସ୍ପେସ୍ ଏବଂ ପରୀକ୍ଷଣ ସୁବିଧାକୁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭର୍ଚୁଆଲ୍ ଭାବରେ ଉଦଘାଟନ କରିଥିଲେ ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସ୍ୱପ୍ନର ପ୍ରକଳ୍ପ, ଉତ୍ତର ପ୍ରଦେଶ ପ୍ରତିରକ୍ଷା ଶିଳ୍ପ କରିଡରର ଲକ୍ଷ୍ନୌ ନୋଡରେ ବିଶ୍ୱର ସବୁଠାରୁ ଧ୍ୱଂସକାରୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ'ର ଉତ୍ପାଦନ ୟୁନିଟ୍ ଉଦଘାଟନ କରାଯାଇଛି । ଏଠାରେ ବିଶ୍ୱର ସବୁଠାରୁ ଦ୍ରୁତତମ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟରୁ ଗୋଟିଏ ନିର୍ମାଣ କରିବ, ଯାହାର ରେଞ୍ଜ ୨୯୦ ରୁ ୪୦୦ କିଲୋମିଟର ଏବଂ ସର୍ବାଧିକ ଗତି ମାକ୍ ୨.୮ ହେବ ।

ଏହି ଅବସରରେ ୟୁପି ସିଏମ୍ କହିଛନ୍ତି ଯେ, ଅପରେସନ ସିନ୍ଦୂର ସମୟରେ ବ୍ରହ୍ମୋସ କ୍ଷେପଣାସ୍ତ୍ରର ଶକ୍ତିର ଏକ ଝଲକ ଦେଖାଯାଇଥିଲା ଏବଂ ଯଦି ଏହା ଯଥେଷ୍ଟ ନୁହେଁ ତେବେ ପାକିସ୍ତାନର ଲୋକମାନଙ୍କୁ ଏହା ବିଷୟରେ ପଚାରିବେ । ସେ କହିଛନ୍ତି ଯେ, ଆତଙ୍କବାଦକୁ ଦମନ କରିବାର ସମୟ ଆସିଛି ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସମଗ୍ର ଦେଶକୁ ଏକତ୍ରିତ ହେବାକୁ ପଡିବ ।




ଲକ୍ଷ୍ନୌରେ ଆରମ୍ଭ ହୋଇଥିବା ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଆଣ୍ଡ୍ ପରୀକ୍ଷଣ ସୁବିଧାରୁ ପ୍ରତିବର୍ଷ ୮୦ ରୁ ୧୦୦ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉତ୍ପାଦନ କରାଯିବ । ଏହା ବ୍ୟତୀତ ପ୍ରତିବର୍ଷ ୧୦୦ ରୁ ୧୫୦ଟି ବ୍ରହ୍ମୋସ କ୍ଷେପଣାସ୍ତ୍ରର ନିର୍ମାଣ କରାଯିବ । ଏହି କ୍ଷେପଣାସ୍ତ୍ରଗୁଡ଼ିକ ଗୋଟିଏ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଯିବ ।

ଏପର୍ଯ୍ୟନ୍ତ ସୁଖୋଇ ଭଳି ଲଢୁଆ ବିମାନ କେବଳ ଗୋଟିଏ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବହନ କରିପାରୁଥିଲା, କିନ୍ତୁ ଏବେ ସେମାନେ ନୂତନ ପୀଢ଼ିର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ବହନ କରିପାରିବେ ।

ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୦୦ କିଲୋମିଟରରୁ ଅଧିକ ହେବ ଏବଂ ଏହାର ଓଜନ ୧,୨୯୦ କିଲୋଗ୍ରାମ ହେବ । ବର୍ତ୍ତମାନର ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଓଜନ ୨,୯୦୦ କିଲୋଗ୍ରାମ ରହିଛି ।

ରବିବାର ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ । ୧୯୯୮ ମସିହାରେ ଏହି ଦିନ, ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ, ଆମର ବୈଜ୍ଞାନିକମାନେ ପୋଖରାନରେ ପରମାଣୁ ପରୀକ୍ଷଣ କରିଥିଲେ ଏବଂ ବିଶ୍ୱକୁ ଭାରତର ଶକ୍ତି ଦେଖାଇଥିଲେ । ସେହି ପରୀକ୍ଷଣ ଆମର ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତିରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଅପାର ପ୍ରୟାସର ଫଳାଫଳ ଥିଲା ।

ଏହି ଅବସରରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବ୍ରହ୍ମୋସର ଶକ୍ତି ବିଷୟରେ ବ୍ୟାଖ୍ୟା କରି କହିଛନ୍ତି, ଆପଣମାନେ ସମସ୍ତେ ଜାଣନ୍ତି ଯେ, ବ୍ରହ୍ମୋସ ବିଶ୍ୱର ସବୁଠାରୁ ଦ୍ରୁତତମ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟରୁ ଗୋଟିଏ । କିନ୍ତୁ ବ୍ରହ୍ମୋସ କେବଳ ଏକ ଅସ୍ତ୍ର ନୁହେଁ, ଏହା ନିଜେ ଏକ ବାର୍ତ୍ତା । ଆମର ସଶସ୍ତ୍ର ବାହିନୀର ଶକ୍ତି, ଆମର ଶତ୍ରୁମାନଙ୍କ ପ୍ରତି ଆମର ପ୍ରତିରୋଧ ଏବଂ ଆମର ସୀମାକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତା ।

ଟାଇଟାନିୟମ୍ ଏବଂ ସୁପର ଆଲୟଜ୍ ସାମଗ୍ରୀ ପ୍ଲାଣ୍ଟ (ଷ୍ଟ୍ରାଟେଜିକ୍ ସାମଗ୍ରୀ ପ୍ରଯୁକ୍ତିବିଦ୍ୟା କମ୍ପ୍ଲେକ୍ସ) ଉଦଘାଟିତ ହୋଇଛି । ଏହା ମହାକାଶ ଏବଂ ପ୍ରତିରକ୍ଷା ଉତ୍ପାଦନରେ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କରିବାକୁ ସକ୍ଷମ ହେବ ।

ଏହା ସହିତ, ପ୍ରତିରକ୍ଷା ପରୀକ୍ଷଣ ଭିତ୍ତିଭୂମି ପ୍ରଣାଳୀ (ଡିଟିଆଇଏସ) ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରତିରକ୍ଷା ଉତ୍ପାଦଗୁଡ଼ିକର ପରୀକ୍ଷଣ ଏବଂ ପ୍ରମାଣୀକରଣ ପାଇଁ ଡିଟିଆଇଏସର ବ୍ୟବହାର କରାଯିବ ।

ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ମାଗଣାରେ ପ୍ରଦାନ କରାଯାଇଥିବା ୮୦ ହେକ୍ଟର ଜମିରେ ନିର୍ମିତ ବ୍ରହ୍ମୋସ୍ ଉତ୍ପାଦନ ୟୁନିଟ୍ ସାଢ଼େ ତିନି ବର୍ଷ ମଧ୍ୟରେ ସମାପ୍ତ ହୋଇଥିଲା ।

ସୂଚନାଯୋଗ୍ୟ, ୟୁପି ପ୍ରତିରକ୍ଷା ଶିଳ୍ପ କରିଡରରେ ଲକ୍ଷ୍ନୌ, କାନପୁର, ଆଲିଗଡ଼, ଆଗ୍ରା, ଝାନ୍ସୀ ଏବଂ ଚିତ୍ରକୁଟ ଆଦି ଛଅଟି ନୋଡ୍ ଅଛି । ଏସବୁ ପ୍ରତିରକ୍ଷା ନିବେଶକୁ ଆକର୍ଷିତ କରିବା ଲକ୍ଷ୍ୟ ରଖିଛି । ଏପରି କରିଡର ପ୍ରତିଷ୍ଠା କରିବାରେ ତାମିଲନାଡୁ ପରେ ଉତ୍ତରପ୍ରଦେଶ ଦ୍ୱିତୀୟ ରାଜ୍ୟ ବୋଲି ବିବୃତିରେ କୁହାଯାଇଛି ।

# ପାକିସ୍ତାନ କ'ଣ ପରମାଣୁ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲା?

ୱାଶିଂଟନ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ହଠାତ୍ ଯୁଦ୍ଧବିରତି ଅନେକ ପ୍ରଶ୍ନ ଉଠାଇଛି । ଯଦିଓ ଏହି ଯୁଦ୍ଧରେ ଭାରତ ପ୍ରାଧାନ୍ୟ ବିସ୍ତାର କରୁଥିଲା । ଏବେ ବିରୋଧୀ ଦଳ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଭିନ୍ନ ପ୍ରଶ୍ନ କରି ଟାର୍ଗେଟ କରୁଛନ୍ତି । ଏପରି ପରିସ୍ଥିତିରେ କ'ଣ ହେଲା ଯେ, ଦୁଇ ଦିନ ପୂର୍ବରୁ ଯେଉଁ ଆମେରିକା କହୁଥିଲା ଭାରତ ଏବଂ ପାକିସ୍ତାନ ପ୍ରସଙ୍ଗ ସହିତ ଆମର କୌଣସି ସମ୍ପର୍କ ନାହିଁ, ହଠାତ୍ କାହିଁକି ଏବଂ କିଭଳି ପଛକୁ ଫେରି ଯୁଦ୍ଧବିରତି ନିର୍ଦ୍ଦେଶ ଦେଇଥିଲା । ତେବେ ଯୁଦ୍ଧବିରତିର ପରଦା ପଛର କାହାଣୀ ନେଇ ଚର୍ଚ୍ଚା ହେଉଛି ।

ଭାରତୀୟ ଆକ୍ରମଣ ଦ୍ୱାରା ନୁର ଖାନ ଏୟାରବେସ ଧ୍ୱଂସ ହେବା ପରେ ପାକିସ୍ତାନ ବହୁତ ଭୟଭୀତ ହୋଇଯାଇଥିଲା । ପାକିସ୍ତାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭୁଶୁଡ଼ି ପଡ଼ିଥିଲା ଏବଂ ଭାରତୀୟ କ୍ଷେପଣାସ୍ତ୍ରକୁ ପ୍ରତିହତ କରିବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିଲା । ଯେତେବେଳେ ସେ ପର୍ଯ୍ୟନ୍ତ ଭାରତ କେବଳ ଏଭଳି ଅସ୍ତ୍ର ବ୍ୟବହାର କରୁଥିଲା ଯାହା ବହୁତ କମ୍ ଧ୍ୱଂସ ଘଟାଇଥିଲା । ଏହା ଦେଖାଯାଉଥିଲା ଯେପରି ଭାରତ ଆଗାମୀ କିଛି ଘଣ୍ଟା ମଧ୍ୟରେ ପାକିସ୍ତାନର ସମସ୍ତ ସାମରିକ ଘାଟି ଏବଂ ଅସ୍ତ୍ରଶସ୍ତ୍ର ଡିପୋକୁ ଧ୍ୱଂସ କରିବାକୁ ଯାଉଛି । ଏପରି ପରିସ୍ଥିତିରେ, ଭାରତ ପାଖରେ ପାକିସ୍ତାନକୁ ଶିକ୍ଷା ଦେବାର ସୁଯୋଗ ଥିଲା, କିନ୍ତୁ ଏହି ସମୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କଲେ ଏବଂ ତା'ପରେ ଯୁଦ୍ଧବିରତି ଘୋଷଣା କରାଗଲା । ତେବେ ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କ'ଣ କହିଥିଲେ, କ'ଣ ଥିଲା 'ବିପଜ୍ଜନକ ଗୁଇନ୍ଦା' ସୂଚନା, ଯାହା ଜାଣିବା ପରେ ଭାରତ ଯୁଦ୍ଧବିରତି ପାଇଁ ପ୍ରସ୍ତୁତ ହେଲା? ଆମେରିକା କିଛି ଗୁପ୍ତ ସୂଚନା ପାଇଥିଲା ଯାହା ବହୁତ ବିପଦପୂର୍ଣ୍ଣ ଥିଲା ।

ଏହି ସୂଚନା ଏତେ ସମ୍ବେଦନଶୀଳ ଥିଲା ଯେ, ଟ୍ରମ୍ପ ପ୍ରଶାସନକୁ ହଠାତ୍ ହସ୍ତକ୍ଷେପ କରି ଯୁଦ୍ଧବିରତି ପାଇଁ ଭାରତ ସହିତ କଥା ହେବାକୁ ପଡିଲା । ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ ଭୟଭୀତ ହୋଇଥିଲେ ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇପାରେ, ଯାହା ଫଳରେ ପରମାଣୁ ଯୁଦ୍ଧ ହୋଇପାରେ ।

ଗୁଇନ୍ଦା ରିପୋର୍ଟ ପାଇବା ପରେ, ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ତୁରନ୍ତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଥିଲେ ଏବଂ ଗୁଇନ୍ଦା ସୂଚନା ପ୍ରଦାନ କରିବା ପରେ, ପାକିସ୍ତାନ ସହିତ ସିଧାସଳଖ ଆଲୋଚନା ମାଧ୍ୟମରେ ଯୁଦ୍ଧବିରତି ସମାଧାନ ଖୋଜିବା ପାଇଁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । ତାଙ୍କ ଟେଲିଫୋନ କଲର ଉଦ୍ଦେଶ୍ୟ ଥିଲା ଭାରତକୁ ସିଧାସଳଖ ଯୁଦ୍ଧ ଏଡାଇବା ପାଇଁ ପରାମର୍ଶ ଦେବା ।

ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ, ଗୁପ୍ତଚର ସୂଚନା ପାଇବା ପରେ, ଜେଡି ଭାନ୍ସ ତୁରନ୍ତ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ତାଙ୍କ ସହ ସୂଚନା ବାଣ୍ଟିଥିଲେ ଏବଂ ଏହା ପରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଥିଲେ । ଏହି ସମୟରେ ଜେଡି ଭାନ୍ସ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କହିଥିଲେ ଯେ, ଆମେରିକା ଆକଳନ କରୁଛି ଯେ, ଯଦି ଏହି ସଂଘର୍ଷ ଆଉ ଦୁଇ ଦିନ ଜାରି ରହେ, ତେବେ ଏହି ଯୁଦ୍ଧ ଏକ ନାଟକୀୟ ପରିଣାମ ଆଡ଼କୁ ମୋଡ଼ି ଯାଇପାରେ । ଯଦିଓ ଆମେରିକୀୟ ଅଧିକାରୀମାନେ ଗୁପ୍ତଚର କ'ଣ ଏବଂ ଯୁଦ୍ଧ ଏତେ ନାଟକୀୟ ଶେଷକୁ ମୋଡ଼ି ହେବାର ଅର୍ଥ କ'ଣ ତାହା କହି ନଥିଲେ, ସିଏନଏନ ରିପୋର୍ଟରେ କହିଛି ଯେ, ତିନି ଜଣ ଆମେରିକୀୟ ଅଧିକାରୀ ଭାରତ-ପାକିସ୍ତାନ ଯୁଦ୍ଧ ଉପରେ ନିରନ୍ତର ନଜର ରଖୁଥିଲେ ।

ଏମାନଙ୍କ ମଧ୍ୟରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ, ବୈଦେଶିକ ସଚିବ ମାର୍କୋ ରୁବିଓ, ଯିଏ ବର୍ତ୍ତମାନ ଜାତୀୟ ସୁରକ୍ଷା ପରାମର୍ଶଦାତା, ଏବଂ ହ୍ୱାଇଟ୍ ହାଉସ୍ ଚିଫ୍ ଅଫ୍ ଷ୍ଟାଫ୍ ସୁସି ୱାଇଲ୍ସ ଅନ୍ତର୍ଭୁକ୍ତ । ସେମାନେ ପ୍ରତ୍ୟେକ ପରିସ୍ଥିତି ବିଷୟରେ ନିରନ୍ତର ସୂଚନା ନେଉଥିଲେ, କିନ୍ତୁ 'ବିପଜ୍ଜନକ ସୂଚନା' ପାଇବା ମାତ୍ରେ ସେମାନେ ତୁରନ୍ତ ଯୁଦ୍ଧ ବନ୍ଦ କରିବା ପାଇଁ ଭୂମିକା ଗ୍ରହଣ କରିବା ଆରମ୍ଭ କରିଥିଲେ । ଅଧିକାରୀମାନେ ସେହି ଗୁପ୍ତ ସୂଚନା ପ୍ରକାଶ କରିବାକୁ ମନା କରିଦେଇଥିଲେ ।

# କରାଚୀ ଉପରେ ଆମର ନଜର ଥିଲା : ନୌସେନା

ନୂଆଦିଲ୍ଲୀ: ଭାରତୀୟ ନୌସେନା କହିଛି ଯେ ଅପରେସନ ସିନ୍ଦୂର ଅଧୀନରେ, ନୌସେନା ସମୁଦ୍ରରୁ ପାକିସ୍ତାନର ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଥିଲା । ଏଥିରେ କରାଚୀ ବନ୍ଦର ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଭାରତୀୟ ନୌସେନାର ନୌସେନା ଅପରେସନ୍ସ (ଡିଜିଏନଓ) ମହାନିର୍ଦ୍ଦେଶକ, ଭାଇସ୍ ଆଡମିରାଲ ଏ.ଏନ୍. ପ୍ରମୋଦ କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ, ଭାରତୀୟ ନୌସେନାର ବିମାନ ବାହକ ଯୁଦ୍ଧ ଜାହାଜ, ଫ୍ରିଗେଟ୍, ବୁଡ଼ାଜାହାଜ ଏବଂ ନୌସେନା ବିମାନଗୁଡ଼ିକୁ ସମ୍ପୂର୍ଣ୍ଣ ଯୁଦ୍ଧ ପ୍ରସ୍ତୁତିରେ ସମୁଦ୍ରରେ ମୁତୟନ କରାଯାଇଥିଲା ।

ସେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ୯୬ ଘଣ୍ଟା ମଧ୍ୟରେ, ଆମେ ଆରବ ସାଗରରେ ଅନେକ ଅସ୍ତ୍ର ପରୀକ୍ଷଣ କରି ଆମର ରଣନୀତି ଏବଂ ଅପରେସନ୍ସ ପ୍ରକ୍ରିୟାକୁ ପରୀକ୍ଷଣ ଏବଂ ଉନ୍ନତ କରିଥିଲୁ । ଭାରତୀୟ ନୌସେନାର ଶକ୍ତିଶାଳୀ ଉପସ୍ଥିତି ପାକିସ୍ତାନକୁ ତାର ନୌସେନା ଏବଂ ବାୟୁସେନାକୁ ବନ୍ଦର ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ସୀମିତ ରଖିବାକୁ ବାଧ୍ୟ କରିଥିଲା, ଯାହା ଉପରେ ନିରନ୍ତର ନଜର ରଖାଯାଇଥିଲା । ଭାଇସ୍ ଆଡମିରାଲ ପ୍ରମୋଦ କହିଛନ୍ତି ଯେ ଆମେ ଏପରି ସ୍ଥାନଗୁଡ଼ିକୁ ଟାର୍ଗେଟ କରିବା ପାଇଁ ପ୍ରସ୍ତୁତି କରିଥିଲୁ ଯେଉଁଠାରେ ଆବଶ୍ୟକ ହେଲେ ଆକ୍ରମଣ କରାଯାଇପାରିବ ।

# ୧୯୭୧ ଯୁଦ୍ଧ ଅଲଗା ଥିଲା : ଶଶି ଥରୁର

ନୂଆଦିଲ୍ଲୀ: ୧୯୭୧ ମସିହାରେ ହୋଇଥିବା ଯୁଦ୍ଧକୁ ବର୍ତ୍ତମାନ ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ସହ ତୁଳନା କରାଯାଉଛି । ଏଥିସହିତ ସୋସିଆଲ ମିଡିଆରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ



ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକୁ ମଧ୍ୟ ତୁଳନା କରଯାଉଛି । ଏହାକୁ ନେଇ କଂଗ୍ରେସ ସାଂସଦ ଶଶି ଥରୁର କହିଛନ୍ତି ଯେ ସେତେବେଳେର ପରିସ୍ଥିତି ସମ୍ପୂର୍ଣ ଅଲଗା ଥିଲା ଓ ୧୯୭୧ ମସିହାର ଯୁଦ୍ଧ ଏକ ବଡ଼ ସଫଳତା ମଧ୍ୟ ଥିଲା । ସେତେବେଳେ ଇନ୍ଦିରା ଗାନ୍ଧୀ ଉପମହାଦେଶର ମାନଚିତ୍ରକୁ ପୁନଃ ଲେଖିଥିଲେ ।

ସେତେବେଳେ ବାଂଲାଦେଶ ଏକ ନୈତିକ ଉଦ୍ଦେଶ୍ୟ ପାଇଁ ଲଢୁଥିଲା ଏବଂ ଏହାକୁ ମୁକ୍ତ କରିବା ଏକ ସ୍ପଷ୍ଟ ଉଦ୍ଦେଶ୍ୟ ଥିଲା । ତେବେ ଭାରତ ସହିତ ଯୁଦ୍ଧବିରତି ଚୁକ୍ତିନାମା ହେବାର କିଛି ଘଣ୍ଟା ପରେ ପାକିସ୍ତାନ ପୁଣି ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ଯାହାକୁ ନେଇ ସେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ । ପାକିସ୍ତାନକୁ ନିନ୍ଦା କରି ନିଜର ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ନିଜ କଥାରୁ ଓହରି ଯିବା ପାକିସ୍ତାନର ସ୍ୱଭାବ ଓ ପାକିସ୍ତାନ ବିଶ୍ୱାସର ଯୋଗ୍ୟ ନୁହେଁ । ଯେତେବେଳେ ଉଭୟ ଦେଶ ଅସ୍ତ୍ରବିରତି ଘୋଷଣା କରିଥିଲେ, ଶଶି ଏଥିରେ ଖୁସି ପ୍ରକାଶ କରିଥିବା କଥା କହିଥିଲେ । ଭାରତ କେବେ ବି ଲମ୍ବା ସମୟ ପାଇଁ ଯୁଦ୍ଧ କରିବାକୁ ଚାହୁଁନଥିଲା କିନ୍ତୁ ଆତଙ୍କବାଦୀ ମାନଙ୍କୁ ମଧ୍ୟ କଡା ଜବାବ ଦେବା ଜରୁରୀ ଥିଲା ଯାହାକି ସେମାନଙ୍କୁ ମିଳିସାରିଛି । ତେବେ ଗତ ଶନିବାର ରାତିରେ ଉଭୟ ଦେଶ ସମସ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ରାଜି ହେବା ପରେ ଜମ୍ମୁର ସୀମା ପାର ଠାରେ କୌଣସି ପ୍ରକାରର ଗୁଳିବର୍ଷା କିମ୍ବା ଡ୍ରୋନ୍ କାର୍ଯ୍ୟକଳାପର ରିପୋର୍ଟ ମିଳିନଥିବା କଥା ରବିବାର ଅଧିକାରୀମାନେ କହିଛନ୍ତି ।

# ପାକିସ୍ତାନ ପାଇଁ କାମ କରୁଥିବା ଦୁଇ ଗୁପ୍ତଚର ଗିରଫ




ପଞ୍ଜାବ:ପାକିସ୍ତାନ ପାଇଁ ଗୁପ୍ତଚରୀ କାର୍ଯ୍ୟ କରିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ପଞ୍ଜାବ ପୋଲିସ । ଉଭୟ ଗୁପ୍ତଚର ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସର ଜଣେ ଅଧିକାରୀଙ୍କ ସହ ସମ୍ପର୍କରେ ଥିଲେ । ତାଙ୍କ ନିର୍ଦ୍ଦେଶରେ କାମ କରୁଥିଲେ । ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ରବିବାର ଏହି ସୂଚନା ଦେଇଛନ୍ତି ।

ଦୁହେଁ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସ ସହିତ ଯୋଗାଯୋଗରେ ଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ଗୋପନୀୟ ସୂଚନା ବଦଳରେ ଅନଲାଇନ୍ କାରବାର ମାଧ୍ୟମରେ ପେମେଣ୍ଟ ପାଉଥିଲେ । ଦୁହେଁ ହ୍ୟାଣ୍ଡଲରଙ୍କ ସହ ନିରନ୍ତର ଯୋଗାଯୋଗରେ ଥିଲେ ଏବଂ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ୟ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କୁ ପାଣ୍ଠି ପହଞ୍ଚାଇବାରେ ଜଡିତ ଥିଲେ ।

ଡିଜିପି ଗୌରବ ଯାଦବ କହିଛନ୍ତି ଯେ, ନିର୍ଭରଯୋଗ୍ୟ ଗୁଇନ୍ଦା ସୂଚନା ଆଧାରରେ ତଦନ୍ତ କରାଯାଇଥିଲା । ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଭାରତୀୟ ସେନାର କାର୍ଯ୍ୟକଳାପ ବିଷୟରେ ସମ୍ବେଦନଶୀଳ ସୂଚନା ଜଣେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କୁ ଲିକ୍ କରିବା ଅଭିଯୋଗରେ ଗିରଫ କରାଯାଇଛି । ତାଙ୍କ ଚିହ୍ନଟ ପରେ, ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ହେପାଜତକୁ ନିଆଯାଇଛି । ଅଭିଯୋଗ ହୋଇଛି ଯେ ସେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗରେ ଥିଲେ ଏବଂ ପାକିସ୍ତାନୀ ହ୍ୟାଣ୍ଡଲରମାନଙ୍କୁ ସୂଚନା ଦେଉଥିଲେ ।

ତାଙ୍କଠାରୁ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଉଦ୍ଧାର କରାଯାଇଛି । ସେ କହିଛନ୍ତି ଯେ, ଏହି ଅପରେସନ ସୀମାପାର ଗୁପ୍ତଚର ନେଟୱାର୍କକୁ ଭାଙ୍ଗିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଜାତୀୟ ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ । ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଅଧିକ ତଦନ୍ତ କରାଯିବ, ଯାହା ଆର୍ଥିକ ସୁରାଗ ଟ୍ରେସ୍ କରିବା ଏବଂ ନେଟୱାର୍କ ମଧ୍ୟରେ ଅତିରିକ୍ତ କାର୍ଯ୍ୟକର୍ତ୍ତା ଏବଂ ସମ୍ପର୍କକୁ ଚିହ୍ନଟ କରିବା ଉପରେ ଧ୍ୟାନ ଦେବ ।

# ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବି କଲା କଂଗ୍ରେସ


ନୂଆଦିଲ୍ଲୀ: ଅସ୍ତ୍ରବିରତି ନେଇ ଟ୍ରମ୍ପଙ୍କ ଟ୍ୱିଟ୍ ପରେ, ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିରୋଧୀ । କେଉଁ ପରିସ୍ଥିତିରେ ଅସ୍ତ୍ରବିରତି ନେଇ ସହମତି ହେଲା, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯାହାକୁ ନେଇ ଏବେ ମୋର୍ଚ୍ଚା ଖୋଲିଛି କଂଗ୍ରେସ । ପ୍ରଥମେ କଂଗ୍ରେସ ନେତା ଜୟରାମ ରମେଶ ସମର୍ବଦଳୀୟ ବୈଠକ ନେଇ ଦାବି କରିବା ପରେ ଏବେ ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ଅସ୍ତ୍ରବିରତି ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଦାବି କରିଛନ୍ତି ।



ଭାରତ ଏବଂ ପାକିସ୍ତାନ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଏବଂ ଅସ୍ତ୍ରବିରତି ଘୋଷଣା ପରେ, କଂଗ୍ରେସ ଏବେ ମୋଦି ସରକାରଙ୍କ ଉପରେ ଆକ୍ରମଣାତ୍ମକ ହୋଇ ଉଠିଛି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖି ପହଲଗାମ ଆତଙ୍କବାଦୀ ଆକ୍ରମଣ, ଅପରେସନ ସିନ୍ଦୂର ଏବଂ ଆମେରିକାର ଅସ୍ତ୍ରବିରତି ଘୋଷଣା ଉପରେ ଆଲୋଚନା କରିବା ପାଇଁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି କରିଛନ୍ତି । ପୂର୍ବରୁ ଜୟରାମ ରମେଶ ଏବଂ ସଚିନ ପାଇଲଟ ମଧ୍ୟ କାଶ୍ମୀର ପ୍ରସଙ୍ଗରେ ଆମେରିକାର ହସ୍ତକ୍ଷେପ ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ।

ଦୁଇ ଦେଶ ମଧ୍ୟରେ ହଠାତ୍ ଯୁଦ୍ଧବିରତି ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରି ସଚିନ ପାଇଲଟ୍ କହିଛନ୍ତି, କଂଗ୍ରେସ ଦାବି କରୁଛି ଯେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଉ । ଏହା ସହିତ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ବୈଠକ ଡକାଯିବା ଉଚିତ । ଏଥିସହିତ ବରିଷ୍ଠ କଂଗ୍ରେସ ନେତା ସଚିନ ପାଇଲଟ ଟ୍ରମ୍ପଙ୍କ ଦ୍ୱାରା ପ୍ରଥମେ ଅସ୍ତ୍ରବିରତି ଘୋଷଣାକୁ ନେଇ କହିଛନ୍ତି, ଗତ ୨୪ ଘଣ୍ଟା ମଧ୍ୟରେ ପରିସ୍ଥିତି ବହୁତ ଦ୍ରୁତ ଗତିରେ ବଦଳିଛି, ଏହା ଆଶ୍ଚର୍ଯ୍ୟଜନକ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତି ଘୋଷଣା କରିଛନ୍ତି । ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ଆଶ୍ଚର୍ଯ୍ୟ କରିଛି । କାଶ୍ମୀର ପ୍ରସଙ୍ଗ ଅନ୍ତର୍ଜାତୀୟକରଣ କରିବାକୁ ଉଦ୍ୟମ କରୁଛନ୍ତି ଟ୍ରମ୍ପ । ତେଣୁ କଂଗ୍ରେସ ପାର୍ଟି ସ୍ୱତନ୍ତ୍ର ସଂସଦ ଅଧିବେଶନ ପାଇଁ ଦାବି କରୁଛି । ଆମେ ୧୯୯୪ର ପ୍ରସ୍ତାବକୁ ପୁଣି ଥରେ ପାରିତ କରିବା ଦରକାର । ପାକିସ୍ତାନ ଅଧିକୃତ ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ଆମେ ଏହାକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିବା ଦରକାର ବୋଲି ଦାବି ରଖିଛନ୍ତି ସଚିନ୍ ପାଇଲଟ୍ ।

# ଅପରେସନ ସିନ୍ଦୂରରୁ ଆମେ କ'ଣ ପାଇଲୁ: ଜୟରାମଙ୍କ ପ୍ରଶ୍ନ



ନୂଆଦିଲ୍ଲୀ: ଜୟରାମ ରମେଶ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି । ଯେଉଁଥିରେ ସେ ଅନେକ ପ୍ରଶ୍ନ ପଚାରିଛନ୍ତି । ସେ ପଚାରିଛନ୍ତି ନୂଆଦିଲ୍ଲୀ କ'ଣ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୃତୀୟ ପକ୍ଷ ହସ୍ତକ୍ଷେପ ପାଇଁ ଦ୍ୱାର ଖୋଲି ଦେଇଛି?' ପାକିସ୍ତାନ ସହିତ କୂଟନୈତିକ ଚ୍ୟାନେଲ ଖୋଲାଯାଇଛି କି?

ସେ ଲେଖିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପୁଣିଥରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡକାଯାଉ ବୋଲି ଦାବି କରୁଛି । ସେ ଭାରତ-ପାକିସ୍ତାନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପାଇଁ ଏକ ବୈଠକ ଡକାଯିବା ନେଇ ଦାବି କରିଛନ୍ତି ।

ଜୟରାମ ରମେଶ କେନ୍ଦ୍ର ସରକାରଙ୍କୁ ଅନେକ ପ୍ରଶ୍ନ ପଚାରିଛନ୍ତି, ଯେଉଁଥିରୁ ପ୍ରଥମଟି ହେଉଛି କି ନୂଆଦିଲ୍ଲୀ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୃତୀୟ ପକ୍ଷ ହସ୍ତକ୍ଷେପ ପାଇଁ ଦ୍ୱାର ଖୋଲିଛି କି?


ସେ କହିଛନ୍ତି, କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଡକାଯାଉ ବୋଲି ଦାବି କରୁଛି । ଏହି ବୈଠକରେ ପହଲଗାମ ଆତଙ୍କବାଦୀ ଆକ୍ରମଣଠାରୁ ଆରମ୍ଭ କରି ଯୁଦ୍ଧବିରତି ପର୍ଯ୍ୟନ୍ତ ସବୁକିଛି ଉପରେ ଆଲୋଚନା କରାଯିବା ଉଚିତ ।

ସେ କହିଛନ୍ତି, କଂଗ୍ରେସ ବିଶ୍ୱାସ କରେ ଯେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ଦ୍ୱାରା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଲୋଚନା ପାଇଁ 'ନିରପେକ୍ଷ ମଞ୍ଚ'ର ଉଲ୍ଲେଖ ଅନେକ ପ୍ରଶ୍ନ ଉଠାଇଛି । ସେ ପ୍ରଶ୍ନ କରିଛନ୍ତି ଆମେ ସିମଲା ଚୁକ୍ତିନାମାକୁ ପରିତ୍ୟାଗ କରିଛୁ କି? ଆମେ କ'ଣ ତୃତୀୟ ପକ୍ଷ ମଧ୍ୟସ୍ଥତା ପାଇଁ ଦ୍ୱାର ଖୋଲିଛୁ?

ଭାରତୀୟ ଜାତୀୟ କଂଗ୍ରେସ ପଚାରିବାକୁ ଚାହୁଁଛି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ଚ୍ୟାନେଲଗୁଡ଼ିକ ପୁଣି ଥରେ ଖୋଲାଯାଉଛି କି? ଆମେ ପାକିସ୍ତାନଠାରୁ କେଉଁ ପ୍ରତିଶ୍ରୁତି ମାଗିଛୁ ଏବଂ ଆମକୁ କ'ଣ ମିଳିଛି? । ଅପରେସନ ସିନ୍ଦୂରରୁ ଆମକୁ କ'ଣ ମିଳିଲା ତାହା ସରକାର ପ୍ରକାଶ କରନ୍ତୁ ବୋଲି ସେ କହିଛନ୍ତି ।

## ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ

# ଭାରତ ଚାମ୍ପିଅନ




କଲମ୍ବୋ, ୧୧।୫ (ଏଜେନ୍ସି): ମହିଳା ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ଭାରତ ଚାମ୍ପିଅନ ହୋଇଛି । ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତ ରବିବାର ଫାଇନାଲରେ ଶ୍ରୀଲଙ୍କାକୁ ୯୭ ରନ ବ୍ୟବଧାନରେ ଧରାଶାୟୀ କରି ଏହି ଐତିହାସିକ ସଫଳତା ଲାଭ କରିଛି । ୧୧୬ ରନର ଶତକୀୟ ଇନିଂସ୍ ଖେଳିଥିବା ସ୍ମୃତି ମନ୍ଧାନାଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଏବଂ ଶୃଙ୍ଖଳାରେ ୧୫ ୱିକେଟ ଦଖଲ କରିଥିବା ସ୍ନେହ ରାଣାଙ୍କୁ ପ୍ଲେୟାର ଅଫ୍ ସିରିଜ ବିବେଚିତ କରାଯାଇଥିଲା । ଫାଇନାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ୱିକେଟ ହରାଇ ୩୪୨ ରନର ବିଶାଳ ସ୍କୋର କରିଥିଲା । ଜବାବରେ ଶ୍ରୀଲଙ୍କା ମହିଳା ଦଳ ୪୮.୨ ଓଭରରେ ୨୪୫ ରନ କରି ଅଲଆଉଟ ହୋଇଥିଲା । ଏହି ବୃହତ ବିଜୟ ସହ ଭାରତ ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଜିତିଛି । ଭାରତ, ଶ୍ରୀଲଙ୍କା ଓ ଦ.ଆଫ୍ରିକା ମଧ୍ୟରେ ଏହି ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା ଖେଳାଯାଇଛି ।

ଟସ୍ ଜିତି ଭାରତୀୟ ମହିଳା ଦଳ ଅଧିନାୟିକା ହରମନପ୍ରୀତ କୌର ଆର୍.ପ୍ରେମଦାସା ଷ୍ଟାଡିୟମରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ତେଣୁ ସ୍ମୃତି ମନ୍ଧାନାଙ୍କ ସହ ପ୍ରତୀକା ରାୱଲ ପାଳି ଆରମ୍ଭ କରି ପ୍ରଥମ ୱିକେଟ ପାଇଁ ୭୦ ରନ ସଂଗ୍ରହ କରିଥିଲେ । ପ୍ରତୀକା ୪୯ ବଲରୁ ଦୁଇଟି ଚୌକା ସହାୟତାରେ ୩୦ ରନ କରିଥିବା ବେଳେ ସ୍ମୃତି ମନ୍ଧାନା ଶତକୀୟ ଇନିଂସ୍ ଖେଳିଥିଲେ । ମନ୍ଧାନା ୧୫ଟି ଚୌକା ଓ ଦୁଇଟି ଛକା ସହାୟତାରେ ୧୦୧ ବଲରୁ ୧୧୬ ରନ କରିଥିଲେ । ତାଙ୍କ ବ୍ୟତୀତ ମଧ୍ୟମକ୍ରମରେ ହାର୍ଲିନ୍ ଦେଓଲ ୫୬ ବଲରୁ ୪୭, ହରମନପ୍ରୀତି କୌର ୩୦ ବଲ୍‌ରୁ ୪୧, ଜେମିମା ରୋଡ୍ରିଗୁଏଜ ୨୯ ବଲ୍‌ରୁ ୪୪, ରିଚା ଘୋଷ ୮, ଅମନଜ୍ୟୋତ କୌର ୧୮, ଦିପ୍ତୀ ଶର୍ମା ଅପରାଜିତ ୨୦ ରନ କରିଥିଲେ । ଭାରତ ୫୦ ଓଭରରେ ୭ ୱିକେଟ ହରାଇ ୪୪୨ ରନର ବଡ଼ ସ୍କୋର କରିଥିଲା । ଶ୍ରୀଲଙ୍କା ପକ୍ଷରୁ ମିଲ୍‌କୀ ମାଡାରା, ଦ୍ୟୁମୀ ବିହଙ୍ଗା ଓ ସୁଗନ୍ଧିକା କୁମାରୀ ଦୁଇଟି କରି ୱିକେଟ ସଫଳତା ହାସଲ କରିଥିଲେ ।

୪୪୩ ରନର ବିଜୟଲକ୍ଷ୍ୟକୁ ଶ୍ରୀଲଙ୍କା ଦଳ ପିଛା କରିଥିଲା । ଅମନଜ୍ୟୋତ କୌରଙ୍କ ପ୍ରଥମ ଓଭରର ତୃତୀୟ ବଲ୍‌ରେ ହସିନୀ ପେରେରା ବିନା ସ୍କୋର୍‌ରେ ଆଉଟ ହୋଇଥିଲେ । ଏହାପରେ ମଧ୍ୟମକ୍ରମରେ ଅଧିନାୟିକା ଚାମରୀ ଆଟ୍ଟାପଟ୍ଟୁ ୫୧, ଭିଷ୍ମୀ ଗୁଣରତ୍ନେ ୩୬, ନୀଳକ୍ଷିଖା ସିଲ୍‌ଭା ୪୮, ହର୍ଷିତା ସମରବିକ୍ରମା ୨୬, ଅନୁଷ୍କା ସଂଜୀବନୀ ୨୮ ଓ ସୁଗନ୍ଧିକା କୁମାରୀ ୨୭ ରନ କରିଥିଲେ । ଏହାସତ୍ତ୍ୱେ ଶ୍ରୀଲଙ୍କା ୪୮.୨ ଓଭରରେ ୨୪୫ ରନ କରି ଅଲଆଉଟ ହୋଇଥିଲା । ଭାରତର ସ୍ନେହ ରାଣାଙ୍କୁ ସର୍ବାଧିକ ୪ଟି, ଅମନଜ୍ୟୋତ୍ କୌରଙ୍କୁ ୩ଟି ଓ ଶ୍ରୀଚରଣୀ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

# ମେ ୧୬ରୁ ଆରମ୍ଭ ହୋଇପାରେ ଆଇପିଏଲ୍

ନୂଆଦିଲ୍ଲୀ,୧୧।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଗାମୀ ୧୬ ତାରିଖରୁ ପୁଣି ଆରମ୍ଭ ହେବାର ସମ୍ଭାବନା ରହିଛି । ଭାରତୀୟ କ୍ରିକେଟ୍ ବୋର୍ଡର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଜାତୀୟ ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି ।

ତେବେ ଫାଇନାଲ୍ ମେ ୩୦ କିମ୍ବା ଜୁନ୍ ୧ ତାରିଖରେ ହେବାର ଆଶା କରାଯାଉଛି । ଆଇପିଏଲର ଅବଶିଷ୍ଟ ମ୍ୟାଚ୍ ବିଭିନ୍ନ ସ୍ଥାନରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବନାମ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍ ସହିତ ଆରମ୍ଭ ହେବ । ଏଲଏସଜି ଦଳ ମେ ୧୩ ତାରିଖ ସୁଦ୍ଧା ଏକାଠି ହେବାକୁ ଯାଉଥିବା ନେଇ କୁହାଯାଇଛି ।



୧୮ତମ ସିଜିନର ଉଦଯାପନୀ ମ୍ୟାଚ୍ ମେ ୨୫ ହେବାର ଥିଲା, ଯେଉଁଥିରେ ପରିବର୍ତ୍ତନ କରାଯିବାର ସମ୍ଭାବନା କମ ରହିଛି । ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଡବଲ ହେଡର ମ୍ୟାଚର ଆୟୋଜନ କରିପାରେ । ଉଲ୍ଲେଖନୀୟ ଗୁରୁବାର ବ୍ଲାକଆଉଟ୍ କାରଣରୁ ଧର୍ମଶାଳାରେ ଖେଳା ଯାଇଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ରଦ୍ଦ କରାଯାଇଥିଲା ।

ଇଣ୍ଡିଆନ ଏକ୍ସପ୍ରେସର ରିପୋର୍ଟ ଅନୁଯାୟୀ, ବିସିସିଆଇ ମଙ୍ଗଳବାର ସୁଦ୍ଧା ନିଜର ଦଳଗୁଡ଼ିକୁ ନିଜ ନିଜର ଆୟୋଜନ ସ୍ଥଳରେ ପହଞ୍ଚିବାକୁ କୁହାଯାଇଛି । ପଞ୍ଜାବର ମ୍ୟାଚଗୁଡ଼ିକ ନିରପେକ୍ଷ ସ୍ଥାନରେ ଖେଳାଯିବ, ତେଣୁ ଏହି ଦଳର ଆୟୋଜନ ସ୍ଥଳ ଘୋଷଣା କରାଯିବା ବାକି ରହିଛି । ବୋର୍ଡ ମେ ୨୫ ତାରିଖରେ ଟୁର୍ଣ୍ଣାମେଣ୍ଟ ସାରିବା ପାଇଁ ଅଧିକ ଡବଲ ହେଡର ମ୍ୟାଚ୍ କରିବାକୁ ଯୋଜନା କରିପାରେ । ଏ ନେଇ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ ମଧ୍ୟରେ ବୈଠକ ହେବାକୁ ଯାଉଛି ।

ବିସିସିଆଇର ଉପସଭାପତି ରାଜୀବ ଶୁକ୍ଲା କହିଛନ୍ତି, ଯୁଦ୍ଧ ଥମି ଯାଇଛି । ବିସିସିଆଇ ପଦାଧିକାରୀ, ଅଧିକାରୀ ଓ ଆଇପିଏଲ୍ ସଞ୍ଚାଳନ ପରିଷଦ ରବିବାର ବୈଠକ କରି ଆଇପିଏଲ ପୁନଃ ଆରମ୍ଭ ଉପରେ ନିଷ୍ପତ୍ତି ନେବେ । କୁହାଯାଉଥିଲା ଯେ, ଚେନ୍ନାଇ, ବେଙ୍ଗାଲୁରୁ କିମ୍ବା ହାଇଦ୍ରାବାଦ ପରି ଦକ୍ଷିଣ ଭାରତର କୌଣସି ସହରରେ ଆଇପିଏଲ ଅବଶିଷ୍ଟ ମ୍ୟାଚ୍ ଖେଳା ଯାଇପାରେ । ହେଲେ ଏବେ ଉତ୍ତେଜନା କମି ଯାଇଥିବାରୁ ନୂଆ କାର୍ଯ୍ୟସୂଚୀ ସହ ଭେନ୍ୟୁର ଘୋଷଣା ଶୀଘ୍ର ହୋଇପାରେ ।

## ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ

# ଓଡ଼ିଶାକୁ ଦୁଇ ବ୍ରୋଞ୍ଜ ପଦକ



ଭୁବନେଶ୍ୱର, ୧୧।୫ (ସବ୍ୟୁ): ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟର ନ୍ୟାସ୍‌ନାଲ୍ ପ୍ରତିଯୋଗିତରେ ଓଡ଼ିଶାର ଦଇ ଜଣ ପ୍ରତିଯୋଗୀଙ୍କୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି । ଦୀପ୍ରଞ୍ଜନ ବିଶୋଇ ଏସ୍ଏଲ୍ ୩ – ଏସ୍‌ୟୁ ୫ ମିକ୍ସଡ ଡବଲ୍ସ ବର୍ଗରେ ୟୁକ୍ରେନ୍‌ର ଓକ୍ସାନା କୋଜିନାଙ୍କୁ ସାଥୀ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିଭଳି ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଶୁଭ୍ରଜିତ୍ ମହାରଣା ଓ ବିଟୁ କୁମାରଙ୍କ ଯୋଡ଼ି ପୁରୁଷ ଡବଲ୍ସ ଏସ୍ଏଲ୍– ୩ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଦୁଇ ପଦକ ବିଜେତା ଶୁଭ୍ରଜିତ ମହାରଣା ଓ ଦୀପ୍ରଞ୍ଜନ ବିଶୋଇ ଓଡ଼ିଶା ସରକାର, କ୍ରୀଡ଼ା ବିଭାଗ, ରାଜ୍ୟ ପାରା ସ୍ପୋର୍ଟ୍ସ ଆସୋସିଏସନ୍‌କୁ ପଦକ ସଫଳତା ପାଇଁ ଧନ୍ୟବାଦ ଜଣାଇନ୍ତି ।

# ଆଉ କେବେ ପାକିସ୍ତାନ ଯିବୁନି

ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ଭାରତ–ପାକ୍ ଯୁଦ୍ଧ ମଧ୍ୟରେ ପାକିସ୍ତାନ ସୁପର ଲିଗ୍ ପିଏସ୍ଏଲ୍‌ର ଖେଳାଳିମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ବାଂଲାଦେଶ ଲେଗ୍‌ସ୍ପିନର ରିସାଦ ହୋସେନ କହିଛନ୍ତି, ପିଏସଏଲ୍ ସ୍ଥଗିତ ହେବାପରେ ସେ ଏବଂ ଅନ୍ୟ ଖେଳାଳିମାନେ ବଡ଼ କଷ୍ଟରେ ଦୁବାଇ ପହଞ୍ଚିବା ପରେ ଆଶ୍ୱସ୍ତି ଅନୁଭବ କରିଛନ୍ତି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ପରେ ପାକିସ୍ତାନ କ୍ରିକେଟ ବୋର୍ଡ଼ ଶୁକ୍ରବାର ପିଏସ୍ଏଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ଘୋଷଣା କରିଥିଲା । ଦୁଇ ଦେଶ ମଧ୍ୟରେ ଉତେଜନା ସମୟରେ ବିସିସିଆଇ ମଧ୍ୟ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିଥିଲା ।

ରିଆଦ କହିଛନ୍ତି, ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଥିଲା ସେତେବେଳେ ନ୍ୟୁଜିଲାଣ୍ଡର ବ୍ୟାଟିଂ ଅଲରାଉଣ୍ଡର ଡାର୍ଲି ମିଚେଲ ତାଙ୍କୁ କହିଥିଲେ ଯେ ସେ ଆଉ କେବେ ପାକିସ୍ତାନ ଆସିବେ ନାହିଁ । ସମସ୍ତ ବିଦେଶୀ ଖେଳାଳି ଭୟଭୀତ ହୋଇପଡ଼ିଥିଲେ । ରିସାଦ କ୍ରିକ୍‌ବଜ୍‌କୁ କହିଛନ୍ତି, ସାମ ବିଲିଙ୍ଗସ୍, ଡାର୍ଲି ମିଚେଲ, କୁଶଲ ପେରେରା, ଡେଭିଡ୍ ୱିଲ୍ସ, ଟମ୍ କୁରନଙ୍କ ଭଳି ବିଦେଶୀ ଖେଳାଳି ପିଏସ୍ଏଲ୍‌ରେ ଖେଳୁଥିଲେ । ସେମାନେ ସମସ୍ତେ ଡରିଯାଇଛନ୍ତି । ଦୁବାଇ ପହଞ୍ଚିବା ପରେ ମିଚେଲ କହିଲେ ଯେ ସେ ଆଉ କେବେ ପାକିସ୍ତାନ ଆସିବେ ନାହିଁ । ବିଶେଷକରି ଏପରି ସ୍ଥିତିରେ ସମସ୍ତେ ଭୟଭୀତ ଅଛନ୍ତି । ଏପରିକି ଇଂଲଣ୍ଡ କ୍ରିକେଟର କୁରନ ଚିନ୍ତାରେ କାନ୍ଦିଥିଲେ । ତାଙ୍କୁ ଶାନ୍ତ୍ୱନା ଦେବା ଖୁବ୍ କଷ୍ଟକର ହୋଇଥିଲା ବୋଲି ରିଷଦ କହିଛନ୍ତି ।

ଉଡ଼ାଣର ୨୦ ମିନିଟ ପରେ ଶୁଣିବାକୁ ମିଳିଥିଲା ଯେ ଏକ ମିସାଇଲ ମାଡ଼ ହୋଇଛି । ସେତେବେଳେ ଆମକୁ ସବୁଠୁ ବଡ଼ ଝଟ୍‌କା ଲାଗିଥିଲା । କେବଳ ଭଗବାନଙ୍କୁ ଡାକୁଥିଲୁ ସୁରକ୍ଷିତ ଭାବେ ଆମକୁ ଦୁବାଇ ପହଞ୍ଚାଇ ଦିଅନ୍ତୁ ।



କ୍ରିକେଟର ପ୍ରଜ୍ଞାନ ଓଝା କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ପ୍ରଜ୍ଞାନ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରୀକ ବିକାଶ ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟରେ ତୃଣମୂଳସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ କ୍ରୀଡ଼ା ପ୍ରତିଭାଙ୍କ ବିକାଶ ନିମନ୍ତେ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା ହୋଇଥିଲା । କ୍ରୀଡ଼ାମନ୍ତ୍ରୀ କହିଛନ୍ତି, କ୍ରିକେଟ ମାଧ୍ୟମରେ ଗୌରବ ଅର୍ଜନ କରିଥିବା ପ୍ରଜ୍ଞାନ ଓଝାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ହୋଇଛି । ତାଙ୍କ ଅଭିଜ୍ଞତାକୁ ବ୍ୟବହାର କରି ରାଜ୍ୟ ତଥା ଦେଶର କ୍ରୀଡ଼ା କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ସେ ନିଜର ସେବା ପ୍ରଦାନ ଜାରି ରଖିବେ ବୋଲି ଆଶାବ୍ୟକ୍ତ କରୁଛି ।

# ଲାରାଙ୍କ ପୋଷ୍ଟ ଭାଇରାଲ

ନୂଆଦିଲ୍ଲୀ, ୧୧।୫ (ଏଜେନ୍ସି): ଆଗାମୀ ଜୁନ ମାସରେ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବା ପାଇଁ ଇଂଲଣ୍ଡ ଯିବ । ରୋହିତ ଶର୍ମା ଟେଷ୍ଟରୁ ଅବସର ନେଇସାରିଛନ୍ତି । ଏବେ କୋହଲିଙ୍କ ଅବସର ନେଇ ଚର୍ଚ୍ଚା ଜୋର ଧରିଛି । ଏହି ଅବସରରେ ଇଣ୍ଡିଜର ମହାନ କ୍ରିକେଟର ବ୍ରାଏନ୍ ଲାରାଙ୍କ ଏକ ପୋଷ୍ଟ ଭାଇରାଲ ହେବାରେ ଲାଗିଛି । ସେ କୋହଲିଙ୍କୁ ଅବସର ନନେବା ପାଇଁ ପରାମର୍ଶ ଦେବା ସହ ବିଶ୍ୱ କ୍ରିକେଟ୍‌ରେ କୋହଲିଙ୍କ ଆବଶ୍ୟକତା ରହିଛି ବୋଲି କହିଛନ୍ତି । ତାଙ୍କୁ ମନାଇବା ଆମର କର୍ତ୍ତବ୍ୟ ବୋଲି ଲାରା କହିଛନ୍ତି । ଲାରା ଅନ୍ତର୍ଜାତୀୟ ଟେଷ୍ଟ କ୍ୟାରିୟର୍‌ରେ ୫୨.୮୮ ହାରରେ ୧୧,୯୫୩ ରନ ସଂଗ୍ରହ କରିଥିଲେ । କୋହଲିଙ୍କ ପ୍ରଦର୍ଶନ ଟେଷ୍ଟ କ୍ୟାରିୟରରେ ଭଲ ନାହିଁ । ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳାରେ କୋହଲି ପ୍ରଥମ ଟେଷ୍ଟରେ ଶତକ ହାସଲ କରିବା ପରେ ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରେ ବିଫଳ ହୋଇଥିଲେ । ରୋହିତଙ୍କ ଅବସର ପରେ କୋହଲି ଏବେ ନୂଆ ଅଧିନାୟକଙ୍କ ସହ ଖେଳିବେ । ଟେଷ୍ଟ କ୍ରିକେଟରେ ୧୦ହଜାର ରନ ପୂରଣ କରିବା ପାଇଁ ୭୭୦ ରନର ଆବଶ୍ୟକତା ରହିଛି । ସେ ୧୨୩ ଟେଷ୍ଟରେ ୪୬.୮୫ ହାରରେ ୯୨୩୦ ରନ ସଂଗ୍ରହ କରିଛନ୍ତି । ଏଥିରେ ୩୦ଟି ଶତକ ସାମିଲ ଅଛି । ଜୁନ୍ ୨୦ରୁ ହେଡିଙ୍ଗ୍‌ଲେରେ ଭାରତ–ଇଂଲଣ୍ଡ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଆରମ୍ଭ ହେବ ।

## ନଳିନୀକାନ୍ତ ସ୍ମାରକୀ ରାଜ୍ୟ ଓପନ ଚେସ୍

# ଦିପ୍ତୀରଞ୍ଜନ ବିଜେତା



ଭୁବନେଶ୍ୱର, ୧୧।୫ (ସବ୍ୟୁ): କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ତୃତୀୟ ନଳିନୀକାନ୍ତ ଆଚାର୍ଯ୍ୟ ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି । ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଯାଜପୁରର ଦିପ୍ତୀରଞ୍ଜନ ନାୟକ ୪.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି । ମନୀଷ ରଞ୍ଜନ ଦାସ ଦ୍ୱିତୀୟ, ଦିବ୍ୟ ଦାସ ତୃତୀୟ, ସଚେତନ ପରିଡ଼ା ଚତୁର୍ଥ, ପ୍ରିୟଦର୍ଶନ ରାୟ ୫ମ, ଅନୀସ ପଣ୍ଡା ୬ଷ୍ଠ ଓ ଲୋହିତ ପାଢ଼ୀ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ଏତଦ୍‌ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ୭ ଜଣଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସପାଲ ସର୍ବେଶ୍ୱର ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସଙ୍ଗୀତା ଷଡ଼ଙ୍ଗୀ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ସ୍ୱର୍ଗତ ନଳିନୀକାନ୍ତ ଆଚାର୍ଯ୍ୟ ଝିଅ ଶିବାଙ୍ଗୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ୧୭ ବର୍ଷରୁ କମ ୟୁଥ୍ ଲିଗ୍ : ବିଡ଼ାନାସୀ କ୍ଲବ୍‌କୁ ହରାଇଲା ଫାଓ ଏକାଡେମୀ




ଭୁବନେଶ୍ୱର, ୧୧।୫ (ସବ୍ୟୁ): କଟକରେ ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ୧୭ ବର୍ଷରୁ କମ ୟୁଥ୍ ଲିଗ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । କଟକ ଓ ଭୁବନେଶ୍ୱର ଦୁଇଟି ଡିଭିଜନର ଦଳଗୁଡ଼ିକୁ ନେଇ ଏହି ପ୍ରତିଯୋଗିତା ହେଉଛି । ପ୍ରଥମ ଦିନ ଫାଓ ଏକାଡେମୀ ଓ ବିଡ଼ାନାସୀ କ୍ଲବ୍ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିଥିଲା । ଏହି ମ୍ୟାଚ୍‌ରେ ଫାଓ ଏକାଡେମୀ ୪–୨ ଗୋଲ୍‌ରେ ବିଡ଼ାନାସୀ କ୍ଲବ୍‌କୁ ଧରାଶାୟୀ କରିଥିଲା । ଫାଓ ଏକାଡେମୀର ଇଶାନ୍ତ କୁଜୁର ୨୫ ଓ ୩୭ତମ ମିନିଟ୍‌ରେ ଦୁଇଟି, ବିଶ୍ୱଜିତ ତନ୍ତି ୫୧ ମିନିଟ୍‌ରେ ଗୋଟିଏ ଓ ସାହିଲ ସାରେନ ୫୯ତମ ମିନିଟ୍‌ରେ ଗୋଲସ୍କୋର କରିଥିଲେ । ବିଡ଼ାନାସୀ ପକ୍ଷରୁ ରୋନକ ରୋସନ ସାମଲ ୩୧ତମ ମିନିଟ ଓ ସ୍ୱାଧୀନ ମର୍ମୁ ୭୫ତମ ମିନିଟ୍‌ରେ ଗୋଲ୍ କରିଥିଲେ । ଅତିଥି ଭାବେ କାର୍ତ୍ତିକ ବେହେରା, ଚିତ୍ତରଞ୍ଜନ ବେହେରା, ବିଶ୍ୱଜିତ ପଡ଼ିଆରୀ ଏବଂ ନିପେନ୍ଦ୍ର ଦାସ ଯୋଗ ଦେଇଥିଲେ ।

# କୋହଲିଙ୍କୁ ବୁଝାଇବାରେ ବିସିସିଆଇ ବିଫଳ !



ନୂଆଦିଲ୍ଲୀ,୧୧।୫(ଏଜେନ୍ସି): ବିରାଟ କୋହଲି ଭାରତର ଆଗାମୀ ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ପ୍ରସ୍ତୁତ ଅଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆ ରିପୋର୍ଟ ଅନୁଯାୟୀ, ପୂର୍ବତନ ଭାରତୀୟ ଅଧିନାୟକ ବିସିସିଆଇକୁ ତାଙ୍କର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇସାରିଛନ୍ତି । ତଥାପି, ବୋର୍ଡ ତାଙ୍କୁ ପୁନର୍ବିଚାର କରିବାକୁ ବୁଝାଇବାକୁ ଚେଷ୍ଟା ଜାରି ରଖିଛି । କିନ୍ତୁ ରିପୋର୍ଟ ଅନୁଯାୟୀ, କୋହଲି ତାଙ୍କ ନିଷ୍ପତ୍ତିରେ ଅଟଳ ଅଛନ୍ତି ।

କୋହଲି ଦୁଇ ସପ୍ତାହ ପୂର୍ବେ ଚୟନକର୍ତ୍ତାଙ୍କୁ ଟେଷ୍ଟ ଛାଡ଼ିବାର ଇଚ୍ଛା ବିଷୟରେ ସୂଚନା ଦେଇଥିଲେ । ସେମାନେ ତାଙ୍କୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଖେଳିବାକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ତଥାପି, ସେ ତାଙ୍କ ନିଷ୍ପତ୍ତିରେ ଅଟଳ ଅଛନ୍ତି । ଅନ୍ତିମ ନିଷ୍ପତ୍ତି ଆଗାମୀ ସପ୍ତାହରେ ଚୟନ ବୈଠକ ପାଖାପାଖି ହେବ । କୋହଲିଙ୍କଠାରୁ ଅନ୍ତିମ ନିଷ୍ପତ୍ତିର ଅପେକ୍ଷା କରାଯାଉଥିବା ବେଳେ, ଦେଶର ପ୍ରଶଂସକମାନେ ଆଶା କରୁଛନ୍ତି ଯେ ସେ ରେଡ୍–ବଲ କ୍ରିକେଟକୁ ଅଲବିଦା କହିବା ପୂର୍ବରୁ ଅତି କମରେ ଆଉ ଏକ ଟେଷ୍ଟ ସିରିଜରେ ଖେଳିବେ ।

ବିରାଟ କୋହଲି ସବୁଠାରୁ ଲମ୍ବା ଫର୍ମାଟରୁ ଦୂରେଇ ରହିବାକୁ ନିଷ୍ପତ୍ତିରେ ଅଟଳ ରହିଛନ୍ତି, ଯଦିଓ ବିସିସିଆଇ ତାଙ୍କ ମନ ପରିବର୍ତ୍ତନ ହେବ ବୋଲି ଆଶା ରଖିଛି । କୋହଲି ଅବସର ନେବାର ଇଚ୍ଛା ପ୍ରକାଶ କରିବା ପରଠାରୁ ବୋର୍ଡ ତାଙ୍କ ସହ ନିରନ୍ତର ଆଲୋଚନା ଜାରି ରଖିଛି ।

# ୩୭ତମ ଉପକନିଷ୍ଠ କ୍ୟାଡେଟ, ଜୁନିଅର ରାଜ୍ୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ

## ଭୁବନେଶ୍ୱର ଦଳଗତ ଚାମ୍ପିଅନ




ଭୁବନେଶ୍ୱର, ୧୧।୫ (ସବ୍ୟୁ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୩ ଦିନ ଧରି ଆୟୋଜିତ ୩୭ତମ ଉପକନିଷ୍ଠ କ୍ୟାଡେଟ୍ ଓ ଜୁନିଅର କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ସର୍ବମୋଟ ୧୩୯ ପଦକ ଲାଭ କରି ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛି । ବାଲେଶ୍ୱର ୩୫ଟି ପଦକ ହାସଲ କରି ରନର୍ସଅପ୍ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲ୍ଲାରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

ଶେଷଦିନ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟଅତିଥି, ବିଜେପି ନେତା ପ୍ରଦ୍ୟୁମ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କରାଟେ କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍ ବହୁବର୍ଷ ଧରି ନିୟମିତ ଭାବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ଲାଭକରି ରାଜ୍ୟକୁ ଗୌରବାନ୍ୱିତ କରୁଥିବାରୁ ମୁଖ୍ୟଅତିଥି ରାଜ୍ୟ କରାଟେ ସଂଘକୁ ପ୍ରଶଂସା କରିଥିଲେ ।

ଅନ୍ୟ ଅତିଥିଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ସନତ ନାୟକ, ହରିପ୍ରସାଦ ପଟ୍ଟନାୟକ, ଖାରବେଳ ମଲ୍ଲିକ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂହ, ମହେଶ ବରାଳ, ଦୀପକ ସାମନ୍ତରା, ଏସ୍ଆର୍ ସାସ୍ମଲ, ଗୋପାଳ ଦାସ, ଏନ୍‌ବି ପଟ୍ଟନାୟକ, ଉମାକାନ୍ତ ବେହେରା, ସୁବାସିଷ ମହାପାତ୍ର, ଅରବିନ୍ଦ ବାରିକ, ସୁରେଶ ଜାଲ, ହୃଦୟ ଶବର, ଗୋପାଳ ଦୀପ, ଗଣେଶଚନ୍ଦ୍ର ବେହେରା, ମଞ୍ଜୁ ଯୋଶୀ, ସର୍ବେସ୍ ଅଗ୍ରୱାଲ, ସୁମନ୍ତ ପଣ୍ଡା, ଧର୍ମେନ୍ଦ୍ର ସିଂହ, କ୍ରିଷ୍ଣା ଶିକାରୀ, ପ୍ରଦୀପ ଦେ, ଆଦିତ୍ୟ ମିଶ୍ର ପ୍ରମୁଖ ଅଫିସିଆଲ ଉପସ୍ଥିତ ଥିଲେ । ପ୍ରତିଯୋଗିତାକୁ ସନ୍ଦୀପ ଦାସ, ସପନ ମିଶ୍ର, ସନ୍ତୋଷ ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

ସୂଚନା

ସମୟ BHIM BHARAT INTERFACE FOR MONEY SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି